R.N.I. REGN. No. 65000/96 POSTAL REGN. No. OI

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୨
ତିଥି: ତ୍ରୟୋଦଶୀ
୨୭ ଜୁଲାଇ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 292
27 July 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur






## ଅଧରପଣା ନୀତି ସମ୍ପନ୍ନ

### ଆଜି ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ

ପୁରୀ,୨୬।୭,(ସବ୍ୟୁ): ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ସୁନାବେଶ ପର ଦିନ ଦ୍ୱାଦଶୀ ତିଥିରେ ତିନି ରଥ ଉପରେ ରଥାରୁଢ଼ ବିଗ୍ରହମାନଙ୍କର ଅଧର ଧର ପଣା ନୀତି ଅନୁଷ୍ଠିତ ହୋଇଛି। ନିଳାଦ୍ରୀ ବିଜେ ପୂର୍ବ ଦିନ ରଥ ଉପରେ ବିଗ୍ରହମାନ ଙ୍କର ଅଧର ପଣା ନୀତି ହୋଇ ଥାଏ। ରଥାରୁଢ଼ ବିଗ୍ରହମାନଙ୍କର ଦୈନନ୍ଦିନ ନୀତି କାନ୍ତି ଆଜି ରଥରେ ଉପରେ ଅନୁଷ୍ଠିତ ହୋଇ ଥିଲା। ବିଭିନ୍ନ ନୀତିକାନ୍ତି ପରେ ସନ୍ଧ୍ୟାରେ ଅଧର ପଣା ନୀତି ଅନୁଷ୍ଠିତ ହୋଇ ଥିଲା। ପରମ୍ପରା ଅନୁଯାଇ ତିନି ରଥ ଉପରେ ବିଗ୍ରହମାନଙ୍କର ଓଠ ବା ଅଧର ପର୍ଯ୍ୟନ୍ତ ୩ ଗୋଟି ମାଟିରେ ନିର୍ମିତ କୁଡୁଆ ବା ଡୁମ୍ବ ରଖା ଯାଇଥିଲା। ଡୁମ୍ବ ଗୁଡିକରେ ଛାଉଣୀ ମଠ ନିକଟରେ ଥିବା କୂଅରୁ ପାଣି ଅଣା ଯାଇ ପୂର୍ଣ୍ଣ କରାଯାଇଥିଲା । ଏହି ପଣାରେ କ୍ଷୀର, ଛାଛ, ସର, କଦଳୀ, ଛେନା, ଗୋଲମରିଚ, କର୍ପୂର, ଜାଇଫଳ ଆଦି ୯ ପ୍ରକାର ବ୍ୟଞ୍ଜନ ମିଶ୍ରଣ କରାଯାଇଥିଲା। ବିଗ୍ରହମାନଙ୍କୁ ପଣା ସମର୍ପଣ ପରେ ଉକ୍ତ ମାଟି କୁଡୁଆ ଡୁମ୍ବ ଗୁଡିକୁ ରଥ ଚତୁଃପାର୍ଶ୍ୱରେ ଥିବା ଦେବା ଦେବୀ, ଚଣ୍ଡି, ଚାମୁଣ୍ଡାଙ୍କର ଉଦ୍ଦେଶ୍ୟରେ ଭଙ୍ଗା ଯାଇଥିଲା । (୯ ପୃଷ୍ଠାରେ)

# ଆଜି ଗଭୀର ଅବପାତ

- ତିନି ଜିଲ୍ଲାକୁ ଭୀଷଣ ବର୍ଷା ଲାଗି ରେଡ ୱାର୍ଣ୍ଣିଂ
- ଆଉ ୪୮ ଘଣ୍ଟା ଉତ୍ତରରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୬।୭,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ତେବେ ଉପକୂଳ ଓ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ଜଣାପଡିଛି। ଆଉ ୪୮ ଘଣ୍ଟା ଭୀଷଣ ବର୍ଷା ଲାଗି ସତର୍କ ସୂଚନା ଜାରି ହୋଇଛି। ଆସନ୍ତାକାଲି (ସୋମବାର) ୩ ଜିଲ୍ଲାକୁ ଭାରି ବର୍ଷା ହେବା ନେଇ ରେଡ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନୀ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ଅବପାତ ରହିଛି। ଏହା ସନ୍ଧ୍ୟା ୫.୩୦ ସୁଦ୍ଧା ଘଣ୍ଟା ପ୍ରତି ୫ କିମି ବେଗରେ (୯ ପୃଷ୍ଠାରେ)

### ଆଜି ମୟୂରଭଞ୍ଜ, ଜଗତସିଂହପୁରରେ ସ୍କୁଲ ଛୁଟି

ଭୁବନେଶ୍ୱର,୨୬।୭,(ସବ୍ୟୁ): ଅବପାତ ଯୋଗୁ ପ୍ରବଳ ବର୍ଷା ଲାଗି ଆସନ୍ତାକାଲି(ସୋମବାର) ଜଗତସିଂହପୁର ଓ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡି ଛୁଟି ଘୋଷଣା ହୋଇଛି । ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ସହ ଉଚ୍ଚ ମାଧ୍ୟମିକ ସ୍କୁଲ ବନ୍ଦ ରହିବ । ଓଏଭି ଓ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି । ଏନେଇ ଜଗତସିଂହପୁର ଜିଲ୍ଲାପାଳ (୯ ପୃଷ୍ଠାରେ)

### ରାଜ୍ୟଗୋଷ୍ଠୀ କ୍ରୀଡା : ମଣିପୁରର ମଣି

## ସ୍ୱର୍ଣ୍ଣ ଜିତିଲେ ମୀରାବାଈ



ନୂଆଦିଲ୍ଲୀ, ୨୬।୭(ଏଜେନ୍ସି) : ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଛନ୍ତି ମହିଳା ଭାରତ୍ତୋଳନର ରାଣୀ ମୀରାବାଈ ଚାନୁ। ମହିଳା ୪୮ କିଲୋଗ୍ରାମ ବର୍ଗରେ ମୀରାବାଈଙ୍କ ପ୍ରଦର୍ଶନ ସମସ୍ତଙ୍କୁ ଚକିତ କରିଛି। ମୀରାବାଈ ସ୍ନାଚରେ ୮୫ କିଲୋଗ୍ରାମ ଏବଂ କ୍ଲିନ୍ ଓ ଜର୍କରେ ୧୦୫ କିଲୋଗ୍ରାମ ଏପରି ମୋଟ ୧୯୦ କେଜି ଭାର ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି। ଏହି ସ୍ୱର୍ଣ୍ଣିମ ସଫଳତା ସହ ମୀରାବାଈ ଭାରତୀୟ ଭାରୋତ୍ତୋଳନରେ ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ସେ ପ୍ରଥମ ମହିଳା ପ୍ରତିଯୋଗୀ ଭାବେ ଭାରୋତ୍ତୋଳନରେ ରାଜ୍ୟଗୋଷ୍ଠୀ କ୍ରୀଡା ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଭାରତର ତୃତୀୟ ପ୍ରତିଯୋଗୀ ଭାବେ ୩ ଟି ଭିନ୍ନଭିନ୍ନ କ୍ରୀଡାରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ହାତେଇଛନ୍ତି। ପୁରୁଷ କୁସ୍ତି ଯୋଦ୍ଧା ସୁଶିଲକୁମାର (୯ ପୃଷ୍ଠାରେ)

### କାରଗିଲ ବିଜୟ ଦିବସ

## ବୀର ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ,୨୬।୭: କାର୍ଗିଲ ବିଜୟ ଦିବସରେ, ସମଗ୍ର ଦେଶ ଭାରତୀୟ ସେନାର ସୈନିକଙ୍କ ବୀରତ୍ୱ ଏବଂ ସାହସକୁ ଶ୍ରଦ୍ଧାଞ୍ଜଳି ଦେଉଛି। ରବିବାର ୨୭ତମ କାର୍ଗିଲ ବିଜୟ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୀର ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାର୍ଗିଲ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି, କାର୍ଗିଲ ବିଜୟ ଦିବସ ଅବସରରେ, ମୁଁ ମାତୃଭୂମିକୁ ରକ୍ଷା କରିବା ପାଇଁ (୯ ପୃଷ୍ଠାରେ)

## ଦକ୍ଷିଣ ଚୀନ୍ ସାଗରରେ ବୁଡିଲା ଭିଏତନାମ ଜାହାଜ: ୨୩ ନିଖୋଜ



ବେଜିଂ,୨୬।୭: ଦକ୍ଷିଣ ଚୀନ୍ ସାଗରରେ ଏକ ଭିଏତନାମୀ ମାଲବାହୀ ଜାହାଜ ବୁଡ଼ିଯିବା ପରେ ୨୩ ଜଣ ନିଖୋଜ ଥିବାବେଳେ ୩୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଚୀନ୍ର ସରକାରୀ ଗଣମାଧ୍ୟମ ସିସିଟିଭି ଓ ସିନ୍ହୁଆ ଏହି ସୂଚନା ଦେଇଛନ୍ତି। ନିଖୋଜ ନାବିକମାନଙ୍କ ସନ୍ଧାନ ପାଇଁ ଚୀନ୍ ଓ ଭିଏତନାମର ଉଦ୍ଧାରକାରୀ ଦଳ ମିଳିତ ଭାବେ ଅଭିଯାନ ଜାରି ରଖିଛନ୍ତି। 'ଖୋଇ ନୁଗୁଏନ୍-୧୮' ନାମକ ଭିଏତନାମରେ ପଞ୍ଜୀକୃତ ଏହି ମାଲବାହୀ ଜାହାଜରେ ମୋଟ ୬୨ ଜଣ ଥିଲେ। ଶନିବାର ସନ୍ଧ୍ୟାରେ ଦକ୍ଷିଣ ଚୀନ୍ ସାଗରର ୟୋଙ୍ଗସୁ ରିଫ୍ (ଫାଏରି କ୍ରସ୍ ରିଫ୍) ନିକଟରେ ଜାହାଜଟି ବିପଦରେ ପଡ଼ିଥିଲା। ସ୍ଥାନୀୟ ସମୟ ସନ୍ଧ୍ୟା ପ୍ରାୟ ୬ଟା ୨୩ ମିନିଟ୍ରେ ଚୀନ୍ର ଉଦ୍ଧାରକାରୀ ଜାହାଜ 'ନାନ୍ହାଇ ଜିଉ-୧୧୫' ପ୍ରଥମେ ଜାହାଜରୁ ପଠାଯାଇଥିବା ବିପଦ ସଙ୍କେତ ଚିହ୍ନଟ କରିଥିଲା। ଏହାପରେ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଉଦ୍ଧାର କାର୍ଯ୍ୟରେ ଚୀନ୍ର ୬ଟି ଜାହାଜ, ଗୋଟିଏ ଉଦ୍ଧାରକାରୀ ହେଲିକପ୍ଟର ଓ ଭିଏତନାମର ଗୋଟିଏ ଜାହାଜ ନିୟୋଜିତ ହୋଇଛି। ପ୍ରଥମେ ୩୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପରେ ହେଲିକପ୍ଟର ସହାୟତାରେ ଆଉ ଦୁଇ ଜଣଙ୍କୁ ଜୀବିତ ଉଦ୍ଧାର କରାଯିବା ପରେ ମୋଟ ଉଦ୍ଧାର ସଂଖ୍ୟା ୩୯ରେ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଭିଏତନାମ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ରବିବାର ମଧ୍ୟାହ୍ନ ସୁଦ୍ଧା ଜୀବିତ ଉଦ୍ଧାର ହୋଇଥିବା ଲୋକଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ତଥାପି ଅନ୍ୟ ନିଖୋଜଙ୍କ ସନ୍ଧାନ ଜାରି ରହିଛି।ପ୍ରାୟ ୭୦ ମିଟର ଲମ୍ବ ବିଶିଷ୍ଟ ଏହି ଜାହାଜ କେଉଁ କାରଣରୁ ବୁଡ଼ିଗଲା, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ପଷ୍ଟୀକରଣ ମିଳିନାହିଁ। ଘଟଣାସ୍ଥଳ ସ୍ପ୍ରାଟଲି ଦ୍ୱୀପପୁଞ୍ଜ ନିକଟରେ ଥିବାରୁ ଏହା ଏକ ସମ୍ବେଦନଶୀଳ ସାମୁଦ୍ରିକ ଅଞ୍ଚଳ। ଦକ୍ଷିଣ ଚୀନ୍ ସାଗରର ଏହି ଅଞ୍ଚଳ ଉପରେ ଚୀନ୍, ଭିଏତନାମ, ଫିଲିପାଇନ୍ସ, ମାଲେସିଆ, ବ୍ରୁନେଇ ଓ ତାଇୱାନ୍ ନିଜ ନିଜର ଦାବି କରିଆସୁଛନ୍ତି। ଏହି ବିବାଦ ମଧ୍ୟରେ ଘଟିଥିବା ଏହି ଦୁର୍ଘଟଣା ଉପରେ ସମଗ୍ର ଅଞ୍ଚଳର ନଜର ରହିଛି।

### ବଜ୍ରପାତରେ ଚାଲିଗଲା ବାପ, ପୁଅଙ୍କ ଜୀବନ

କାମାକ୍ଷାନଗର,୨୬।୭(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଲିପଡା ଗ୍ରାମରେ ଦୁଃଖଦ ଘଟଣା ଘଟିଯାଇଛି । ବାପ ,ପୁଅ ବିଲରେ ଧାନ ରୋଇବାକୁ ଯାଇଥିବା ବେଳେ ବଜ୍ରପାତରେ ଉଭୟଙ୍କ ଜୀବନ ଚାଲିଯାଇଛି । ବାଲିପଡା ଗ୍ରାମର ସନ୍ତୋଷ ଦେହୁରୀ ଆଜି ଦ୍ୱିପହର ସମୟରେ ଗାଁ ନିକଟରେ ଥିବା ଗୋରଡିଆ ଜମିକୁ ଧାନ ରୋଇବାକୁ ପୁଅ ସତ୍ୟନାରାୟଣଙ୍କୁ ନେଇ ଯାଇଥିଲେ ।ସେଠାରେ ବାପା ଓ ପୁଅ ଧାନ ରୋଇବା ସମୟରେ ହଠାତ ବଜ୍ରପାତ ହୋଇଥିଲା ।ଫଳରେ ଉଭୟ ବିଲ ଭିତରେ ଟଳି ପଡ଼ିଥିଲେ । ନିକଟରେ ଥିବା କିଛି ସ୍ଥାନୀୟ ଲୋକ ଏହାଦେଖି ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।ଖବର ପାଇ ପରିବାର ଲୋକ ମେଡିକାଲରେ ପହଞ୍ଚିଥିବା ବେଳେ ବଜ୍ରପାତରେ ବାପା ଓ ପୁଅ ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ସନ୍ତୋଷ ଦେହୁରୀ ପରିବାରର ମୁଖ୍ୟ ରୋଜଗାରିଆ ହୋଇଥିବାବେଳେ ଯୁବକ ପୁଅ ସତ୍ୟନାରାୟଣ ବାପାଙ୍କ ସହ ଚାଷ କାମରେ ସହଯୋଗ କରୁଥିଲେ। ଗୋଟିଏ ମୁହୂର୍ତ୍ତରେ ଉଭୟଙ୍କୁ ହରାଇ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଘରେ କୋହଭରା ପରିବେଶ ସୃଷ୍ଟି ହୋଇଥିବାବେଳେ ବାଲିପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ କାମାକ୍ଷାନଗର ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜ୍ୟୋତିର୍ମୟୀ ଇଣ୍ଡିଆନ ଆଇଡଲ ଚାମ୍ପିଅନ




ଭୁବନେଶ୍ୱର,୨୬।୭,(ସବ୍ୟୁ): ୯ ମାସ, ଶହ ଶହ ସ୍ୱର, ହଜାର ହଜାର କରତାଳି ଏବଂ ଲକ୍ଷ୍ୟ ଲକ୍ଷ୍ୟ ପ୍ରାର୍ଥନା ପରେ ଇଣ୍ଡିଆନ୍ ଆଇଡଲ ସିଜିନ-୧୬ ସଂସ୍କରଣରେ ତାର ନୂତନ ତାରକା ପାଇଲା ଓଡ଼ିଶା। ଜାତୀୟ ସ୍ତରୀୟ ଟେଲିଭିଜନ ରିଏଲିଟି ସୋ'ରେ ଓଡ଼ିଆ ଝିଅ ଚମକିଛନ୍ତି। 'ଇଣ୍ଡିଆନ୍ ଆଇଡଲ'ର ୧୬ତମ ସଂସ୍କରଣରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକ ବଡ଼ ସଫଳତା ହାସଲ କରିଛନ୍ତି। ଜ୍ୟୋତିର୍ମୟୀ 'ଇଣ୍ଡିଆନ୍ ଆଇଡଲ'ର ୧୬ତମ ସଂସ୍କରଣରେ ଚାମ୍ପିଅନ ହେବା ସହିତ ଓଡ଼ିଶାର ଗର୍ବ ବଢ଼ାଇଛନ୍ତି। ଏହି ସୋ'ରେ ଓଡ଼ିଶାର ଝିଅ ଜ୍ୟୋତିର୍ମୟୀ ନାୟକ (୨୪)ଙ୍କୁ ବିଜେତା ଘୋଷଣା କରାଯାଇଛି ଏବଂ ଜବଲପୁରର ତନିଷ୍କା ଶୁକ୍ଲା ପ୍ରଥମ ରନର୍ସଅପ୍ ହୋଇଛନ୍ତି। ଇଣ୍ଡିଆନ୍ ଆଇଡଲ୍ର ୧୬ତମ ସିଜିନର ବିଚାରକ ଥିଲେ ଶ୍ରେୟା ଘୋଷାଲ୍, ବିଶାଲ୍ ଦଦଲାନି ଏବଂ ବାଦଶା। ଏହି ବର୍ଷ, ସୋ'ର ଥିମ୍, ଯାଦୌଁ କି ପ୍ଲେଲିଷ୍ଟ, ଦର୍ଶକଙ୍କ ମନରେ ଏତେ ଭଲ ଲାଗିଥିଲା ଯେ ସୋ'କୁ ତିନି ମାସ ପାଇଁ ଦୁଇଟି ଏକ୍ସଟେନ୍ସନ୍ ଦିଆଯାଇଥିଲା। ଜ୍ୟୋତିର୍ମୟୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଜିତିଥିବା ବେଳେ, ସେ ତାଙ୍କର ବିଜୟର ଶ୍ରେୟ ସଂଗୀତ ଚିକିତ୍ସା ମାଧ୍ୟମରେ ସୁସ୍ଥ ହୋଇଥିବା କର୍କଟ ରୋଗୀଙ୍କୁ ଦେଇଛନ୍ତି। ସୋ'ରେ ତାଙ୍କର ୧୦ ମାସର ଯାତ୍ରା ବିଷୟରେ କହି ଇଣ୍ଡିଆନ୍ ଆଇଡଲ୍ ୧୬ ବିଜେତା ଜ୍ୟୋତିର୍ମୟୀ ନାୟକ କହିଛନ୍ତି, ଏହି ଯାତ୍ରା ପ୍ରାୟ ଗୋଟିଏ ବର୍ଷ ହେଲାଣି। ମୁଁ ୧୪ ସେପ୍ଟେମ୍ବରରେ ମୁମ୍ବାଇ ଆସିଥିଲି ଏବଂ ଏହା ଏକ ବହୁତ ଭଲ ଯାତ୍ରା ଥିଲା। ଖୁସିର କଥା ଏହା ମଧ୍ୟ ଫଳପ୍ରଦ ହୋଇଥିଲା, ଟ୍ରଫି ଜିତି। ମୁଁ କେବେ ପୁରସ୍କାର ରାଶି ଜିତିବା ବିଷୟରେ ଭାବି ନଥିଲି; ମୁଁ କେବଳ ମୋର ସର୍ବୋତ୍ତମ ପ୍ରଦର୍ଶନ କରିବା ଏବଂ ଭଲ ମତାମତ ପାଇବା ବିଷୟରେ ଚିନ୍ତା କରିଥିଲି। ଯେହେତୁ ମୁଁ ଟଙ୍କା ବିଷୟରେ ଚିନ୍ତା କରି ନଥିଲି, ମୁଁ ଜାଣିନାହିଁ ମୁଁ ଏହାକୁ କେଉଁଠାରେ ବ୍ୟବହାର କରିବି; ଏବେ ମୁଁ ଏହା ବିଷୟରେ ଚିନ୍ତା କରିବି।

# ନୀଳାଦ୍ରି ବିଜେ

ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି । ଅନେକ ବର୍ଷ ହେବ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଆସୁଛି । ନୀଳାଦ୍ରି ବିଜେ ପହଣ୍ଡି ବିଜେ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦଇତାପତି ନିଯୋଗ ସହ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ପହଣ୍ଡି ହୋଇଥାଏ । ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ । ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ । ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣି ଘରକୁ ବିଜେ କରାଇଥାନ୍ତି । ତପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ , ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ । ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ । ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ହୋଇଥାଏ । ଜଗମୋହନଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ । ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ । ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି । ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି । ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଚ୍ଛ ବନ୍ଦାପନା ନୀତି ପାଳନ ହୋଇଥାଏ । ଏହି ସମୟରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲାଯାଏ ।



ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ । ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତର ପଟେ ଜନୈକ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ପରେ ଜୟ ବିଜୟ ଦ୍ୱାର ଫିଟିଥାଏ । ମହାପ୍ରଭୁ ପହଣ୍ଡି ବିଜେ ବିଜେରେ ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘରଠାରେ ପହଞ୍ଚିବା ପରେ ଗଇଁଠାଳ (ରୁକ୍ମିଣୀ ବିବାହ କାଳର) ଫିଟେ ଓ ବନ୍ଦାପନା , ରସଗୋଲା ଭୋଗ ଇତ୍ୟାଦି ଭିତରଚ୍ଛ ମହାପାତ୍ରଙ୍କଦ୍ୱାରା ସମାହିତ ହୋଇଥାଏ । ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ । ଭିତରଚ୍ଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ । କଥିତ ଅଛି ଯେ, ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମନୋରଞ୍ଜନ କରିଥିଲେ ।

## ସୋସିଆଲ କୋଟ୍ସ



ଅନେକ ସମୟରେ ଲୋକମାନେ ମୋ ନାଁ ବି ଭୁଲି ଯାଆନ୍ତି । ସେମାନେ ମୋତେ ସୀତା ନାମରେ ହିଁ ଜାଣନ୍ତି । ସେହି ଚରିତ୍ର ଆଜି ବି ମୋ ହୃଦୟର ଖୁବ ନିକଟତର ।

**ଦୀପିକା ଚିଖଲିଆ, ଅଭିନେତ୍ରୀ**



୫୦ ବର୍ଷରେ ବି ଲୋକମାନେ ଅନ୍ୟମାନଙ୍କ ସମ୍ପର୍କରେ ଖୁବ ଖରାପ କଥା ହୋଇଥାଆନ୍ତି । ସେଥିପାଇଁ ଏମାନଙ୍କୁ ଜୀବନରେ କିଛି କାମ ବି ମିଳୁନି ।

**ଶିଭାଙ୍ଗୀ ଯୋଶି, ଅଭିନେତ୍ରୀ**



ଗୌରବ ମୋର ଓ ଅଭିନବର ବିବାହକୁ ନେଇ ମଜାକ ଉଡେଇଥିଲେ । ବର୍ତ୍ତମାନ ତାଙ୍କର ସ୍ତ୍ରୀ ଏକ ରିଆଲିଟି ଶୋରେ ସେମାନଙ୍କ ଡିଭର୍ସ କଥା କହିଛନ୍ତି ।

**ରୁବିନା ଦିଲେକ, ଅଭିନେତ୍ରୀ**



## ରସଗୋଲା ଦିବସ

ନୀଳାଦ୍ରି ବିଜେର ପବିତ୍ର ଅବସରରେ ଶ୍ରୀକ୍ଷେତ୍ର ପୁରୀ ତଥା ସମଗ୍ର ଓଡ଼ିଶା ଉତ୍ସବମୁଖର ହୋଇଉଠୁଥିବା ବେଳେ ଏହି ନିଆରା ପରମ୍ପରା ସହ ଯୋଡ଼ିହୋଇ ରହିଛି ରାଜ୍ୟର ଅତିପ୍ରିୟ ମିଷ୍ଟାନ୍ନ 'ଓଡ଼ିଶା ରସଗୋଲା' । ଜଗନ୍ନାଥ ସଂସ୍କୃତି ଓ ପୌରାଣିକ ମାନ୍ୟତା ଅନୁଯାୟୀ, ରଥଯାତ୍ରାର ଶେଷ ପର୍ଯ୍ୟାୟ 'ନୀଳାଦ୍ରି ବିଜେ' ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରୁ ଓହ୍ଲାଇ ଶ୍ରୀମନ୍ଦିରକୁ ବିଜେ କରୁଥିବା ବେଳେ ମା' ଲକ୍ଷ୍ମୀ ରୋଷପ୍ରକାଶ କରି ଜୟ-ବିଜୟ ଦ୍ୱାର ବନ୍ଦ କରିଦିଅନ୍ତି । ପରେ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ସହ ରତ୍ନସିଂହାସନକୁ ବିଜେ କରନ୍ତି । ଏହି ପାରମ୍ପରିକ ରୀତିନୀତି ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସୁଥିବା ବେଳେ ୨୦୧୫ ମସିହା ଜୁଲାଇ ୩୦ ତାରିଖରୁ ପ୍ରତିବର୍ଷ ନୀଳାଦ୍ରି ବିଜେ ତିଥିକୁ 'ରାଷ୍ଟ୍ରୀୟ ରସଗୋଲା ଦିବସ' ଭାବେ ଓଡ଼ିଶାବାସୀ ଅତ୍ୟନ୍ତ ଗୌରବର ସହ ପାଳନ କରିଆସୁଛନ୍ତି । ପଞ୍ଚଦଶ ଶତାବ୍ଦୀରେ ଭକ୍ତକବି ବଳରାମ ଦାସଙ୍କ ଦ୍ୱାରା ରଚିତ 'ଜଗମୋହନ ରାମାୟଣ' (ଦାଣ୍ଡି ରାମାୟଣ)ରେ ରସଗୋଲାର ସ୍ପଷ୍ଟ ଉଲ୍ଲେଖ ରହିଥିବାରୁ ଏହା ଓଡ଼ିଶାର ପ୍ରାଚୀନ ଐତିହ୍ୟ ଓ ଅସ୍ମିତାର ପ୍ରତୀକ ଭାବେ ପରିଗଣିତ ହୁଏ । ନୀଳାଦ୍ରି ବିଜେରେ ଶ୍ରୀଜିଉଙ୍କ ନିକଟରେ ରସଗୋଲା ଭୋଗ ଲାଗି ହେବା ସହ ଗାଁଠୁ ସହର ପର୍ଯ୍ୟନ୍ତ ସମସ୍ତେ ପରସ୍ପରକୁ ରସଗୋଲା ବାଣ୍ଟି ଏହି ସାଂସ୍କୃତିକ ପର୍ବକୁ ଆନନ୍ଦଉଲ୍ଲାସର ସହ ପାଳନ କରିଥାନ୍ତି ।

## ଏଲିଅନ ନା ପୋକ !

ପୃଥିବୀରେ ଏପରି ଅନେକ ବିଚିତ୍ର ଜୀବ ଅଛନ୍ତି , ଯାହାଙ୍କ ରୂପରେଖ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥାଏ । ସେହିପରି ଏକ ଏଲିଅନ୍ ପରି ଦିଶୁଥିବା ପୋକ ହେଉଛି 'କ୍ୟାବେଜ୍ ଟ୍ରି ମଥ୍ କ୍ୟାଟରପିଲାର୍', ଯାହା ପ୍ରକୃତରେ 'କ୍ୟାବେଜ୍ ଟ୍ରି ମଥ୍' ନାମକ ପତଙ୍ଗର ଲାର୍ଭା ଅଟେ । ପ୍ରାୟ ୭ ସେଣ୍ଟିମିଟର ଲମ୍ବର ଏହି କ୍ୟାଟରପିଲାର୍ ଦେଖିବାକୁ ଅତ୍ୟନ୍ତ ଭୟଙ୍କର ହୋଇଥାଏ । ଏହାର ଶରୀରରେ ଥିବା ବଡ଼ ବଡ଼ କଣ୍ଟାଗୁଡ଼ିକ ପ୍ରକୃତରେ ବହୁତ କୋମଳ ହୋଇଥାଏ । ଏହାର ରଙ୍ଗ ଏବଂ କଣ୍ଟାଗୁଡ଼ିକ କେବଳ ଶତ୍ରୁମାନଙ୍କୁ ଭୟଭୀତ କରି ନିଜକୁ ରକ୍ଷା କରିବା ପାଇଁ ବ୍ୟବହୃତ ହୋଇଥାଏ । ସେହିଭଳି ଟ୍ରପିକାଲ୍ ଆଫ୍ରିକାର ଅନେକ ଅଞ୍ଚଳରେ ଲୋକମାନେ ଏହାକୁ ଅତ୍ୟନ୍ତ ରୁଚିର ସହ ଖାଇଥାନ୍ତି ଏବଂ ବିକ୍ରି ମଧ୍ୟ କରିଥାନ୍ତି । ପ୍ରୋଟିନ୍‌ରେ ଭରପୂର ହୋଇଥିବାରୁ ବଜାରରେ ଏହାର ବେଶ୍ ଚାହିଦା ରହିଛି, ଯାହା ଅନେକ ଲୋକଙ୍କ ପାଇଁ ରୋଜଗାରର ଏକ ମାଧ୍ୟମ ପାଲଟିଛି । ବଡ଼ ହେବା ପରେ ଏହି ଭୟଙ୍କର ଦିଶୁଥିବା କ୍ୟାଟରପିଲାର୍‌ଟି ଏକ ବାଦାମୀ ରଙ୍ଗର ସୁନ୍ଦର ପତଙ୍ଗରେ ରୂପାନ୍ତରିତ ହୋଇଥାଏ ।



## ଇତିହାସ

୧୭୮୯- ପ୍ରଥମ ଫେଡେରାଲ୍ ଏଜେନ୍ସି ଦି ଡିପାର୍ଟମେଣ୍ଟ ଅଫ୍ ଫରେନ୍ ଆଫେୟାର୍ସର ସ୍ଥାପନା ।

୧୮୬୨- ଆମେରିକୀୟ ସହର କ୍ୟାଣ୍ଟନ୍‌ରେ ଘୂର୍ଣ୍ଣିଝଡରେ ୪୦ ହଜାର ଲୋକଙ୍କ ମୃତ୍ୟୁ ।

୧୮୮୮- ଫିଲିପ୍ ଡବ୍ଲ୍ୟୁ. ପ୍ରଟ୍ ପ୍ରଥମ ଇଲେକ୍ଟ୍ରିକ୍ ଅଟୋମୋବାଇଲର ପ୍ରଦର୍ଶନ କଲେ ।

୧୮୯୭- ବାଲ୍ ଗଙ୍ଗାଧର ତିଲକଙ୍କୁ ପ୍ରଥମକରି ଗିରଫ କରାଗଲା ।

୧୯୧୩- ସ୍ୱାଧୀନତା ସଂଗ୍ରାମୀ ତଥା କ୍ରାନ୍ତିକାରୀ ମହିଳା କଳ୍ପନା ଦତ୍ତଙ୍କ ଜନ୍ମ ।

୧୯୮୨- ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରଥମ ଆମେରିକା ଯାତ୍ରା ।

୧୯୮୭- ଟାଇଟାନିକ୍‌ର ଭଗ୍ନାବଶେଷ ମିଳିଲା ।

୧୯୯୪- ବିଶ୍ୱ ଶୁଟିଂ ଚାମ୍ପିଅନ୍‌ସିପ୍‌ରେ ଜସପାଳ ରାଣା ସ୍ୱର୍ଣ୍ଣ ପଦକ ଜିତିଲେ ।

୨୦୦୩- ପ୍ରସିଦ୍ଧ ଆମେରିକୀୟ କମେଡିଆନ୍ ବବ୍ ହୋପ୍‌ଙ୍କ ଦେହାନ୍ତ ।

୨୦୦୬- ଋଷିଆ ପ୍ରକ୍ଷେପଣ ଯାନ ନେପର୍ ପୃଥିବୀ ଉପରେ ପଡିଲା ।

## ନୂଆ ଚରିତ୍ରରେ ଶରବରୀ

ନିଜର ଦମଦାର ଅଭିନୟ ଏବଂ ଗୋଟିଏ ପରେ ଗୋଟିଏ ସଫଳ ସିନେମା ଜରିଆରେ ଦର୍ଶକଙ୍କ ହୃଦୟ ଜିଣିଥିବା ଅଭିନେତ୍ରୀ ଶରବରୀ ବାଗ ପୁଣି ଥରେ ଏକ ବଡ଼ ଧମାକା କରିବାକୁ ଯାଉଛନ୍ତି । 'ମେଁ ୱାପସ୍ ଆଉଙ୍ଗା'ର ଚର୍ଚ୍ଚିତ ଚେହେରା ଶରବରୀ ଏବଂ 'ସାୟାରା' ଫିଲ୍ମର ହିରୋ ଅହାନ ପାଣ୍ଡେ ପ୍ରଥମ ଥର ପାଇଁ ଏକାଠି ବଡ଼ ପରଦାରେ ରୋମାନ୍ସ ଓ ଆକ୍ସନର ଯାଦୁ ଦେଖାଇବେ । ୟଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ମେଗା-ବଜେଟ୍ ଆକ୍ସନ-ରୋମାଣ୍ଟିକ ଫିଲ୍ମର ନିର୍ଦ୍ଦେଶନା ଭାର ପ୍ରସିଦ୍ଧ ନିର୍ଦ୍ଦେଶକ ଅଲି ଅବ୍ବାସ ଜାଫର ସମ୍ଭାଳୁଥିବା ବେଳେ ପ୍ରଯୋଜନା ଆଦିତ୍ୟ ଚୋପ୍ରା କରୁଛନ୍ତି । ଏହା ୨୦୨୭ ମସିହା ମାର୍ଚ୍ଚ ୨୬ରେ ପରଦାକୁ ଆସିବ ବୋଲି ଯୋଜନା ରହିଛି । ଫିଲ୍ମରେ ଶରବରୀଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୁଖ୍ୟ ନାୟିକା ଭୂମିକାରେ ଦେଖିବାକୁ ମିଳିବ । ଫିଲ୍ମଟି ଫ୍ୟାନଙ୍କୁ ଖୁବ ପସନ୍ଦ ଆସିବ ବୋଲି ସମସ୍ତେ ଆଶା ରଖିଛନ୍ତି ।



## କ୍ୟାମେରା ଘର

କର୍ଣ୍ଣାଟକର ଫଟୋଗ୍ରାଫର ରବି ହୋଙ୍ଗଲ ଅନେକ ସମୟରେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥାଆନ୍ତି, କାରଣ ତାଙ୍କର ଫଟୋଗ୍ରାଫି ପ୍ରତି ରହିଛି ଅହେତୁକ ଦୁର୍ବଳତା । ଫଟୋଗ୍ରାଫି ପ୍ରତି ଥିବା ତାଙ୍କର ଭଲପାଇବା ପାଇଁ ସେ ନିଜର ଆବାସିକ ଘରକୁ ଏକ ବିଶାଳ କ୍ୟାମେରା ଆକୃତିରେ ନିର୍ମାଣ କରିଛନ୍ତି, ଯାହାର ନାମ ରଖାଯାଇଛି 'କ୍ଲିକ' । ଏହି ଘରର ବାହାର ପାଖରେ କ୍ୟାମେରାର ଫ୍ଲାସ୍ ଆକୃତିରେ ପିଲାଙ୍କ ଘରର ଝରକା ତିଆରି ହୋଇଥିବା ବେଳେ ସାମ୍ନାରେ ଥିବା ବିଶାଳ ଲେନ୍ସଟି ରୋଷେଇ ଘରର ଝରକା ଭାବେ ରହିଛି । ଏହାସହ ବାଲକୋନି ଏବଂ କାନ୍ଥଗୁଡ଼ିକରେ କ୍ୟାମେରା ସମ୍ବନ୍ଧୀୟ ସୁନ୍ଦର ଡିଜାଇନ୍ ସ୍ଥାନ ପାଇଛି । କେବଳ ସେତିକି ନୁହେଁ, ସେ ନିଜର ତିନି ପୁଅଙ୍କ ନାମ ମଧ୍ୟ ଜଣାଶୁଣା କ୍ୟାମେରା ବ୍ରାଣ୍ଡ ଯେପରିକି କ୍ୟାନନ, ନିକନ ଆଧାରରେ ରଖିଛନ୍ତି । ଘର ଭିତରର ସାଜସଜ୍ଜାରେ ମଧ୍ୟ ଏହି ବିଷୟବସ୍ତୁ ସ୍ପଷ୍ଟ ବାରିହୋଇପଡ଼େ । ଜଣେ ପୁଅଙ୍କ ଘରର ଛାତରେ ' ଗୁଗୁଲ ଫଟୋସର ଆଇକନ୍ ଏବଂ ଅନ୍ୟ ଘରର ଛାତରେ କ୍ୟାମେରା ସେଟିଂସ ଆଇକନ୍ ଶୋଭା ପାଉଛି । ଏହା ସହିତ ଗତ ୩୦ ବର୍ଷ ଧରି ସଂଗ୍ରହ କରାଯାଇଥିବା ବିଭିନ୍ନ ବିରଳ କ୍ୟାମେରାଗୁଡ଼ିକୁ ମଧ୍ୟ ଘର ଭିତରେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରଦର୍ଶିତ କରି ରଖାଯାଇଛି, ଯାହା ପ୍ରତ୍ୟେକଙ୍କୁ ଚକିତ କରୁଛି ।






**ମେଷ:** ସୁସମାଚାର, ହେବା କାର୍ଯ୍ୟ ବିଳମ୍ବ, ଯାନ୍ତ୍ରିକ ସମସ୍ୟା, ଦୂର ଯାତ୍ରା ସଫଳ, ଦ୍ରବ୍ୟ ଲାଭ, ଶତ୍ରୁ ସମସ୍ୟା, ସହଯୋଗ ପ୍ରାପ୍ତି, ଧର୍ମକାର୍ଯ୍ୟରେ ସଫଳ, ଶାରୀରିକ ସୁସ୍ଥ, ବିଦ୍ୟାରେ ସଫଳ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା ।

**ବୃଷ:** କାର୍ଯ୍ୟରେ ସଫଳ, ନୂତନ ବନ୍ଧୁ ଲାଭ, ଶତ୍ରୁ ପରାଜିତ, ସମ୍ମାନ ଲାଭ, ବ୍ୟବସାୟରେ ସଫଳ, ଭୂସମ୍ପତ୍ତି ଲାଭ, ପାରିବାରିକ ସହାୟତା, ନୂତନ ଚୁକ୍ତି, ମାନନସିକ ଶାନ୍ତି, ସନ୍ତାନ ଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ କ୍ଳେଶ, ଶରୀର ସୁସ୍ଥ, ବ୍ୟବସାୟିକ କଷ୍ଟ, ଶତ୍ରୁ ସମସ୍ୟା, ଉଚ୍ଚ ଆଶା ସଫଳ, କାର୍ଯ୍ୟରେ ଅଶାନ୍ତି, ଦୂର ଯାତ୍ରା ସଫଳ, ଗୃହେ ଉତ୍ସବ, ଅଚାନକ ଦ୍ରବ୍ୟ ଲାଭ, ପିଲାଙ୍କ ଖୁସି । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କେଶର, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:** ଦ୍ରବ୍ୟ ଲାଭ, ଅର୍ଥ ସମସ୍ୟାରୁ ମୁକ୍ତି, ପାରିବାରିକ ସହାୟତା, ଦାମ୍ପତ୍ୟ ଖୁସି, ଦୂର ଯାତ୍ରା ସଫଳ, ସମ୍ମାନ ପ୍ରାପ୍ତି, ସମସ୍ୟା ସମାଧାନ, ନୂତନ ବ୍ୟବସାୟ ଆରମ୍ଭ, ବନ୍ଧୁ ଲାଭ, ବିଦ୍ୟାରେ ସଫଳ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ସିଂହ:** ଆୟରେ ଉନ୍ନତି, ବିବାଦ ସମାଧାନ, ଉଚ୍ଚ ଆଶା ସଫଳ, ଧାର୍ମିକ କାର୍ଯ୍ୟରେ ଶାନ୍ତି, ସମ୍ପତ୍ତି ଲାଭ, ମାନସିକ ଶାନ୍ତି, ନୂତନ ବିବାଦ, ସନ୍ତାନ ଲାଭ, ବନ୍ଧୁ ଦର୍ଶନ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଆଧ୍ୟାତ୍ମିକ ଖୁସି, ସମ୍ପତ୍ତି ବିବାଦ, ଗୃହେ ସହଯୋଗ, ଦାମ୍ପତ୍ୟ କଳହ, କିଛି ବିବାଦ ସମାଧନ, ଯାତ୍ରା କଷ୍ଟ, ଶାରୀରିକ ସୁସ୍ଥ, ନୂତନ ଆୟ, ବନ୍ଧୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଆଶା ସଫଳ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

**ତୁଳା:** କାର୍ଯ୍ୟରେ ଅସଫଳ, ଅର୍ଥ ସମସ୍ୟା, ବ୍ୟବସାୟରେ ଶତ୍ରୁତା, ଗାଡ଼ି ଚାଳନାରେ ସତର୍କ, ପାରିବାରିକ ସହାୟତା, ନୂତନ ବନ୍ଧୁ ଲାଭ, ଅଚାନକ ଦ୍ରବ୍ୟ ଲାଭ, ସନ୍ତାନ ଲାଭ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା- ମା' ବଗଳାମୁଖୀ ।

**ବିଛା:** ପ୍ରୀତି ବୃଦ୍ଧି, କିଛି ସମସ୍ୟା, ମାନସିକ ଶାନ୍ତି, ଦ୍ରବ୍ୟ ଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବ୍ୟବସାୟିକ ଖୁସି, ଶତ୍ରୁ ସମସ୍ୟାରୁ ମୁକ୍ତି, ଦେବକାର୍ଯ୍ୟରେ ଆନନ୍ଦ, ବନ୍ଧୁଗୃହେ ଯାତ୍ରା, ପିଲାଙ୍କ ସହାୟତା । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ସହସା ଧନଲାଭ, କାର୍ଯ୍ୟରେ ସଫଳତା, ଉତ୍ସବରେ ଖୁସି, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ପରାଜିତ, ପାରିବାରିକ ଖୁସି, ବିଦ୍ୟାରେ ସଫଳତା । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ମକର:** ସନ୍ତାନ କଷ୍ଟ, ଦୂର ଯାତ୍ରା, ପାରିବାରିକ ସହଯୋଗ, ଉତ୍ସବରେ ଖୁସି, ଶତ୍ରୁ ସମସ୍ୟା, ସନ୍ଥ ଦର୍ଶନ, ନୂତନ କର୍ମେ ଲାଭ, ଦାମ୍ପତ୍ୟ ଖୁସି, ବନ୍ଧୁ ଲାଭ, ସମ୍ପତ୍ତି ବିବାଦ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ପ୍ରଭୁ ନୃସିଂହ ।

**କୁମ୍ଭ:** ଅର୍ଥ ଲାଭ, ନୂତନ କାର୍ଯ୍ୟରେ ଖୁସି, ମାନସିକ ଶାନ୍ତି, ଗୃହେ ଶୁଭକାର୍ଯ୍ୟ, ବ୍ୟବସାୟରେ ଲାଭ, ହଠାତ୍ ଦୂର ଯାତ୍ରା, ନୂତନ ବନ୍ଧୁ ଲାଭ, ଶାରୀରିକ ସୁସ୍ଥ, ଦାମ୍ପତ୍ୟ ଖୁସି । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଗଣେଶ ।

**ମୀନ:** ନୂତନ ଆୟ, ସନ୍ତାନ ସୁଖ, ସ୍ୱାଦିଷ୍ଟ ଭୋଜନ, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ସହାୟତା, ସୁସମାଚାର, ମାନସିକ ଶାନ୍ତି, ସମ୍ପତ୍ତି ଲାଭ, ଦୂର ଯାତ୍ରା ସଫଳ, ଆଶା ସଫଳ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଲୋକନାଥ ।

**ଆଷାଢ଼ ଶୁକ୍ଳପକ୍ଷ ତ୍ରୟୋଦଶୀ**
**୨୭.୭.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଦିନିକିଆ ଟିଟିଲାଗଡ ଓ କଂଟାବାଞ୍ଜୀ ଗସ୍ତରେ ରାଜ୍ୟ ସଭାପତି

# ଏକ ଜଳ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କ କର୍ତବ୍ୟ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଆଜି ଦିନିକିଆ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଟିଟିଲାଗଡଠାରେ ପହଂଚିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ ଟିଟିଲାଗଡ ସହରର ୧୩୬ ନମ୍ବର ବୁଥ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୧୩୬ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମକୁ ଶୁଣିବା ସହ ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ୧୮୧ ନମ୍ବର ବୁଥ୍ କାର୍ଯ୍ୟକର୍ତାଙ୍କ ସହ ବୈଠକରେ ଯୋଗ ଦେଇ ସାଂଗଠନିକ ଏବଂ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିଥିଲେ। ଟିଟିଲାଗଡ ସହର ଦଳୀୟ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସଂପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଏନ୍‌ଏସି ଅଧ୍ୟକ୍ଷା ଶ୍ରୀମତୀ ମମତା ଦେବୀ ଜୈନ, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସଞ୍ଜୁ ନାଏକଙ୍କ ସମେତ



ଜିଲ୍ଲାର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ବର୍ଷା ଜଳ ସଂରକ୍ଷଣ ଆଜି ଜନ ଆନ୍ଦୋଳନରେ ପରିଣତ ହୋଇଛି। ବର୍ଷାର ପ୍ରତ୍ୟେକ ବୁନ୍ଦାକୁ ସଂରକ୍ଷଣ କରି ଭବିଷ୍ୟତ ପାଇଁ ଜଳ ସୁରକ୍ଷା ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ମୋଦିଜୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଏହି ପ୍ରସଙ୍ଗ ଉଠାଇବା ପରେ ବର୍ଷାଜଳ ସଂଗ୍ରହ, ଭୂତଳ ଜଳ ପୁନର୍ଭରଣ ଏବଂ ଜଳ ସଂରକ୍ଷଣ ପାଇଁ ରାଜ୍ୟବାସୀଙ୍କୁ ଅଧିକ ପ୍ରେରଣା ଯୋଗାଇବ। ନିଜ ଘର, କାର୍ଯ୍ୟାଳୟ ଓ ରହୁଥିବା ପରିବେଶରେ ଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନେଇ ଏକ ଜଳ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କ କର୍ତବ୍ୟ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ସାମଲ କହିଛନ୍ତି। ଏହା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ କଂଟାବାଞ୍ଜୀ ଗସ୍ତ କରିଥିଲେ। ଏକ ବିରାଟ ମୋଟର ସାଇକଲ ଶୋଭାଯାତ୍ରାରେ ସ୍ୱାଗତ କରି ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ପାଛୋଟି ଆଣିଥିଲେ। କଂଟାବାଞ୍ଜୀଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ଶ୍ରୀ ହରିବନ୍ଧୁ ମେହେର, ଉପାଧ୍ୟକ୍ଷ ଯାଜ୍ଞସେନୀ ହାତୀ, ସମିତି ସଭ୍ୟ ତୁନାମଣି ମହାନନ୍ଦ, ତରୁଣୀ ଗହୀର, ଦୁଷ୍ମନ୍ତ ନାଗ, ଭୂମିସୁତା ବାଗ, ଜଲମ ପ୍ରଧାନୀ, ଭୀମସେନ ବାଗ, ସୁମିତ୍ରା ମାଝୀ, ଦିଲୀପ ଭୋଇ, କସ୍ତୁରୀ ତାଣ୍ଡି, ପୁଷ୍ପାଞ୍ଜଳୀ ଧରୁଆ, ଜୋତ୍ସ୍ନାମୟୀ ରଣା, ତୁରେଇକେଲା ବ୍ଲକ ଅଧ୍ୟକ୍ଷା ପୂଜା ବେହେରାଙ୍କ ସମେତ ସମିତି ସଭ୍ୟ କବିତା ପୁଟେଲ, ପିତା ସମର୍ଥ, ପଦ୍ମା ଭୋଇ, ଗୁଲାପି ମହାନନ୍ଦ, ସୁନିତା ଧାରୁଆ, କୁମାରୀ ମହାନନ୍ଦ, ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡାପଦର, ଜୁରାବନ୍ଧ, ଠେମରା, ବଲଧା, ଅର୍ଶତୁଲା, ବିରପାଲି, ଭୁଷଲାଡ, ଚନ୍ଦ୍ରତାରା, ଗନ୍ଧାରିଆ, ଜାମଖୁଂଟା, ଝଲପ, କାନସିଲ, କପିଲଭଟ୍ଟା, ଖଇରା, ଅଲାଣ୍ଡ ସରପଂଚଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସମସ୍ତ ନୂତନ ସଦସ୍ୟ ଓ ସଦସ୍ୟାଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଟୋପି ଓ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ବିଶେଷ ଜନସଂପର୍କ ଅଭିଯାନ ଅନ୍ତର୍ଗତ ସ୍ଥାନୀୟ ବୁଦ୍ଧିଜୀବୀ ଉଦ୍ଧବ ଗିବେଲାଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, କଂଟାବାଞ୍ଜୀ ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସଂପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରାଙ୍କ ସମେତ ଜିଲ୍ଲାର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଶ୍ରୀଜୀଉଙ୍କ ପାଇଁ ଲାଗି ହେଲା ଅଧରପଣା, ହାଣ୍ଡି ଭାଙ୍ଗୁଛନ୍ତି ସେବାୟତ

## ଛାତରୁ ପଡ଼ି ଯୁବକ ମୃତ

ବାଲିପାଟଣା ,(ସବ୍ୟୁ): ବାଲିଅନ୍ତା ଥାନା ଅନ୍ତର୍ଗତ ଗଣ୍ଡିଲ ଗ୍ରାମ ର ଜଗା ଭୋଇ ( ୩୫ ) ଗତ ଶୁକ୍ରବାର ଛାତ ଉପରକୁ ଯାଇ କାମ ହେଉଥିବା ଦେଖିବା ବେଳେ ଭାରସାମ୍ୟ ହରାଇ ତଳକୁ ପଡିଯାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବାଲିପାଟଣା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରାଯାଇଥିଲା । କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ଚିକିତ୍ସା ପରେ ସେ ଘରକୁ ଫେରିଥିଲେ । ହେଲେ ଆଜି ପୂର୍ବାହ୍ନ ପୁଣି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପୁଣି ପରିବାର ଲୋକେ ତାଙ୍କୁ ବାଲିପାଟଣା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ସେଠାରେ ଡାକ୍ତର ପରୀକ୍ଷା ନିରିକ୍ଷା କରିବା ପରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପରେ ବାଲିଅନ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର କୁ ହସ୍ତାନ୍ତର କରିଥିବା ଜଣା ପଡିଛି ।

## ହାତୀ ଆକ୍ରମଣରେ ଦମ୍ପତ୍ତି ଗୁରୁତର

ସୋର,(ସବ୍ୟୁ): ସୋର ବ୍ଲକ ବାଘଆମ୍ବୁଡା ଗ୍ରାମରେ ବିଲରୁ କାମ ସାରି ଫେରୁଥିବା ବେଳେ ହାତୀ ଆକ୍ରମଣରେ ଦମ୍ପତ୍ତି ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ସୋର ଥାନା ବାଘଆମ୍ବୁଡା ଗ୍ରାମର ଅରୁଣ ବିନ୍ଧାଣି(୪୦) ଓ ତାଙ୍କ ସ୍ତ୍ରୀ କୁନି ବିନ୍ଧାଣି (୩୫) । ଶନିବାର ସନ୍ଧ୍ୟାରେ ଅରୁଣ ଓ କୁନି ବିଲ କାମ ସାରି ଘରକୁ ଫେରୁଥିବା ବେଳେ ବର୍ଷା କାରଣରୁ ଗଛ ମୂଳରେ ଅଟକି ରହି ଯାଇଥିଲେ । ଏହି ସମୟର ଏକ ଦନ୍ତା ହାତୀ ହଠାତ ଉଭୟଙ୍କୁ ଆକ୍ରମଣ କରିଥିଲା । ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଖୁଣ୍ଟା ପାଟଣା ଫରେଷ୍ଟ ଗାର୍ଡ ମାନେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଉଭୟଙ୍କୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ଏହି ଭଳି ହାତୀ ଆକ୍ରମଣ ବାରମ୍ବାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି ।

## ହଜିଲା ମୋବାଇଲ ଫେରାଇଲା ଭଂଜନଗର ଥାନା

ଭଂଜନଗର ,(ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ପକ୍ଷରୁ ଚଳିତ ବର୍ଷ ତୃତୀୟ ଥର ପାଇଁ ମୋବାଇଲ ମେଳା ଆୟୋଜିତ ହୋଇଯାଇଛି । ବିଭିନ୍ନ ପରିସ୍ଥିତିରେ ହଜିଥିବା ଏବଂ ଚୋରି ହୋଇଥିବା ଭିନ୍ନ ଭିନ୍ନ ୩୫ ଟି ଦାମୀ ମୋବାଇଲ କୁ ଉଦ୍ଧାର କରି, ସଂପୃକ୍ତ ଉପଭୋକ୍ତାଙ୍କୁ ହସ୍ତାନ୍ତର କରିଛି ପୋଲିସ । ଭଂଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଙ୍କ ତିବାବଧାନରେ ଆଜି ପର୍ଯ୍ୟନ୍ତ ସମୁଦାୟ ୧୬୫ ଟି ମୋବାଇଲ କୁ ଉଦ୍ଧାର କରିବା ସହ ସଂପୃକ୍ତ ଉପଭୋକ୍ତାଙ୍କୁ ଚିହ୍ନଟ କରି ସେମାନଙ୍କୁ ହସ୍ତାନ୍ତର କରିଛି ପୋଲିସ । ଉଦ୍ଧାର ହୋଇଥିବା ସମସ୍ତ ମୋବାଇଲର ଆନୁମାନିକ ମୂଲ୍ୟ ପ୍ରାୟ ଚାରି ଲକ୍ଷରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି ।

## ୧୨ କ୍ୱିଣ୍ଟାଲ କେନ୍ଦୁପତ୍ର ବୋଝେଇ ଟ୍ରକ ଜବତ

ନୀଳଗିରି (ସବ୍ୟୁ): ଏକ ୭୦୯ଟ୍ରକରେ କେନ୍ଦୁପତ୍ର ଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଁ ବାଲେଶ୍ୱର ଜିଲ୍ଲା ବନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦିପୁର ବନ ଅଧିକାରୀ ମନ୍ ୱାର ଖାଁଙ୍କ ନେତୃତ୍ୱରେ ଏକ ଟିମ୍ ଗତ ଶନିବାର ବହୁ ବିଳମ୍ବିତ ରାତି ପ୍ରାୟ ୪ଟାରେ ଶେରଗଡ ଟୋଲ୍ ଗେଟ୍ ନିକଟରେ ଓଡ଼ି୦୮-ଃ୮୯୮ନମ୍ବର ୭୦୯ଟ୍ରକ କୁ ଅଟକାଇ ଯାଞ୍ଚ କଲାପରେ ଏହି ଟ୍ରକରେ ୧୨ କ୍ୱିଟାଲ କେନ୍ଦୁପତ୍ର ଥିବାବେଳେ କୌଣସି ପରମିଟ ନଥିଲା ବନ ବିଭାଗ ଟ୍ରକଟିକୁ ଜବତ କରିଥିଲେ । ଉକ୍ତ ଚୋରା କେନ୍ଦୁପତ୍ର ଟ୍ରକକୁ କିଆ କାର (ଓଡ଼ି୦୨ବିଟି-୦୬୪୫) ଏସ୍କର୍ଟରେ ନେଉଥିଲେ । ଜବତ ସମୟରେ ବନ କର୍ମଚାରୀଙ୍କୁ ଚୋରା କେନ୍ଦୁପତ୍ର ବେପାରୀମାନେ ଆକ୍ରମଣ କରି ଫେରାର ପାଇଁ ଉଦ୍ୟମ କରିଥିଲେ । ପରେ ରାଜଯ ରାଜପଥ ୬୦ରେ ତଲାସୀ ଅଭିଯାନ ସମୟରେ ଅମର୍ଦ୍ଦା ନିକଟରେ ଏସ୍କର୍ଟ ଦିଆ କାରକୁ ଅଟକା ଯାଇ କେଦାର ପ୍ରଧାନ ଓ ଈଶ୍ୱର ରେଡ୍ଡୀକୁ ଗିରଫ କରି ଅଧିକ ତଦନ୍ତ ପାଇଁ ଚାନ୍ଦିପୁର ରେଞ୍ଜକୁ ଅଣାଯାଇଛି । ଏନେଇ ୧୬ସି ଏଚ୍ /୨୬-୨୭ରେ ଏକ ମାମଲା ରୁଜୁ ହୋଇଥିବାର ବନ ବିଭାଗ ସୂତ୍ରରୁ ପ୍ରକାଶ କରିଛନ୍ତି ।

## ଆଗାମୀ ୭ ଦିନରେ ଗଣ ଶିକ୍ଷାମନ୍ତ୍ରୀ ଇସ୍ତଫା ନଦେଲେ ଓଡିଶା ବନ୍ଦ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କୁ ରୋକଠୋକ କହିଛନ୍ତି ଯେ, ଯଦି ଆଗାମୀ ୭ ଦିନ ମଧ୍ୟରେ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବେ ନାହିଁ ତେବେ କଂଗ୍ରେସ ଓଡିଶା ବନ୍ଦ କରିବ । ୧୯୪୨ ଆନ୍ଦୋଳନ ପରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ଛାତ୍ରଙ୍କ ଆନ୍ଦୋଳନ ଏକ ବିଶାଳ ଜନ ଆନ୍ଦୋଳନରେ ପରିବର୍ତ୍ତନ ହେଲାଣି । ଛାତ୍ରଙ୍କ ଭବିଷ୍ୟତ ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ ଏବଂ ଛାତ୍ରଙ୍କ ପ୍ରତ୍ୟେକ କାର୍ଯ୍ୟରେ ସହାୟତା ପାଇଁ ରାହୁଳ ଗାନ୍ଧୀଙ୍କ ଆହ୍ୱାନ କଂଗ୍ରେସ ରାଜ୍ୟର କୋଣ ଅନୁକୋଣରେ ଲାଗୁ କରିବ । ଓଡ଼ିଶାରେ ଜେନ ଜୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମସ୍ତ ପ୍ରକାର ସମର୍ଥନ ଓ ସହଯୋଗ ରହିବ ବୋଲି ଶ୍ରୀ ଦାସ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଜେନ ଜୀ ଆନ୍ଦୋଳନ ପରେ ବିଜେପିର ଓଲଟା ଗଣତି ଆରମ୍ଭ ହୋଇଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦେଲା ପରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦେବାରେ ଅସୁବିଧା କେଉଁଠି ବୋଲି ପିସିସି ସଭାପତି ଶ୍ରୀ ଦାସ ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି ।

## ରାଜଧାନୀରେ ହିଟ୍ ଆଣ୍ଡ ରନ୍ : ଜଣେ ମୃତ, ଜଣେ ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ବାରମ୍ବାର ହିଟ୍ ଆଣ୍ଡ ରନ୍ ଘଟଣା ପଥଚାରୀଙ୍କୁ ଅସ୍ତବ୍ୟସ୍ତ କଲାଣି । ଶନିବାର ବିଳମ୍ବିତ ରାତିରେ ତମାଣ୍ଡୋରୁ ବରମୁଣ୍ଡା ମଧ୍ୟରେ ହିଟ୍ ଆଣ୍ଡ ରନ୍‌ରେ ଜଣଙ୍କ ମୃତ୍ୟୁହୋଇଥିବା ବେଳେ ଆଉ ଜଣେ ଆହତ ହୋଇ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ଶନିବାର ରାତି ପ୍ରାୟ ୩ଟା ବେଳେ ଖୋର୍ଦ୍ଧା ବାଘମାରୀରୁ ହାଡୁ ମଲ୍ଲିକ ଓ କବି ମଲ୍ଲିକ ଲୁନାରେ ଭୁବନେଶ୍ୱର ମାଛ ପାଇଁ ଆସି ତମାଣ୍ଡୋ ପାଖରେ ଠିଆ ହୋଇଥିଲେ । ଦୁଇଟି କାର୍ ତମାଣ୍ଡୋରୁ ବରମୁଣ୍ଡା ଆଡ଼କୁ ଗୋଡାଗୋଡି ହୋଇ ଆସିଥିଲେ । ଆଗରେ ଆସୁଥିବା କାର୍‌ଟି ଦୁଇଜଣଙ୍କୁ ଧକ୍କା ଦେଇଥିଲା । ଦୁହେଁ ରାସ୍ତା ଉପରେ ପଡିଯାଇଥିବା ବେଳେ ପଛରେ ଆସୁଥିବା କାର୍ ଲୁନା ଉପରେ ଚଢିଯିବା ସହ ହାଡୁ ମଲ୍ଲିକଙ୍କୁ ତମାଣ୍ଡୋରୁ ବରମୁଣ୍ଡା ଟାଟା ମୋଟର୍ସ ପର୍ଯ୍ୟନ୍ତ ଘୋଷାଡି ଆଣିଥିଲା । ଆହତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଥିବା ବେଳେ ମୃତ ହାଡୁଙ୍କ ଶବକୁ ୨ କିଲୋମିଟର ଦୂର ଟାଟା ମୋଟର୍ସ ପାଖରୁ ଉଦ୍ଧାର କରାଯାଇଥିଲା । କବି ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ହାଡୁର ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

ଦୁର୍ଘଟଣା ତମାଣ୍ଡୋ ଥାନା ଅଞ୍ଚଳରେ ଘଟିଥିବା ବେଳେ ଶବ ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ଟାଟା ମୋଟର୍ସ ପାଖରେ ପଡିଥିଲା । ଏ ସମ୍ପର୍କରେ ଖବର ପାଇ ତମାଣ୍ଡୋ, ଭରତପୁର ଥାନା ଇନ୍ସପେକଟର ଘଟଣାସ୍ଥଳରେ ପହଞ୍ଚିବା ସହ ଡିସିପି ଜଗମୋହନ ମିନା ସେଠାରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି । ଦୁର୍ଘଟଣା ଘଟାଇଥିବା ଦୁଇଟି କାର୍‌କୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ କରୁଛି । ଦୁଇଟି କାର୍ ଏତେ ସ୍ପିଡ୍‌ରେ ଆସୁଥିଲା ଯେ, ଦୁଇ କିଲୋମିଟର ହାଡୁ ମଲ୍ଲିକଙ୍କୁ ଘୋଷାଡି ଆଣିବା ଘଟଣାରେ ପୋଲିସ ଚକିତ ହୋଇଛି ।

## କେନ୍ଦ୍ର ମନ୍ତ୍ରିମଣ୍ଡଳ- ଧର୍ମେନ୍ଦ୍ରଙ୍କ ପରେ ଓଡ଼ିଶାରୁ କିଏ ?

ଭୁବନେଶ୍ୱର,(ତଥ୍ୟ) କେନ୍ଦ୍ର ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ମନ୍ତ୍ରୀ ହେବା ଲାଗି ରାଜନୈତିକ ମହଲରେ ଅନେକ ସାଂସଦଙ୍କ ନାଁ ଚର୍ଚ୍ଚା ହେଉଛି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ କିଏ ସ୍ଥାନ ପାଇବ ତାହା ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର ହୋଇଥିଲେ ମଧ୍ୟ ସଂସଦର ମୌସୁମୀ ଅଧିବେଶନ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଓ ନୂଆ ମନ୍ତ୍ରୀ ନିଯୁକ୍ତି ହୋଇପାରେ ବୋଲି ଆଶା କରାଯାଉଛି। ଶ୍ରୀ ପ୍ରଧାନ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ପ୍ରହଲ୍ଲାଦ ଯୋଶୀ ଶିକ୍ଷା ମନ୍ତ୍ରାଳୟଲର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଛନ୍ତି। ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସ୍ୱତନ୍ତ୍ର ଭାବେ ଜଣେ ବରିଷ୍ଠ ମନ୍ତ୍ରୀଙ୍କ ଦାୟିତ୍ୱରେ ରଖାଯାଇପାରେ। ଏହାଛଡ଼ା କଂଗ୍ରେସରୁ ଆସି ବିଜେପିର ରାଜ୍ୟସଭା ସାଂସଦ ହେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ରଭନୀତ ସିଂହ ବିଟ୍ଟୁଙ୍କ ରାଜ୍ୟସଭା କାର୍ଯ୍ୟକାଳ ପୂରିଯିବା ପରେ ତାଙ୍କୁ ଆଉ ରାଜ୍ୟସଭା ସଦସ୍ୟ କରାଯାଇନାହିଁ। ଏ ପରିପ୍ରେକ୍ଷୀରେ ଶ୍ରୀ ବିଟ୍ଟୁ ବି କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇସାରିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଇତିମଧ୍ୟରେ ରାଜ୍ୟ ବିଧାନସଭା ଓ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଆସିଛନ୍ତି। ପୂର୍ବରୁ ନୀତିଶ ବାଜପେୟୀଙ୍କ ସରକାରରେ ରେଳ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ନୀତିଶଙ୍କ ଦଳ ଜେଡିୟୁର ବହୁ ନେତା ଆଶା କରୁଛନ୍ତି ଯେ ସେ ଉପ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି। ଏହାଛଡ଼ା ଦକ୍ଷତା ଆଧାରରେ ମନ୍ତ୍ରିମଣ୍ଡଳ ଅଦଳବଦଳ ବେଳେ କିଛି ନୂଆ ମୁହଁକୁ ନିଆଯିବା ସହିତ ଆଉ କିଛି ମନ୍ତ୍ରୀଙ୍କୁ ଅବସର ଦିଆଯାଇ ସେମାନଙ୍କୁ ଦଳୀୟ ସଂଗଠନ କାମରେ ନିଯୁକ୍ତି କରାଯାଇପାରେ। ଏହାଛଡ଼ା ବିଭିନ୍ନ ରାଜ୍ୟର ସ୍ଥିତି ଓ ଯୁବ ମାନସର ଭାବାବେଗକୁ ଆଖି ଆଗରେ ରଖି ମଧ୍ୟ ନୂଆ ମନ୍ତ୍ରୀ ଚୟନ ବେଳେ ବିଚାର କରାଯାଇପାରେ ବୋଲି ରାଜନୈତିକ ସ୍ତରରେ ଚର୍ଚ୍ଚା ହେଉଛି। ଶ୍ରୀ ପ୍ରଧାନ ପୂର୍ବରୁ ବିହର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ୍, ଦକ୍ଷତା ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ସମ୍ବଲପୁରରୁ ସେ ଲୋକସଭାକୁ ନିର୍ବାଚିତ ହେବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ମଧ୍ୟ କାମ କରିଆସୁଥିଲେ। ଦୀର୍ଘ ୧୨ବର୍ଷ ଧରି ସେ ମୋଦିଙ୍କ ସରକାରରେ ମନ୍ତ୍ରୀ ଥିଲେ। ପୂର୍ବରୁ ତାଙ୍କ ପିତା ଡା. ଦେବେନ୍ଦ୍ର ପ୍ରଧାନ ବାଜପେୟୀଙ୍କ ସରକାରରେ ମନ୍ତ୍ରୀ ଥିଲେ ଏବଂ ସେ ମନ୍ତ୍ରୀ ପଦ ଛାଡ଼ି ଦଳର କେନ୍ଦ୍ରୀୟ ଉପସଭାପତି ହୋଇଥିଲେ।

ମୋଦିଙ୍କ ସରକାରରେ ଏଯାବତ୍ ଦକ୍ଷିଣ ଓଡ଼ିଶାରୁ କେହି ମନ୍ତ୍ରୀ ହୋଇନାହାନ୍ତି। ଏବେ ଲୋକସଭାରେ ଓଡ଼ିଶାର ୨୧ଟି ଆସନରୁ ୨୦ଟି ବିଜେପି ଦଖଲରେ ଥିବାବେଳେ ରାଜ୍ୟସଭାରେ ମଧ୍ୟ ବିଜେପିର ସ୍ଥିତି ୬କୁ ବଢ଼ିଲାଣି। ପଶ୍ଚିମ ଓଡ଼ିଶାରୁ ଜୁଏଲ୍ ଓରାମ୍ କେନ୍ଦ୍ରରେ ମନ୍ତ୍ରୀ ଅଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ମୂଳତଃ ସେ ରାଜସ୍ଥାନର ବାସିନ୍ଦା। ଧର୍ମେନ୍ଦ୍ରଙ୍କ ସ୍ଥାନରେ ମନ୍ତ୍ରୀ ହେବା ଲାଗି ଯେଉଁ ବିଜେପି ନେତାଙ୍କ ନାମ ଚର୍ଚ୍ଚା ହେଉଛି ସେମାନଙ୍କ ଭିତରେ ୩ଜଣ ରାଜ୍ୟସଭା ଓ ୪ଜଣ ଲୋକସଭା ସାଂସଦ ରହିଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଓ ଅଦଳବଦଳ ଘେନି ପ୍ରାୟ ଦୁଇବର୍ଷ ଧରି ଚର୍ଚ୍ଚା ଚାଲୁଥିଲେ ବି ଏଯାବତ୍ ଏ ସଂକ୍ରାନ୍ତରେ କିଛି ନିଷ୍ପତ୍ତି ହୋଇନାହିଁ। ଏ ପରିପ୍ରେକ୍ଷୀରେ କେନ୍ଦ୍ର ବିଜେପି ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀ ପରିଷଦରେ ଓଡ଼ିଶାରୁ କାହାକୁ ସ୍ଥାନ ଦେବେ ତାହାକୁ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ସହିତ ଆଶାୟୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

## ମ୍ୟୁନିଖରେ ଭକ୍ତିଭାବର ସହ ପାଳିତ ହେଲା ପବିତ୍ର ବାହୁଡ଼ା ଯାତ୍ରା

ଭୁବନେଶ୍ୱର (ସବ୍ୟୁ): ପବିତ୍ର ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ତିଥି ଓ ପରମ୍ପରା ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ବାହୁଡ଼ା ଯାତ୍ରା ଗତ ୨୪ ଜୁଲାଇରେ ଜର୍ମାନୀର ମ୍ୟୁନିଖସ୍ଥିତ ଶିବାଳୟମ ମନ୍ଦିର ପ୍ରାଙ୍ଗଣରେ ଅତ୍ୟନ୍ତ ଭକ୍ତି, ଶୃଙ୍ଖଳା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସେବା ଜର୍ମାନୀ, ଶିବାଳୟମ ଏବଂ ଓଡ଼ିଆ ସମାଜ ମ୍ୟୁନିଖର ମିଳିତ ସହଯୋଗରେ ଏହି ପବିତ୍ର ଆୟୋଜନ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭ ପୂଜା, ଆରତୀ, କୀର୍ତ୍ତନ ଓ ପାରମ୍ପରିକ ପହଣ୍ଡି ବିଜେ ସହିତ ହୋଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥକୁ ବିଜେ କରାଯାଇଥିଲା। "ଜୟ ଜଗନ୍ନାଥ" ଓ "ହରିବୋଲ" ଧ୍ୱନିରେ ସମଗ୍ର ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ମ୍ୟୁନିଖ ସମେତ ଇଙ୍ଗୋଲଷ୍ଟାଡ୍, ଆଗସବର୍ଗ, ରେଗେନସବର୍ଗ, ନ୍ୟୁରେମ୍ବର୍ଗ, ଫୁର୍ଥ, ପୋଇଂ, ଫ୍ରାଙ୍କଫୁର୍ଟ ଏବଂ ବାଭାରିଆର ବିଭିନ୍ନ ସହରରୁ ଆସିଥିବା ଭାରତୀୟ ପ୍ରବାସୀ, ଓଡ଼ିଆ ପ୍ରବାସୀ ତଥା ଅନ୍ୟାନ୍ୟ ଭକ୍ତମାନଙ୍କର ବହୁ ସଂଖ୍ୟକ ସମାଗମ ଏହି ବାହୁଡ଼ା ଯାତ୍ରାକୁ ଆହୁରି ଭବ୍ୟ କରିଥିଲା। ଭକ୍ତମାନେ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହ ମହାପ୍ରଭୁଙ୍କ ପବିତ୍ର ରଥ ଟାଣି ଦିବ୍ୟ ଆଶୀର୍ବାଦ



ଲାଭ କରିଥିଲେ। ବିଦେଶ ମାଟିରେ ଶ୍ରୀକ୍ଷେତ୍ର ପୁରୀର ପରମ୍ପରାକୁ ଜୀବନ୍ତ ରୂପେ ଅନୁଭବ କରିବା ସମସ୍ତଙ୍କ ପାଇଁ ଏକ ଅପୂର୍ବ ଆଧ୍ୟାତ୍ମିକ ଅନୁଭୂତି ଥିଲା।

ଏହି ସମଗ୍ର ଆୟୋଜନର ସବୁଠାରୁ ବଡ଼ ବିଶେଷତା ଥିଲା ସାମୂହିକ ସେବା ଓ ସମର୍ପଣର ଭାବନା। ଓଡ଼ିଆ ମହିଳାମାନଙ୍କ ଦ୍ୱାରା ଭକ୍ତିଭାବର ସହ ପାରମ୍ପରିକ ଛପନ ଭୋଗ ପ୍ରସ୍ତୁତ କରାଯାଇଥିଲା। ଅନେକ ସ୍ୱେଚ୍ଛାସେବୀ ପ୍ରସାଦ ପ୍ରସ୍ତୁତି, ପରିବେଷଣ ଓ ବଣ୍ଟନରେ ନିରନ୍ତର ସେବା କରିଥିଲେ। ଏହା ସହିତ ପୂଜା-ନୀତି, ଫୁଲମାଳ ପ୍ରସ୍ତୁତି, ରଥ ସଜ୍ଜା, ମନ୍ଦିର ସଜାବଟ, ଭୋଗ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଭିଡ଼ ପରିଚାଳନା, ପାର୍କିଂ ବ୍ୟବସ୍ଥା ଓ ଅନ୍ୟାନ୍ୟ ସମସ୍ତ ସେବାରେ ସ୍ୱେଚ୍ଛାସେବୀମାନଙ୍କର ନିଷ୍ଠା ଓ ସମର୍ପଣ ଉତ୍ସବକୁ ସଫଳ କରିଥିଲା। ବିଦେଶ ମାଟିରେ ସମସ୍ତେ ଏକ ପରିବାର ପରି ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପିତ କରିଥିବା ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା। ବାହୁଡ଼ା ଯାତ୍ରା ପରେ ମହାପ୍ରଭୁଙ୍କ ନିକଟରେ ପାରମ୍ପରିକ ଛପନ ଭୋଗ ଭକ୍ତିଭାବର ସହ ନିବେଦନ କରାଯାଇଥିଲା। ପରେ ସେହି ପବିତ୍ର ଭୋଗକୁ ପ୍ରସାଦ ରୂପେ ସମସ୍ତ ଉପସ୍ଥିତ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶ୍ରଦ୍ଧା ଓ ଭକ୍ତିର ସହ ପ୍ରସାଦ ସେବନ କରି ଭକ୍ତମାନେ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଶ୍ରୀଜଗନ୍ନାଥ ସେବା ଜର୍ମାନୀର ଟ୍ରଷ୍ଟି ପ୍ରିୟଦର୍ଶନ ସାମଲ ଏହି ଅବସରରେ ଶିବାଳୟମ ମନ୍ଦିର କମିଟି, ଓଡ଼ିଆ ସମାଜ ମ୍ୟୁନିଖର ସମସ୍ତ ସଦସ୍ୟ, ସମସ୍ତ ସ୍ୱେଚ୍ଛାସେବୀ, ଭକ୍ତ, ପ୍ରାୟୋଜକ ଏବଂ ଶୁଭେଚ୍ଛୁମାନଙ୍କୁ ହୃଦୟର ସହ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ସମସ୍ତଙ୍କର ନିଃସ୍ୱାର୍ଥ ସେବା, ଏକତା ଓ ସମର୍ପଣ ଯୋଗୁଁ ମ୍ୟୁନିଖରେ ଶ୍ରୀକ୍ଷେତ୍ର ପୁରୀର ତିଥି ଓ ପରମ୍ପରା ଅନୁଯାୟୀ ବାହୁଡ଼ା ଯାତ୍ରାକୁ ସଫଳତାର ସହ ଆୟୋଜନ କରାଯାଇପାରିଲା। ସେ ଆହୁରି କହିଥିଲେ ଯେ, ମହାପ୍ରଭୁଙ୍କ କୃପାରୁ ଜର୍ମାନୀ ଏବଂ ସମଗ୍ର ୟୁରୋପରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ଓ ସାର୍ବଜନୀନ ବାର୍ତ୍ତାକୁ ପହଞ୍ଚାଇବା ପାଇଁ ଏହି ସେବା ଓ ପ୍ରୟାସ ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରହିବ।

## ଗ୍ରାମ୍ୟ ଉନ୍ନୟନ ରାସ୍ତା କାମକୁ ନେଇ ଉତେଜନା

ଭାପୁର(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଶାଳପଡା ପଞ୍ଚାୟତ ର ବାରବାଟୀ ନୂଆଗାଁ ଗ୍ରାମ ଠାରୁ ମର୍ଦ୍ଦାବାଡି ଗ୍ରାମ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏକ ବର୍ଷ ତଳେ ନିର୍ମିତ ପିଚୁ ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଏକ ବର୍ଷ ନ ପୂରୁଣୁ ପିଚୁ ଉଠିଯାଇ ଯାତାୟାତ ପାଇଁ ଅନୁପଯୁକ୍ତ ହୋଇପଡିଛି । ଏ ସମ୍ପର୍କରେ ଶାଳପଡା ପଞ୍ଚାୟତ ସରପଞ୍ଚ ସନ୍ତୋଷ କୁମାର ପଣ୍ଡା ମତରେ, ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ପଞ୍ଚାୟତ ଅର୍ଥରେ ଏହା ମରାମତି କି ନିର୍ମାଣ ହୋଇପାରିବ ନାହିଁ ।କିନ୍ତୁବିଭାଗୀୟ ଅଧିକାରୀ ଏହା ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛନ୍ତି । ଏହି ରାସ୍ତାର ଦୁରାବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଯାତାୟାତ ପାଇଁ ସମସ୍ୟା ଉପୁଜୁଥିବାରୁ ଉତ୍ତେଜନା ଦେଖା ଦେଇଥିବା ବେଳେ ଏଥିରେ ବଳି ପଡୁଛନ୍ତି ପଞ୍ଚାୟତ ର ଜନପ୍ରତିନିଧି ତେଣୁ ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି ।

## ବାଲିଭଉଁରୀ-ଶିଖରଘାଟ ରାସ୍ତା ବିପର୍ଯ୍ୟସ୍ତ

ନାଉଗାଁ, (ସବ୍ୟୁ):ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଦେଇ ଶିଖରପାଟ-ବାଲିଭଉଁରୀ ରାସ୍ତା ଯାଇଛି । ଏହି ରାସ୍ତାଟି ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ଅଟେ । ଶିଖରଘାଟ ଠାରେ ଦେବୀନଦୀରେ ସେତୁ ନିର୍ମାଣ ପରେ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି । ରାସ୍ତାଟି ପୂର୍ତ୍ତ ବିଭାଗ ଅଧିନରେ ରହିଥିବାବେଳେ ପ୍ରତି ବର୍ଷ ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ପ୍ରାୟ ଏକ ବର୍ଷ ହେବ ଏହି ରାସ୍ତାରେ ପାଖାପାଖି ୬୭ ଲକ୍ଷ ଟଙ୍କା ସାଙ୍କେତିକ ଚିହ୍ନ ଏବଂ ମରାମତି ବାବଦକୁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । କିନ୍ତୁ ରାସ୍ତାର ଅବସ୍ଥା ସୁଧୁରିବାରେ ନାଁ ଧରୁନି ।ଶିଖରଘାଟ ଠାରୁ ବାଲିଭଉଁରୀ ପର୍ଯ୍ୟନ୍ତ ପ୍ରାୟ ୧୮କି.ମି ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଛି । ବିଶେଷକରି ବଜାର ଓ ଛକ ଗୁଡିକରେ ଅଧିକ ଖଲଖମା ସୃଷ୍ଟି ହୋଇଥିବା ଦେଖାଯାଇଛି । ବର୍ତ୍ତମାନ ବର୍ଷା ଦିନ ଚାଲିଥିବା ବେଳେ ବର୍ଷା ପାଣି ଖାଲଖମାରେ ପୂର୍ଣ୍ଣ ହୋଇ ରହିଛି । ଅଜଣା ଯାତ୍ରୀମାନେ ଏହି ରାସ୍ତା ଦେଇ ଯାଉଥିବା ବେଳେ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି । ବିଭାଗ ପକ୍ଷରୁ ଏହି ଖାଲରେ ଠାଏ ଠାଏ ମେଟାଲ ପକାଯାଇଥିବା ବେଳେ ଉକ୍ତ ମେଟାଲକୁ ଗଦା କରି ରଖାଯାଇଛି । ଯାହାଫଳରେ ରାତିରେ ଗାଡି ଚାଳକମାନେ ଆସିବା ଦ୍ୱାରା ଉକ୍ତ ମେଟାଲରେ ପଡୁଥିବା ଦେଖିବାକୁ ମିଳିଛି । ରାସ୍ତାଟି କଟକ, ପୁରୀ, ପାରାଦୀପ, କେନ୍ଦ୍ରାପଡା,ଅସ୍ତରଙ୍ଗ, କାକଟପୁର ଆଦି ସ୍ଥାନକୁ ସଂଯୋଗ କରୁଅଛି । ବର୍ତ୍ତମାନ ପୁରୀରେ ରଥ ଯାତ୍ରା ଓ ବିଭିନ୍ନ ପର୍ବପର୍ବାଣି ଚାଲିଥିବା ବେଳେ ବିଭିନ୍ନ ଜିଲାରୁ ଏହି ରାସ୍ତା ଦେଇ ପୁରୀ, କୋଣାର୍କ, କାକଟପୁର ଆଦି ସ୍ଥାନକୁ ଯାତ୍ରୀମାନେ ଯିବା ଆସିବା କରୁଛନ୍ତି । ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି । କେବଳ ଗାଡି ଚାଳକ ନୁହଁନ୍ତି ପଦଚାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟ ସାଧ ହୋଇ ପଡୁଛନ୍ତି । ଏହି ରାସ୍ତା ଦେଇ ବ୍ଲକର ୧୬ଟି ପଂଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା, ବ୍ଲକ କାର୍ଯ୍ୟାଳୟ, ତହସିଲ, ପ୍ରାଣୀ ଚିକିତ୍ସାଳୟ ଆଦିକୁ ଆସୁଛନ୍ତି ।



କିନ୍ତୁ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ କରାଯାଉ ନଥିବାରୁ ସ୍ଥାନୀୟ ଅଂଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି । ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ସମାଜସେବୀ ଅଶୋକ ସ୍ୱାଇଁ, କମ୍ରେଡ ସୁବାସ ସ୍ୱାଇଁ, ଯୁବନେତା ସୁନିଲ ମାଟିଆ ପ୍ରମୁଖ ଦାବି କରିଛନ୍ତି । ଏସଂପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଏହି ରାସ୍ତା ମରାମତି ପାଇଁ ଟେଣ୍ଡର ସରିଛି କହି ଥିଲେ ।

# ଅଟଳ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ଜୟଦେବ ଭବନ ପ୍ରାଙ୍ଗଣରେ ଏକ ଦିବସ ବ୍ୟାପି ଅଟଳ ପ୍ରତିଭା ସମ୍ମାନ-୨୦୨୬ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଦିବା ୧୧ ଘଟିକା ସମୟରେ ଅଟଳ ଯୁବଶକ୍ତିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟ ବକ୍ତା ଭାବରେ ବାଲେଶ୍ୱରର ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା, ଅନୁଷ୍ଠାନର ଉପଦେଷ୍ଟା ସୁରଥ ବିଶ୍ୱାଳ, ଆଶୋକ ପାଲିତ, ସରୋଜ ଦାସ, ରମେଶ ଚଉନି ଏବଂ ଅନୁଷ୍ଠାନର ଅଧକ୍ଷ ସଞ୍ଜୟ ଦାସଙ୍କ ଉପସ୍ଥିତିରେ "ଅଟଳ ପ୍ରେରଣା ପ୍ରଦର୍ଶନୀ" ଉଦ୍‌ଘାଟନ ହେବା ସହ ଏକ ସଭାର ଆୟୋଜନ ହୋଇଥିଲା । ଏହି ଅବସରରେ ସଂଗଠନର ସାଧାରଣ ସମ୍ପାଦକ ପ୍ରବିର ଶଙ୍କର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସଭାପତି ବିକାଶ ପାଢ଼ୀ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅଟଳ ଖେଳ ରତ୍ନ ଭାବେ ପ୍ରତ୍ୟାଶା ରାୟ, ଅଟଳ ବୀର ଯୋଦ୍ଧା ରତ୍ନ କାଗିଲ ଯୋଦ୍ଧା ଭୂତପୂର୍ବ ସୈନିକ ହେମନ୍ତ ମହାନ୍ତି, ଅଟଳ ସାମ୍ବାଦିକ ରତ୍ନରେ ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, ଅଟଳ ସମାଜସେବା ରତ୍ନ ଭାବେ ସଞ୍ଜୀବ ପାଢ଼ୀ, ଅଟଳ ପ୍ରକୃତି ରତ୍ନରେ ବିଶ୍ୱଜିତ ପଣ୍ଡା, ଅଟଳ ଉଦ୍ୟୋଗି ରତ୍ନରେ ପଙ୍କଜ ଲୋଚନ ମହାନ୍ତି, ଅଟଳ ମିତ୍ର ରତ୍ନ ଭାବେରେ ଶ୍ରୀରାମ ଦାସ, ଅଟଳ ଧର୍ମ ରତ୍ନରେ ମହେଶ ସାହୁ, ଅଟକ ବିଦ୍ୟା ରତ୍ନରେ ମାଟ୍ରିକ ଟପର ପାର୍ଥ ସାରଥୀ ମହାନ୍ତି, ଅଟଳ କଳା ରତ୍ନରେ ସ୍ୱୟମ୍ ପାଢ଼ୀ, ଅଟଳ ଶିଳ୍ପୀ ରତୁରେ ଉପେନ୍ଦ୍ର ଗିରି ପ୍ରମୁଖଙ୍କ ସମ୍ମାନିତ କରାଯାଇଥିଲା । ସଭାର ଅବଶେଷରେ ଏକ କବି ସମ୍ମିଳନୀର ଆୟୋଜନ କରାଯାଇ ସମ୍ମାନିତ ମଧ କରାଯାଇଥିଲା । ସଂଗଠନର ମୁଖ୍ୟ ମୁଖ୍ୟ ପୃଷ୍ଠପୋଷକ ପର୍ଶୁରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ସନ୍ଧ୍ୟା କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ଅବସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜପି ନେତା ଗୋଲକ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ନେତା ଶୁଭ୍ରାଂସୁ ମୋହନ ପାଢ଼ୀ ଯୋଗ ଦେଇ ଆୟୋଜନମାନଙ୍କ ଏଭଳି କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେବା ସହ ଅଟଳଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅଟଳ ପ୍ରତିଭା ସମ୍ମାନ ପ୍ରଶଂସନୀୟ ବୋଲି କହିଥିଲେ । ଏହି ଅବସରରେ ସଂଗଠନର ସଭାପତି ବିକାଶ ପାଢ଼ୀ ସ୍ୱାଗତ। ଭାଷଣ ଦେଇଥିବା ବେଳେ ସଂଗଠନର ସାଧାରଣ ସମ୍ପାଦକ ପ୍ରଚାର ଶଙ୍କର ଦାଶ ଅଟଳ ଯୁବ ଶକ୍ତି ସମ୍ବନ୍ଧରେ ବିବରଣୀ ରଖିବା ସହ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପୃଷ୍ଠପୋଷକ ଶ୍ରୀମାନ୍ ସୁମନ୍ତ ଜେନା, ଆଲୋକ କର ଏବଂ ଉପେନ୍ଦ୍ର ଭଞ୍ଜ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା " ଯୁଗ ଜନ୍ମା ଅଟକ"ର ଶୁଭ ଉନ୍ମୋଚନ ହୋଇଥିଲା ।



# ନୂଆ ଡିଜି ରେସ୍‌ରେ ସର୍ବାଗ୍ରେ ସୁଧାଂଶୁ

ଭୁବନେଶ୍ୱର (ସବ୍ୟୁ), (ପ୍ରଦୀପ୍ତ କୁମାର ଦାସ): ସମ୍ପ୍ରତି ରାଜ୍ୟର ପରବର୍ତ୍ତୀ ପୋଲିସ ମହାନିର୍ଦ୍ଦେଶକ ତଥା ଡିଜିପି ଚୟନ ପ୍ରକ୍ରିୟା ଆଗାମୀ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବାକୁ ଯାଉଛି। ରାଜ୍ୟ ପୋଲିସ ପ୍ରଶାସନର ଏହିଗୁରୁତ୍ୱପୂର୍ଣ୍ଣ ଓ ଶୀର୍ଷ ପଦବୀ ପାଇଁ ଚାଲିଥିବା କଳ୍ପନା-ଜଳ୍ପନା, ଆଇନଗତ ଓ ପ୍ରଶାସନିକ ପ୍ରକ୍ରିୟାର ସଦ୍ୟ ସ୍ଥିତି କ୍ରମରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ(ପ୍ରକାଶ ସିଂ ବନାମ କେନ୍ଦ୍ର ସରକାରଙ୍କ ମାମଲା) ଅନୁଯାୟୀ ରାଜ୍ୟରେ ନୂତନ ଡିଜିପି ପଦ ଚୟନ ପାଇଁ ଇତିମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ତଦନୁଯାୟୀ ଚୟନ ତାଲିକାରେ ଅତି କମରେ ୩୦ ବର୍ଷର ସେବା ପୂରଣ କରିଥିବା ବରିଷ୍ଠ ଆଇପିଏସ ଅଫିସରମାନଙ୍କ ନାମ ଓ ସେମାନଙ୍କ କାର୍ଯ୍ୟାବଳୀର ବିବରଣୀ ତଥା ସିଡିଆର କେନ୍ଦ୍ର ଲୋକସେବା ଆୟୋଗ ତଥା ୟୁପିଏସସି ପାଖକୁ ପଠାଯାଇସାରିଛି। ତେବେ ୟୁପିଏସସି ସ୍କ୍ରିନିଂ ଅନୁଯାୟୀ କେନ୍ଦ୍ର ଲୋକସେବା ଆୟୋଗଙ୍କ ଅଧ୍ୟକ୍ଷ,କେନ୍ଦ୍ର ଗୃହ ମନ୍ତ୍ରଣାଳୟର ପ୍ରତିନିଧି,ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ବର୍ତ୍ତମାନର ଡିଜିପିଙ୍କୁ ନେଇ ଗଠିତ ଏମ୍ପାନେଲ କମିଟି ଏହି ନାମଗୁଡ଼ିକର ସୂଚୀ ସମୀକ୍ଷା କରିଥିବା ଜଣାପଡ଼ିଛି। ସେହି ମୁତାବକ ସେଠାକୁ ପୂର୍ବରୁ ପଠାଯାଇଥିବା ରାଜ୍ୟର ୧୧ ଜଣିଆ ତାଲିକାରେ ଥିବା ସମସ୍ତ ଯୋଗ୍ୟ ଅଫିସରଙ୍କ ମଧ୍ୟରୁ ସେବା କାଳ,ଯୋଗ୍ୟତା, ବରିଷ୍ଠତା ଓ ଦକ୍ଷତା ଆଧାରରେ ଆସନ୍ତା ୭ ତାରିଖରେ ଉପରୋକ୍ତ କମିଟିର ସଦସ୍ୟ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ଉକ୍ତ ତାଲିକାରେ ଥିବା ରାଜ୍ୟ କ୍ୟାଡରର ମୋଟ ୧୧ ଜଣ ଆଇପିଏସ ଅଧିକାରୀଙ୍କ ମଧ୍ୟରୁ ତର୍ଜମା କରାଯାଇ ୩ ଜଣ ଶୀର୍ଷ ବରିଷ୍ଠ ଅଧିକାରୀଙ୍କ ନାମକୁ ବାଛିବା ପରେ ରାଜ୍ୟ ସରକାରଙ୍କୁ ସୁପାରିସ କରାଯିବ। ଏହି ରେସରେ ଥିବା ପ୍ରମୁଖ ବରିଷ୍ଠ ଆଇପିଏସ ଅଧିକାରୀ ମାନଙ୍କ ସମ୍ପର୍କରେ ବର୍ତ୍ତମାନର ଆଲୋଚନା ଏବଂ ବରିଷ୍ଠତା ଅନୁଯାୟୀ ୩ ଜଣ ସର୍ବ ବରିଷ୍ଠ ଅଫିସରଙ୍କ ନାମ ସବୁଠାରୁ ଆଗରେ ରହିଥିବା କୁହାଯାଉଛି। ସେମାନଙ୍କର ବର୍ତ୍ତମାନର ପଦବୀର ସ୍ଥିତି ଓ ଦାୟିତ୍ୱ ସହ ବିଶେଷତା ଓ ଦକ୍ଷତା ଅନୁଯାୟୀ ସର୍ବାଗ୍ରେ ଅଛନ୍ତି ସୁଧାଂଶୁ ଷଡ଼ଙ୍ଗୀ।

୧୯୯୦ ବ୍ୟାଚର ଏହି ଆଇପିଏସ ଅଧିକାରୀ ଏବେ ଅଗ୍ନିଶମ ଓ ଗୃହରକ୍ଷୀ ବିଭାଗର ଡିଜି ଭାବେ ଦାୟିତ୍ୱ ନିଭାଇ ଆସୁଛନ୍ତି।ଏହି ଚୟନ ଦୌଡ଼ରେ ସେ ସର୍ବାଗ୍ରେ ରହିଥିବା ଚର୍ଚ୍ଚା ହେଉଛି। ତାଙ୍କ ପରେ ରହିଥିବା ସୁଶାନ୍ତ କୁମାର ନାଥ ୧୯୯୩ ବ୍ୟାଚର ବରିଷ୍ଠ ଆଇପିଏସ। ସେ ଏବେ ରାଜ୍ୟ ଜେଲ ବିଭାଗର ଡିଜି ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହା ବ୍ୟତୀତ ସେ ରାଜ୍ୟ ପୋଲିସ ନିଯୁକ୍ତି ବୋର୍ଡ଼ର ଅଧକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି।ଦୀର୍ଘ ଦିନର ପୋଲିସ ସେବା,ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିବାର ଅଭିଜ୍ଞତା ମଧ୍ୟ ତାଙ୍କର ରହିଛି। ସେହିପରି ତାଙ୍କ ପରେ ଅଛନ୍ତି ଆର.ପି.କୋଚେ। ସେ ମଧ ୧୯୯୩ ମସିହାର ବରିଷ୍ଠ ଆଇପିଏସ ଲ୍ଆଇନ ଶୃଙ୍ଖଳା ରକ୍ଷା ଓ ପ୍ରଶାସନିକ ପରିଚାଳନାରେ ତାଙ୍କର ରହିଛି ଦୀର୍ଘ ବର୍ଷର ଅଭିଜ୍ଞତା। ହେଲେ ସୁଧାଂଶୁ ଷଡ଼ଙ୍ଗୀଙ୍କ ନାମ ଚର୍ଚ୍ଚାର ସର୍ବାଗ୍ରେ ରହିବାର ମୁଖ୍ୟ କାରଣଗୁଡ଼ିକ ହେଲା ପ୍ରଶାସନିକ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ସୁଧାଂଶୁ ଷଡ଼ଙ୍ଗୀଙ୍କ ନାମକୁ ନେଇ ସମ୍ଭାବନା ଅଧିକ ଦେଖାଯାଉଛି। ଏହାର ପ୍ରମୁଖ କାରଣଗୁଡ଼ିକ ହେଲା ତାଙ୍କର ବରିଷ୍ଠତା ଓ ଯୋଗ୍ୟତାକୁ ଦେଖିଲେ ୧୯୯୦ ବ୍ୟାଚର ଆଇପିଏସ ଅଫିସର ଭାବେ ତାଙ୍କର ଦୀର୍ଘ ୩୫ ବର୍ଷର ଚାକିରି କାଳ ସହ ସୁଦୂରପ୍ରସାରି ଅଭିଜ୍ଞତା। ଅନ୍ୟ ଦୁଇ ଦାବିଦାର ଶ୍ରୀ ନାଥଙ୍କ ଚାକିରୀ କାର୍ଯ୍ୟକାଳ ୩୨ ବର୍ଷ ହୋଇଥିବା ବେଳେ ଶ୍ରୀ କୋଚେ ୩୩ ବର୍ଷ ଚାକିରୀ କାଳ କାଟିସାରିଛନ୍ତି। ତେବେ ଏହି ଦୁଇ ଦାବିଦାରଙ୍କ ତୁଳନାରେ ସୁଧାଂଶୁଙ୍କ କ୍ୟାରିଅରର ମହତ୍ୱ ଅଧିକ ରହିଛି ବୋଲି କୁହାଯାଉଛି। ଏଥିସହ ତାଙ୍କର ନିର୍ମଳଭାବମୂର୍ତ୍ତି ଓ କାର୍ଯ୍ୟଦକ୍ଷତା ରାଜ୍ୟରେ ଅପରାଧ ନିୟନ୍ତ୍ରଣ,ସାଇବର ସୁରକ୍ଷା,ଏବଂ ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀ କମିଶନରେଟ୍ ପୋଲିସର ମୁଖିଆ ପଦବୀ ତୁଲାଇଥିବାର ବିଶେଷତ୍ୱ ଆଦି ସହ ପୂର୍ବରୁ ସେ ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ଦାୟିତ୍ୱ ମଧ ସଂପାଦନ କରିଛନ୍ତି। ଓଡ଼ିଶାର ସଂସ୍କୃତି ଓ ଓଡ଼ିଆ ଅସ୍ମିତା ଉପରେ ନଜର ଦେଲେ ରାଜ୍ୟର ଜଣେ ସ୍ୱାଭିମାନୀ ବରିଷ୍ଠ ଓଡ଼ିଆ ଆଇପିଏସ ଅଫିସର ଭାବେ ରାଜ୍ୟର ଆଇନ ଶୃଙ୍ଖଳା ରକ୍ଷା,ରାଜନୈତିକ ଦୃଷ୍ଟିକୋଣ ସହ ଜନ ସମ୍ପର୍କ ଏବଂ ପ୍ରଶାସନିକ ସ୍ଥିତି ବିଷୟରେ ତାଙ୍କର ଭଲ ଅଭିଜ୍ଞତା ଓ ପରିଚିତି ମଧ ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆସ୍ଥାଭାଜନ ହେବା ଦୃଷ୍ଟିକୋଣରୁ ବିବେଚନା କଲେ ତାଙ୍କର ନିରପେକ୍ଷତା ଏବଂ ନିୟମାନୁଗତ କାର୍ଯ୍ୟଶୈଳୀ ଯୋଗୁଁ ତାଙ୍କ ନାମ ଉପରେ ସହମତି ପ୍ରକାଶ ପାଇବା ଅଧିକ ପସନ୍ଦଯୋଗ୍ୟ ହେବ ବୋଲି ପ୍ରଶାସନିକ ସମୀକ୍ଷକ ମହଲରେ ଚର୍ଚ୍ଚା ହେଉଛି।

ତେବେ ଉକ୍ତ ଚୂଡ଼ାନ୍ତ ତାଲିକାଭୁକ୍ତ ହେବାକୁ ଯାଉଥିବା ଏହି ୩ ଜଣିଆ ନାମ ସୁପାରିଶ ପତ୍ର ଅଗଷ୍ଟ ୭ ତାରିଖରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ଗୃହ ବିଭାଗ ପାଖରେ ପହଞ୍ଚିବା ପରେ ଏହାକୁ ମୁଖ୍ୟଶାସନ ସଚିବଙ୍କ କାର୍ଯ୍ୟାଳୟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ। ସେଠାରେ ଏହା ଉପରେ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରି ମୋହର ମାରିବେ।ଏହି ମର୍ମରେ ଆସନ୍ତା ମାସ ୧୬ ତାରିଖ ପୂର୍ବରୁ କିମ୍ବା ସେହି ଦିନ ନୂତନ ଡିଜିପିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ପାୱାର କରିଡର ଓ ରାଜନୈତିକ ମହଲରେ ଗତ କିଛି ଦିନ ହେଲା ବେଶ ଆଲୋଚନା ହେଉଥିବା ପ୍ରକାଶ।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ "କାରଗିଲ ବିଜୟ ଦିବସ" ପାଳନ

ଭୁବନେଶ୍ୱର, (ସବ୍ୟୁ): କାରଗିଲ ବିଜୟ ଦିବସ କେବଳ ଏକ ସାମରିକ ବିଜୟର ଦିନ ନୁହେଁ, ଏହା ଭାରତୀୟ ସେନାର ଅଟଳ ଶପଥ, ଦେଶପ୍ରେମ ଓ ସାର୍ବଭୌମତ୍ୱର ପ୍ରତୀକ। ଆମର ଶାନ୍ତିପୂର୍ଣ୍ଣ ଆଜି ପାଇଁ ଯେଉଁ ଯବାନମାନେ ସେମାନଙ୍କର କାଲିକୁ ବଳିଦାନ ଦେଇଛନ୍ତି, ସେମାନଙ୍କ ନିକଟରେ ସମଗ୍ର ଦେଶ ସଦା ସର୍ବଦା ଋଣୀ। କାରଗିଲ ଯୁଦ୍ଧ ବିଜୟ ଭାରତୀୟ ଇତିହାସର ଏକ ଅବିସ୍ମରଣୀୟ ଦିନ। ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଦେଶର ବୀର ସୈନିକମାନେ ଏହି ଯୁଦ୍ଧରେ ବିଜୟ ଆଣି ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଥିଲେ। ସେହି ଦିନଠାରୁ ପ୍ରତ୍ୟେକ ବର୍ଷ ଜୁଲାଇ ୨୬ ତାରିଖକୁ 'କାରଗିଲ ବିଜୟ ଦିବସ' ଭାବେ ପାଳନ କରାଯାଉଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାରଗିଲ ବିଜୟ ଦିବସ ପାଳନ ଅବସରରେ ଯୋଗ ଦେଇ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି କହିଛନ୍ତି। ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମେତ ସାରା ଦେଶବାସୀ ଭାରତୀୟ ସେନାଙ୍କ ମନୋବଳ ବଢାଇଥିଲେ। କାର୍ଗିଲ ଯୁଦ୍ଧରେ ଦେଶ ପାଇଁ ଶହୀଦ ହୋଇଥିବା ୫୬୨ରୁ ଉର୍ଦ୍ଧ୍ୱ ଯବାନଙ୍କ ମଧ୍ୟରେ ୧୩ ଜଣ ଓଡ଼ିଆ ସୁପୁତ୍ର ସାମିଲ ଥିଲେ। ଗଞ୍ଜାମ, ପୁରୀ, କଟକ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ବୀର ଯବାନମାନଙ୍କ ଅଦମ୍ୟ ସାହସ ଓ ପ୍ରାଣବଳିଦାନକୁ ଓଡ଼ିଶାବାସୀ ଚିରଦିନ ମନେରଖିବେ। ଭାରତୀୟ ସେନାର ତ୍ୟାଗ, ତପସ୍ୟା ଏବଂ ବଳିଦାନକୁ ଆମ ଦେଶ ସବୁବେଳେ ମନେ ରଖିବ। ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିକୁ ରାଷ୍ଟ୍ରଭକ୍ତି, ଦେଶ ସେବା ଓ ସମର୍ପଣ ଭାବନା ନେଇ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ। ଭାରତୀୟ ସେନାର ତ୍ୟାଗ, ତପସ୍ୟା ଏବଂ ବଳିଦାନକୁ ଆମ ଦେଶ ସବୁବେଳେ ମନେ ରଖିବ ବୋଲି ଡ.ମହାନ୍ତି କହିଛନ୍ତି। "କାରଗିଲ ବିଜୟ ଦିବସ" ପାଳନ ଅବସରରେ ଅବସରପ୍ରାପ୍ତ ସେନାଧିକାରୀ କର୍ଣ୍ଣେଲ ସବ୍ୟସାଚୀ ଦାସ, ୱିଙ୍ଗ କମାଣ୍ଡର ଡ.ବିଜୟ କୁମାର ଜେନା, ସୁବେଦାର ରାହାସ ବିହାରୀ ନାୟକ, ନାଏବ ସୁବେଦାର ଅଶୋକ କୁମାର ବିଶ୍ୱାଳ, ଅରୁଣ କୁମାର ପତି, ସର୍ଜେଂଟ ଧ୍ରୁବାନନ୍ଦ ବାରିକ, ରୁଦ୍ରପ୍ରସାଦ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ସେମାନେ କାରଗିଲ ଯୁଦ୍ଧ ସଂପର୍କରେ ନିଜ ନିଜ ଅନୁଭବ ବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ବିଙ୍କଚି ନାରାୟଣ ତ୍ରିପାଠୀ, ବୁଦ୍ଧିଜୀବି ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ, ବିଜେପି ବାର୍ତ୍ତା ସଂପାଦକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କେଡିଏ, ଏମ୍‌ଡିଏ ଓ ଜେଏସ୍‌ପିର ଲୀଳାମୟ ସନ୍ଧ୍ୟା ହୋ ଭକତେ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ବିଶ୍ୱ ଭୂବନର ତ୍ରାଣକର୍ତ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଧରପଣା ଓ ନିଳାଦ୍ରୀବିଜେ ଅବସରରେ କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ) ଦ୍ୱାରା ଆୟୋଜିତ ଏବଂ ମହାନଦୀବିହାର ଡେଭେଲପମେଣ୍ଟ ଆସୋସିଏସନ୍ (ଏମଡିଏ) ଓ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦ (ଜେଏସପି) ର ମିଳିତ ସହଯୋଗରେ ୨୬ ଓ ୨୭ ଦୁଇଦିନ ଧରି ମହାନଦୀବିହାରସ୍ଥିତ ମହାନଦୀଭବନରେ ଜଗନ୍ନାଥ ଭଜନାମୃତ ଓ ସାଂସ୍କୃତିକ ଭକ୍ତିମୟ ସନ୍ଧ୍ୟା ହୋ ଭକତେ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଏମଡିଏ ସଭାପତି ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସନ୍ଧ୍ୟାରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରି ମହାପ୍ରଭୁଙ୍କ ଲୀଳା ବଡ ବିଚିତ୍ର, ତାଙ୍କରି ଆଶୀର୍ବାଦରେ ହୋ ଭକତେ କାର୍ଯ୍ୟକ୍ରମ ବେଶ୍ ଉଚ୍ଚ କୋଟିର ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ସମାଜସେବୀ, ପରିବେଶବିତ, ନୃତ୍ୟଶିଳ୍ପୀ ଓ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜେଏସପିର ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଏହି ସମସ୍ତ କାର୍ଯ୍ୟକ୍ରମ ଯୁବ ସମାଜସେବୀ ସାଇ ସୌରଭ ଜେନାଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା ।



କରିବା ସହ ଏହି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ । ଜେଏସପିର ସଭାପତି ଚତୁର୍ଭୁଜ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଉଲ୍ଲାସ ବେଉରା

# ଜିଲ୍ଲା ପେନସନର୍ସ ଆସୋସିଏସନ୍‌ର ବାର୍ଷିକ ଉତ୍ସବ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନର ବାର୍ଷିକ ଉତ୍ସବ ଆସୋସିଏସନର ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାରାଗାର ପଥ ସ୍ଥିତ ଶ୍ୟାମା ମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭା ଆରମ୍ଭ ହୋଇଥିଲା। ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବହୁ ସଂଖ୍ୟାରେ ଯୋଗ ଦେଇଥିବା ସଦସ୍ୟ ସଦସ୍ୟାମାନଙ୍କୁ ଖୋର୍ଦ୍ଧାର ବିକାଶ ପାଇଁ ଉଦବୋଧନ ଦେଇଥିଲେ। ଲୋକମାନଙ୍କର ସହଯୋଗ ଓ ପରାମର୍ଶ ପାଇଲେ ବିକାଶର ଧାରା ଆଗେଇ ଚାଲିବ ବୋଲି କହିଥିଲେ। ୧୯୮୮ ମସିହାରେ ପଞ୍ଜିକୃତ ହୋଇଥିବା ପେନସନର୍ସ ଆସୋସିଏସନ୍‌ର ନିଜସ୍ୱ ଗୃହ ନଥିବାରୁ ବିଧାୟକ ଉଦବେଗ ପ୍ରକାଶ କରିବା ସହ ଗୃହ ନିର୍ମାଣ ଦିଗରେ ସମସ୍ତ ସହଯୋଗ ଦେବା ପାଇଁ ବଜ୍ର ଗମ୍ଭୀର କଣ୍ଠରେ ଘୋଷଣା କରିଥିଲେ। ଏ ସଂଗଠନକୁ ଦୃଢତାର ସହ ଚଳାଇ ଆସିଥିବା ନସିମୁଦ୍ଦିନ୍ ଖାଁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ସେ ସର୍ବଦା ଅତି ଆପଣାର ଭାବେ ଦେଖି ଆସିଛନ୍ତି ବୋଲି କହିଥିଲେ। ପ୍ରତ୍ୟେକ ବ୍ୟକ୍ତି ଆଧ୍ୟାତ୍ମିକ ଓ ସମାଜସେବା ଦିଗରେ ବ୍ରତୀ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସମ୍ପାଦକ ନସିମୁଦ୍ଦିନ୍ ଖାଁ ବାର୍ଷିକ ବିବରଣୀ ପାଠ କରିବା ପୂର୍ବକ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ।

ସଭାଶେଷରେ କାର୍ଯ୍ୟକାରୀ ସଭାପତି ମାୟାଧର ମହାଳିକ, ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉପଦେଷ୍ଟା ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରସାଦ ମଜୁମଦାର, ସମାଜସେବୀ ଦିଲ୍ଲୀପ କୁମାର ହୋତା ପ୍ରମୁଖ ଉପସ୍ଥିତ ଥାଇ ସଦସ୍ୟମାନେ ପାରସ୍ପରିକ ସହଯୋଗ ଭିତରେ ଅବସର ଜୀବନ କାଟିବା ସହ ସମାଜସେବା ଦିଗରେ କାର୍ଯ୍ୟ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ଼ାଃ ବାସୁଦେବ ପାତ୍ର, ଡ଼.ଚପଳା କୁମାରୀ ପଣ୍ଡା, ଶତୃଘ୍ନ ବିଷୋଇ, ପ୍ରଫୁଲ୍ଲ କୁମାର ସାହୁ, ପ୍ରାଧ୍ୟାପକ ମନମୋହନ ବଳିଆରସିଂହ, ଶାନ୍ତିଲତା ବଳିଆରସିଂହ, ବିନାୟକ ପାଇକରାୟ, ବିଭୁତି ଭୂଷଣ ମହାପାତ୍ର, ବ୍ରଜେଶ୍ୱର ପତି, ବୈକୁଣ୍ଠନାଥ ମହାପାତ୍ର, ସନାଉଲା ଖାଁ, ବୈଦ୍ୟନାଥ ବରାଳ ପ୍ରମୁଖ ପେନସନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ସଂପାଦକ ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।




## ଅଜୟ ହାୟର ସେକେଣ୍ଡାରୀ ସ୍କୁଲ ତରଫରୁ ପୁରୀରେ ୧୦ ହଜାର ଭକ୍ତଙ୍କୁ ପ୍ରସାଦ ବିତରଣ

ଭୁବନେଶ୍ୱର, ତମଣ୍ଡୋ ସ୍ଥିତ ଅଜୟ କଲେଜ ତରଫରୁ ପ୍ରଥମ ଥର ଗୋଠପାଟଣାର ରାଧାମାଧବ ନଗରରେ ରଥଯାତ୍ରା ଅନୁଷ୍ଠିତ କରାଯାଇଥିଲା। ଏହି ରଥଯାତ୍ରା ରେ ଅଜୟ କଲେଜର ଚେୟାରମ୍ୟାନ - ଶ୍ରୀଯୁକ୍ତ ବ୍ରହ୍ମଓନନ୍ଦ ମଙ୍ଗରାଜ, ପ୍ରିନ୍ସିପାଲ - ଡା. ସନ୍ତୋଷ କୁମାର ପଣ୍ଡା, ଆଡମିନ ଅଫିସର - ମୃତ୍ୟୁଞ୍ଜୟ ସ୍ୱାଇଁ, ଡାଇରେକ୍ଟର - ଇତିସ୍ମିତା ସ୍ୱାଇଁ ଏବଂ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ହୋଇଥିଲେ। ରାଧାମାଧବ ନଗରରେ ରଥଯାତ୍ରା ସହିତ ୩ ଠାକୁରଙ୍କୁ ସୁନାବେଶ କରାଯାଇଥିଲା। ପୁରୀରେ ୧୦ ହଜାର ଭକ୍ତଙ୍କୁ ପ୍ରସାଦ ସେବନ ବଣ୍ଟଯାଇଥିଲା।

# ବାରଙ୍ଗ ପୋଲିସର ସଫଳତା : ୨ ଲୁଟେରା ଗିରଫ

ବାରଙ୍ଗ ,(ସବ୍ୟୁ): :ବାରଙ୍ଗ ଥାନା ପୋଲିସ କୁ ମିଳିଛି ବଡ ସଫଳତା । ଡେଲିଭରି ବୟଙ୍କୁ ମାଡ଼ ମାରି ଲୁଟ ଘଟଣାର ୨୪ ଘଣ୍ଟା ନପୁରୁଣୁ ବାରଙ୍ଗ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର ଦିନ କୋର୍ଟ ଚାଲାଣ କରିଛି ।ଗିରଫ ଅଭିଯୁକ୍ତମାନେ ଖୋର୍ଦ୍ଧା ବେଗୁନିଆର ଆଲୋକ ସେଠୀ (୨୭) ଓ ବାଙ୍କୀ ତୁଳସୀପୁରର ମିଲୁ ପ୍ରଧାନ (୧୯) ବୋଲି ସୂଚନା ମିଳିଛି । ଏନଟିଏକ୍ସ ପରିବହନ ସେବା ପ୍ରାଇଭେଟ ଲିମିଟେଡର ଡେଲିଭରି ବୟ ଭାବେ କାର୍ଯ୍ୟ କରୁଥିବା ଲୋକନାଥ ସାହୁ ଗତ ୨୫ ତାରିଖ ଦିନ ଟଙ୍କା ଆଦାୟ କରି ଫେରୁଥିବା ବେଳେ ଷ,,ପୁର ପାଖ ମିକ୍ସ ମାଷ୍ଟର କମ୍ପାନୀ ନିକଟରେ କିଛି ଦୁର୍ବୃର୍ତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ମୁଖ୍ୟ ଅଭିଯୁକ୍ତ ଆଲୋକ ସେଠୀ, ମିଲୁ ପ୍ରଧାନ ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ଲୋକନାଥଙ୍କୁ ଘେରି ଯାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ ଏବଂ ତାଙ୍କ ନିକଟରୁ ୧୫ ହଜାର ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।ଏ ନେଇ ଲୋକନାଥ ସାହୁ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୋଲିସ କେସ ନମ୍ବର ୩୬୫/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।ତଦନ୍ତ ସମୟରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରବିବାର ଦିନ ଦୁଇ ମୁଖ୍ୟ ଅଭିଯୁକ୍ତ ଆଲୋକ ଓ ମିଲୁଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସ୍ତ୍ରୀ ସହ ଅନୈତିକ ସମ୍ପର୍କ

# ପଚାରିବାରୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀ ସହ ଅନୈତିକ ସମ୍ପର୍କ କଥା ପଚାରିବାରୁ ସ୍ୱାମୀକୁ ମରଣାନ୍ତକ ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ । ଅଭିଯୋଗକାରୀ ପ୍ରଶାନ୍ତ ରାଉତଙ୍କ ସ୍ତ୍ରୀ ସହ ତାଙ୍କ ସାଙ୍ଗ ରବିନାରାୟଣ ମହାନ୍ତି ଓ ରକିର ଅନୈତିକ ସମ୍ପର୍କ ଥିବା ସେ ଜାଣିବାକୁ ପାଇଥିଲେ । ଗତ ୨୨ ତାରିଖ ରାତି ପ୍ରାୟ ୧୦ଟା ବେଳେ ରକି ପ୍ରଶାନ୍ତଙ୍କୁ କଳିଙ୍ଗବିହାର ସ୍ଥିତ ଏକ ମଦ ଦୋକାନକୁ ଡାକିଥିଲା ।ସେଠାରେ ଅନୈତିକ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେଲା ।

ସେଠାରୁ ଫେରିବା ବାଟରେ ଟାଟା ଏରିନା ଆପାର୍ଟମେଣ୍ଟ ମୁଖ୍ୟ ଫାଟକ ନିକଟରେ ରକି ଏବଂ ତାଙ୍କ ସହଯୋଗୀ ପ୍ରଶାନ୍ତ ନାୟକ ମିଶି ଅଭିଯୋଗକାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଲୁହା ରଡ ଓ ବାଉଁଶ ଠେଙ୍ଗାରେ ପିଟି ପିଟି ଦରମରା କଲେ । ଆକ୍ରମଣରେ ଅଭିଯୋଗକାରୀଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ହେତୁ ତାଙ୍କ ବ୍ରେନ୍ ହାମ୍ରେଜ ହୋଇଗଲା । ସେ ଦୀର୍ଘ ଦୁଇବର୍ଷ ଧରି ଏମ୍ସ ଓ ସମ୍ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଲେ ।


ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଡାକ୍ତରୀ ରିପୋର୍ଟ ତଥା ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରିଥିଲା । ଅଭିଯୋଗର ସତ୍ୟାସତ୍ୟ ଜାଣିବା ପରେ ଅଭିଯୁକ୍ତ ରବିନାରାୟଣ ମହାନ୍ତି ଓରଫ ରକି (୪୧) ଓ ପ୍ରଶାନ୍ତ ନାୟକ (୩୮)କୁ ଗିରଫ କରି ରବିବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।




## ବିଶ୍ୱ ହେପାଟାଇଟିସ ଦିବସରେ ଜନସଚେତନତା

# ସମୟୋପଯୋଗୀ ଟିକାକରଣ ଓ ସଚେତନତା ହିଁ ପ୍ରତିରୋଧର ମୁଖ୍ୟ ଉପାୟ

କଟକ, (ସ୍ୱପ୍ର) : ବିଶ୍ୱ ହେପାଟାଇଟିସ ଦିବସ ଅବସରରେ ଜନସାଧାରଣଙ୍କ ମଧ୍ୟରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କଟକସ୍ଥିତ ଏକ ହୋଟେଲ ପରିସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହେପାଟୋଲୋଜି ବିଭାଗର ପ୍ରତିଷ୍ଠାତା ଓ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହେପାଟାଇଟିସ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ହେପାଟାଇଟିସ ସମ୍ପର୍କରେ ସଚେତନ ରହିଲେ ଏହି ରୋଗକୁ ପ୍ରତିରୋଧ କରି ସୁସ୍ଥ ଓ ନିରାମୟ ଜୀବନ ବିତାଇପାରିବେ। ବିଶେଷକରି ନବଜାତ ଶିଶୁଙ୍କୁ ହେପାଟାଇଟିସ-ବି ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ମାଆମାନଙ୍କ ସଚେତନତା ଏବଂ ସମୟୋପଯୋଗୀ ଟିକାକରଣ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପରିଷ୍କାର-ପରିଚ୍ଛନ୍ନତା, ନିରାପଦ ରକ୍ତ ସଞ୍ଚାର, ନିରାପଦ ଇଞ୍ଜେକ୍ସନ ବ୍ୟବହାର, ସୁରକ୍ଷିତ ଜୀବନଶୈଳୀ ଏବଂ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା ମାଧ୍ୟମରେ ହେପାଟାଇଟିସକୁ ଅନେକାଂଶରେ ରୋକାଯାଇପାରିବ ବୋଲି ସେ କହିଥିଲେ। ଶେଷରେ ବିଶ୍ୱ ହେପାଟାଇଟିସ ଦିବସ ଅବସରରେ ସମସ୍ତଙ୍କୁ ସଚେତନ ହେବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଏବଂ ହେପାଟାଇଟିସ ମୁକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଜଣାଯାଇଥିଲା।



## " ଅନେକ କ୍ଷେତ୍ରରେ ପ୍ରଥମ ଥିଲେ ଜଷ୍ଟିସ ବୀର କିଶୋର "

# ଜଷ୍ଟିସ ବୀର କିଶୋର ରାୟ ସ୍ମୃତିସନ୍ଧ୍ୟା

କଟକ, (ସବ୍ୟୁ):ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶାର ଅନେକ କ୍ଷେତ୍ରରେ ପ୍ରଥମ ଭାବରେ ଗୌରବ ଅର୍ଜନ କରିଥିଲେ । ଓଡ଼ିଶାର ପ୍ରଥମ ଆଡଭୋକେଟ ଜେନେରାଲ ଓ ପ୍ରଥମ ମୁଖ୍ୟ ବିଚାରପତି ଭାବରେ ତାଙ୍କ କୃତିତ୍ୱର ପଟାନ୍ତର ନାହିଁ । ରବିବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଜଷ୍ଟିସ ବୀର କିଶୋର ରାୟଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଜଷ୍ଟିସ ବୀର କିଶୋର ରାୟ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏସନ୍ ସଭାପତି ଲଲାଟେନ୍ଦୁ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ମୁଖ୍ୟ ଅତିଥି ଓ ସଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଜଷ୍ଟିସ ରାୟଙ୍କ ମହନୀୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଓଡ଼ିଶାର ଆଇନ ବ୍ୟବସ୍ଥା, ସାରସ୍ୱତ ପରିମଣ୍ଡଳ ଓ ସାଂସ୍କୃତିକ କ୍ଷେତ୍ରକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ ଓ ତାଙ୍କ ଦେହାନ୍ତ ଦିବସ ଗୋଟିଏ ତାରିଖରେ ହେବା ଏକ ବିରଳ ସଂଯୋଗ । ଉତ୍କଳ ସାହିତ୍ୟ ସମାଜର ସଭାପତି ପଦ ମଣ୍ଡନ କରିବା ମଧ ତାଙ୍କ ଜୀବନର ଏକ ଉଲ୍ଲେଖନୀୟ ଘଟଣା । ଜଷ୍ଟିସ ବୀର କିଶୋର ରାୟ ସ୍ମୃତି ସଂସଦର ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ ଅତିଥି ପରିଚୟ ଦେଇଥିବା ବେଳେ ଓଡ଼ିଶା ଆଇନଜୀବୀ ପରିଷଦ ସଭ୍ୟ ଲକ୍ଷ୍ମୀ ନାରାୟଣ ପଟେଲ୍ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ

# ଶ୍ରୀମନ୍ଦିରରେ ପହଞ୍ଚିଲା ତିନିରଥ



ବାରିପଦା, (ସବ୍ୟୁ): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀହରିବଳଦେବଜୀଉ ମନ୍ଦିରର ଶ୍ରୀଜୀଉମାନଙ୍କର ବାହୁଡାଯାତ୍ରା ଶାନ୍ତିଶୃଙ୍ଖଳା ମଧ୍ୟରେ ଶେଷ ହୋଇଯାଇଛି । ବାହୁଡାଯାତ୍ରା ଶେଷଦିନରେ ବଡଦାଣ୍ଡ ଜନସମୁଦ୍ର ପାଲଟିଯାଇଥିଲା । ତିନିଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ଶ୍ରୀମନ୍ଦିରରେ ତିନିରଥ ପହଞ୍ଚିଥିଲା । ତିନିରଥ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ବିଳମ୍ବିତ ରାତ୍ରିରେ ମହାପ୍ରଭୁମାନେ ଶ୍ରୀମନ୍ଦିରକୁ ନୀଳାଦ୍ରିବିଜେ କରିଛନ୍ତି । ଅପରାହ୍ନରେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥ ଟାଉନଥାନା ସମ୍ମୁଖରୁ ଟଣାହେବା ପୂର୍ବରୁ ପରମ୍ପରା ଅନୁଯାୟୀ ମହିଳାମାନଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗା ଯାଇଥିଲା ।

ଆଜି ଅପରାହ୍ନରେ ପ୍ରଥମେ ଟାଉନଥାନା ନିକଟରେ ଅଟକିଥିବା ଦେବୀ ଶୁଭଦ୍ରାଙ୍କ ରଥପାହଚରେ ତାରାକଟା ଓ ଘୋଡାଲାଗି ନୀତିପରେ ରଥଚାଳକ ଠାକୁରଙ୍କୁ ପ୍ରଣାମକରି ଆଜ୍ଞାମାଳ ମାଗିଥିଲେ । ପରେ ପରେ ମହିଳା ଭକ୍ତମାନେ ଦେବୀଶୁଭଦ୍ରାଙ୍କ ରଥକୁ ଆନନ୍ଦଉଲ୍ଲାସରେ ଟାଉନଥାନା ନିକଟରୁ ଟାଣି ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ । ପରେ ପରେ ମାଉସୀ ମା' ମନ୍ଦିର ନିକଟରେ ଥିବା ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାହଚରେ ତାରାକଟା ଓ ଘୋଡାଲାଗି ନୀତି ସଂପନ୍ନ ହେବାପରେ ବର୍ଷା ସର୍ତ୍ତେ ଭକ୍ତମାନେ ବର୍ଷାରେ ଭିଜି ଭିଜି ଖୋଳ, କୀର୍ତ୍ତନ, ହରିବୋଲ, ବାଦ୍ୟ, ଶଙ୍ଖ ଓ ହୁଳୁହୁଳି ଧ୍ୱନୀରେ ଭାବବିହ୍ୱଳ ହୋଇ ମାଉସୀ ମା' ମନ୍ଦିର ନିକଟରୁ ରଥକୁ ଟାଣି ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ । ତେବେ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ରଥଟଣା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତମାନଙ୍କ ଉପରକୁ ପାଣି ସିଞ୍ଚନ କରାଯାଇଥିଲା । ରଥଉପରୁ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ । ବଳଭଦ୍ରଙ୍କ ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ରଥ ଉପରୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗାଯାଇଥିଲା । ଏହି ଗୁଡଲଡୁ ପାଇବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଲାଗିଥିଲା ।

ଭକ୍ତମାନେ ଆନନ୍ଦଉଲ୍ଲାସରେ ଗୁଡଲଡୁ ସଂଗ୍ରହ କରିଥିଲେ । ସନ୍ଧ୍ୟାରେ ରଥଉପରେ ତିନିମହାପ୍ରଭୁଙ୍କୁ ଶେଷଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଲାଗିଥିଲା । ସନ୍ଧ୍ୟାରେ ଭକ୍ତମାନେ ରଥାରୂଢ ତିନିଠାକୁରଙ୍କୁ ରୂପାବେଶରେ ଦର୍ଶନ କରିଥିଲେ । ରାତ୍ରିରେ ମହାପ୍ରଭୁଙ୍କ ଦ୍ୱାଦଶ ଠା'ନୀତି ଶେଷ ହେବାପରେ ନାଗରାବାଡିରେ ନାଗରା ବାଜିବା ପରେ ମହାପ୍ରଭୁମାନଙ୍କର ସମସ୍ତ ଅଳଙ୍କାର ବେଶ ଖୋଲାଯିବା ପରେ ସୁବାସିତ ଚନ୍ଦନଜଳ ସିଞ୍ଚନ କରିବା ପରେ ଗୋଟିପହଣ୍ଡି ହୋଇ ମହାପ୍ରଭୁମାନେ ଶ୍ରୀମନ୍ଦିର ସିଂହଦ୍ୱାର ପାଖକୁ ଯାଇଥିଲେ ।

ମାତ୍ର ମହାଲକ୍ଷ୍ମୀ ମହାପ୍ରଭୁ ବଳଭଦ୍ର ଓ ଦେବୀ ଶୁଭଦ୍ରାଙ୍କୁ ଶ୍ରୀମନ୍ଦିର ଭିତରକୁ ଯିବାକୁ ଅନୁମତି ଦେଇଥିବାବେଳେ ମହାପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିର ଭିତରକୁ ଛାଡି ନଥିଲେ । ପରେ ପରେ ପରମ୍ପରା ଅନୁଯାୟୀ ମହାଲକ୍ଷ୍ମୀଙ୍କର ମହାପ୍ରଭୁ ଜଗନ୍ନାଥଙ୍କ ସହିତ ଭେଟ ହେବା ପରେ ରଥଗୀତ ଗାଉଣିଆ ଓ ଦେବଦାସୀ ରଥଗୀତ ଗାଇଥିଲେ । ପରେ ମହାଲକ୍ଷ୍ମୀ ମାନିବା ପରେ ପ୍ରଭୁଜଗନ୍ନାଥଙ୍କୁ ଶ୍ରୀମନ୍ଦିର ଭିତରକୁ ଯିବାକୁ ଅନୁମତି ଦେଇଥିଲେ । ଶେଷରେ ତିନିମହାପ୍ରଭୁଙ୍କର ସମସ୍ତ ରୀତିନୀତି ଶେଷ ହେବାପରେ ମହାପ୍ରଭୁମାନେ ଶ୍ରୀମନ୍ଦିରରେ ନୀଳାଦ୍ରି ବିଜେ କରିଥିଲେ ।

## ହୋଟେଲରେ ଚଢ଼ାଉ: ଚନ୍ଦନ କାଠ ଜବତ, ଜଣେ ଗିରଫ



କେନ୍ଦୁଝର, (ଜିପ୍ର) : କେନ୍ଦୁଝର ବନ ବିଭାଗ ପକ୍ଷରୁ ଶନିବାର ଦିନ ଏକ ବଡ଼ଧରଣର ଚଢ଼ାଉ କରାଯାଇ ଧଳା ଚନ୍ଦନ କାଠ ଚୋରା ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ଏନେଇ ମାମଲା ରୁଜୁ କରାଯାଇଛି ।

ବନ ବିଭାଗର ସୂଚନା ଅନୁଯାୟୀ, ଗିରଫ ବ୍ୟକ୍ତିଜଣକ ହେଲେ କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ଥାନା ଅନ୍ତର୍ଗତ ମଧୁକରେପୁର ଗ୍ରାମର ସୟଦ ଫିରୋଜ ଅଲି । ବନ ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗତକାଲି କେନ୍ଦୁଝର ସହରର କରଞ୍ଜିଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ପାପାଲି ହୋଟେଲ୍‌ରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା । ତାଙ୍କ ନିକଟରୁ ମୋଟ ୧୧.୧୬୫ କିଲୋଗ୍ରାମ ଓଜନର ଧଳା ଚନ୍ଦନ କାଠ ଜବତ କରାଯାଇଛି, ଯାହାର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି ।

ଏହି ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । ବେଆଇନ ଭାବେ ଚନ୍ଦନ କାଠ ନିଜ ପାଖରେ ରଖିବା ଏବଂ ପରିବହନ ଅଭିଯୋଗରେ ଅଭିଯୁକ୍ତଙ୍କୁ କୋର୍ଟକୁ ପଠାଯାଇଛି । ତେବେ ଏହି ଚୋରା ଚାଲାଣ କାରବାରରେ ଅନ୍ୟ କାହାରି ସମ୍ପୃକ୍ତି ଅଛି କି ନାହିଁ, ସେନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି । ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତଙ୍କର ମୟୂରଭଞ୍ଜ ଜିଲା ଚଢ଼େଇଭୁଡ଼ ଅଞ୍ଚଳରେ ଲିଙ୍କ ଥିବା ନେଇ ବନ ବିଭାଗ ସନ୍ଦେହ କରୁଛି ।

## କାର୍‌ଗିଲ ବିଜୟ ଦିବସ ପାଳିତ

ବୁଗୁଡ଼ା ,ସବ୍ୟୁ): ସ୍ଥାନୀୟ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ୨୭ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ବୁଗୁଡ଼ା ସହର ଉପକଣ୍ଠସ୍ଥ କାରଗିଲ ଶହୀଦ ସ୍ମୃତିପୀଠରେ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦେଇଥିବା ବେଳେ ଏ ଅବସରରେ ଗତ ୧୯ ୯ ୯ ମସିହା କାରଗିଲ ଯୁଦ୍ଧରେ ଦେଶ ମାତୃକାର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଶହୀଦ ବୀର ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ବିପ୍ର ଚରଣ ପାଣିଗ୍ରାହୀ, ପ୍ରମୋଦ ପଟ୍ଟନାୟକ, ଚରଣ ପ୍ରଧାନ, ବିଜୟ କୁମାର ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟଗଣ ଉପସ୍ଥିତ ରହିଥିଲେ ।

## ଅଗଷ୍ଟ ୩୦ରେ ବିଶାଳ ଯୁବଛାତ୍ର ସମାବେଶ : ଭଞ୍ଜସେନା

ବାରିପଦା, (ସବ୍ୟୁ): ରନିଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଅବଗତି ନିମନ୍ତେ "ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା' "ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ଜୁନ୍ ୧୭ତାରିଖରୁ ଜୁଲାଇ ୧୨ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍ (ସମସ୍ତ ବ୍ଲକ୍/ମ୍ୟୁନିସିପାଲଟି/ଏନଏସି) ପର୍ଯ୍ୟାୟ କ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ୍ କ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂ ସ୍ଥିତ ମା'କିଚକେଶ୍ୱରୀ ଦେବୀଙ୍କର ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ବାରିପଦାରେ ସମାପ୍ତ ହୋଇଥିଲା। ଏହି ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ଦୀର୍ଘ ୨୫ଦିନ ଧରି ଜିଲ୍ଲାରେ ଚାଲିଥିଲା ।

ପୁଣି ବହୁବାର ଏହି ଦୁଇଟି ଦାବୀକୁ ନେଇ କେତେବେଳେ "ରିଲ୍ସ' ପ୍ରତିଯୋଗିତା ତ କେତେବେଳେ ସଚେତନତା ଚଳଚ୍ଚିତ୍ର "ଆନ୍ଦୋଳନ' ତ କେତେବେଳେ ବିଭିନ୍ନ ଉପାୟରେ ଦାବୀ ଉପସ୍ଥାପନ କରି ମଧ୍ୟ ସଂଗଠନ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କୁ ଅବଗତ କରିବା ସକାଶେ ନିରବଚ୍ଛିନ୍ନ ପ୍ରଚେଷ୍ଟା ଆଜି ପର୍ଯ୍ୟନ୍ତ ଜାରୀ ରଖିଛି ।

ଏହି ଅଭିଯାନ ତଥା ଗଣତାନ୍ତ୍ରିକ ଉପାୟରେ ଚାଲୁଥିବା ସଂଗ୍ରାମରେ ସମଗ୍ର ଜିଲ୍ଲାର ଆହୁରି ଅଧିକ ସଂଗ୍ରାମୀ ଯୁବଛାତ୍ର ମାନଙ୍କୁ ସାମିଲ କରିବା ନିମନ୍ତେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ଆହ୍ୱାନ କ୍ରମେ ଆସନ୍ତା ଅଗଷ୍ଟ ମାସ ୩୦ତାରିଖ ରବିବାର ଦିନ ବାରିପଦାରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ/ମ୍ୟୁନିସିପାଲଟି/ଏନ୍‌ଏସି/ ମହାବିଦ୍ୟାଳୟରୁ ହଜାର ହଜାର ଯୁବଛାତ୍ର ମାନଙ୍କୁ ନେଇ ବାରିପଦାରେ ହେବ ବିଶାଳ ଯୁବଛାତ୍ର ସମାବେଶ । ତାଙ୍କ ସହିତ ଆଜିକାର ସୋସିଆଲ ମିଡିଆ ଯୁଗରେ ମୟୂରଭଞ୍ଜ ପାଇଁ ବିଭିନ୍ନ ପ୍ରକାରର ରିଲ୍ସ ତଥା ସାମାଜିକ ବାର୍ତ୍ତା ସହିତ ମୟୂରଭଞ୍ଜ ସମସ୍ୟା ଗୁଡ଼ିକୁ ଭିଡିଓ ମାଧ୍ୟମରେ ଲୋକଲୋଚନକୁ ଆଣୁଥିବା କେବଳ ଆମ ଜିଲ୍ଲାର ପ୍ରତ୍ୟେକ ୟୁଟ୍ୟୁବର, କଣ୍ଟେଣ୍ଟ କ୍ରିଏଟର ତଥା ଅନ୍ୟାନ୍ୟ ସୋସିଆଲ ମିଡିଆ ସହିତ ଜଡିତ ଥିବା ପ୍ରତେ୍ୟକ ବ୍ୟକ୍ତି ବିଶେଷଙ୍କୁ ଏହି ବିଶାଳ ଯୁବଛାତ୍ର ସମାବେଶରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବ ଏବଂ ଦେଶର ତଥା ରାଜ୍ୟର କିଛି ପ୍ରମୁଖ ଯୁବଛାତ୍ର ନେତା ଏବଂ ଜିଲ୍ଲାର କଳାକାର ମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯିବ ବୋଲି ସଂଗଠନ ପକ୍ଷରୁ ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ.କେ ରାଜାଖାନ, ଜିଲ୍ଲା ଯୁବଶାଖା ସଭାପତି କିଷନ କୁମାର ସାହୁ, ଜିଲ୍ଲା ଛାତ୍ର ଶାଖା ସଭାପତି ଦୀପକ କୁମାର ବେହେରା ପ୍ରମୁଖ ଏକ ମିଳିତ ବିବୃତି ପ୍ରଦାନ କରିଛନ୍ତି ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## କ୍ଷତ୍ରୀୟ ବରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ୱନକ୍ଷତ୍ର ଦିବସ



ଭଂଜନଗର, (ସବ୍ୟୁ) : କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୩ତମ ସନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷା ରୁନିବାଳା ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ପରିଷଦର ଉପସଭାପତି ସୁଶାନ୍ତ କୁମାର ଲେଙ୍କା ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଶୋଇ କାର୍ଯ୍ୟକ୍ରମକୁ ଉଦଘାଟନ କରି, ଛାତ୍ର ସମାଜ ଗୁଣାତ୍ମକ ଶିକ୍ଷା ପ୍ରତି ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ଭଂଜନଗର ଉପ-ଜିଲ୍ଲାପାଳ ଉମାଶଙ୍କର ବେହେରା, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, କୈଳାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀ ମାନେ ଶୃଙ୍ଖଳିତ ଜୀବନଚର୍ଯ୍ୟା ପାଳନ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ କାର୍ଗିଲ ବିଜୟ ଦିବସ ସ୍ମାରକୀ ସ୍ୱରୂପ ବୃକ୍ଷରୋପଣ କରା ଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପୁରାତନ ଛାତ୍ରଙ୍କ ଦ୍ୱାରା, ମଞ୍ଚାସୀନ ଅତିଥିଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ କିରନ କହଁର ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ନାଟକ ଭାଇ ଭଉଣୀର ନୂଆ କାହାଣୀ ମଞ୍ଚସ୍ଥ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ନିକୁଞ୍ଜ ମୋହନ କ୍ଲବ ଆନୁକୂଲ୍ୟରେ ପବିତ୍ର ରଥଯାତ୍ରା ଏକାଦଶୀ ଉପଲକ୍ଷେ ବୁଗୁଡା ବଡଦାଣ୍ଡରେ ସମ୍ପୂର୍ଣ୍ଣ ପାରିବାରିକ ଓ ଶ୍ରେଷ୍ଠ ସାମାଜିକ ନାଟକ ଭାଇ ଭଉଣୀର ନୂଆଁ କାହାଣୀ ମଞ୍ଚସ୍ଥ ହୋଇଯାଇଛି ।

ଏହି ନାଟକର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ମହନ୍ତ ଭକ୍ତରାମ ଦାସ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ପ୍ରଭାକର ପଣ୍ଡା, ଧରଣୀଧର ପଣ୍ଡାଙ୍କ ସମେତ କର୍ମକର୍ତ୍ତା କେଦାର ନାଥ ମହାରଣା ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଦର୍ଶକ ଓ କଳାକାରଙ୍କୁ ଉତ୍ସାହିତ କରିଥିଲେ । ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ବାପି ମିଶ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକରେ ପୋଲସରାର ସମୀର ଚିତ୍ରାଳୟର ଆକର୍ଷଣୀୟ ମଞ୍ଚସଜା, ଭୁବନେଶ୍ୱର ବେବିଷ୍ଟାର ଡ୍ୟାନ୍ସ ଗ୍ରୁପର ନୃତ୍ୟ ଏବଂ ଭାପୁର ନୟାଗଡ଼ର ପ୍ରତାପ ଓ ପ୍ରକାଶଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା ।

ଅଭିନେତା ସମୀର, ଲୋକନାଥ, ଶମ୍ଭୁ, ଶିବ, ତପନ, ସୁଧୀର, ଜଗା, ପ୍ରଶାନ୍ତ, ସୋନୁ ଏବଂ ଅଭିନେତ୍ରୀ ସିଲ୍ଲା, ରୂପା, ତନୁ, ରଞ୍ଜି, ମୋନାଙ୍କ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ନିକୁଞ୍ଜ ମୋହନ କ୍ଲବର ସଦସ୍ୟଗଣଙ୍କ ସମେତ ବୁଗୁଡା ଗ୍ରାମବାସୀଙ୍କ ସହଯୋଗ ଦେଖିବାକୁ ମିଳିଥିଲା ।

## "ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଲୋକାର୍ପିତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୪ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସାହିତି୍ୟକ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ଓ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା "ପ୍ରତିଶ୍ରୁତି'ର ରଥଯାତ୍ରା ବିଶେଷାଙ୍କ ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ସଭାପତିତ୍ୱରେ ଲୋକାର୍ପିତ ହୋଇଯାଇଛି । ଉକ୍ତ ଲୋକାର୍ପଣ ଉତ୍ସବରେ ମୟୂରଭଞ୍ଜର ଜିଲ୍ଲାପାଳ ହେମକାନ୍ତ ସୟ, ମୁଖ୍ୟଅତିଥି, ଆରକ୍ଷୀ ଅଧିକ୍ଷକ ବରୁଣ ଗୁନ୍ଟୁପାଲି ସମ୍ମାନୀତ ଅତିଥି, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ବିଶିଷ୍ଟ ଅତିଥି, ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଚ୍ଛାୟତ ପ୍ରମୁଖ ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ସୟ ପତ୍ରିକାକୁ ଲୋକାର୍ପିତ କରି ଏହି ପତ୍ରିକାରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ପ୍ରକାଶିତ ରଚନା ନିଶ୍ଚିତ ଭାବେ ପାଠକମାନଙ୍କ ଭିତରେ ଏ ଜାତିର ସଂସ୍କୃତି ତଥା ଜଗନ୍ନାଥଙ୍କ ତ‰ ସମ୍ପର୍କରେ ଜ୍ଞାନ ଲାଭ ପାଇଁ ବିଶେଷ ଖୋରାକ ଯୋଗାଇବ ବୋଲି କହିଥିଲେ । ମୁଖ୍ୟବକ୍ତା ନଗରପାଳ ଶ୍ରୀ ମହାନ୍ତି ଏ ପତ୍ରିକା ଦୀର୍ଘ ୪୪ବର୍ଷ ଧରି ମୟୂରଭଞ୍ଜରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଆନ୍ଦୋଳନ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି କହିବା ସହିତ ସାହିତ୍ୟ ଗୋଟିଏ ଜାତିର ସ୍ପନ୍ଦନ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନୀତ ଅତିଥି ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୁନ୍ଟୁପାଲି ପତ୍ରିକାର ପ୍ରଚ୍ଛଦପଟ ଆକର୍ଷଣୀୟ ହୋଇଛି ବୋଲି କହିବା ସହିତ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏ ପତ୍ରିକା ଏକ ଦିଗବାରେଣୀ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ତାଙ୍କ ଅଭିଭାଷଣରେ ଗୋଟିଏ ଜାତି ତାର ସାହିତ୍ୟ ଓ ସଂସ୍କୃତି ପାଇଁ ସମାଜରେ ଶ୍ରେଷ୍ଠ ବିବେଚିତ ହୋଇଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିବା ସହିତ ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ



ବ୍ରହ୍ମପୁର, (ସବ୍ୟୁ): ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ୧୩୬ତମ 'ମନ କି ବାତି' କାର୍ଯ୍ୟକ୍ରମ, ଆଜିର ଏହି ଅଧ୍ୟାୟରେ କାର୍ଗିଲନଜ ବିଜୟ ଦିବସ ପ୍ରସଙ୍ଗରେ ଆମ ବୀର ଜବାନ ମାନଙ୍କ ଅଦମ୍ୟ ସାହସ, ପରାକ୍ରମ ଓ ସର୍ବୋଚ୍ଚ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗର୍ବର ଅନୁଭୂତି ଭରି ଦିଏ । କାର୍ଗିଲ ଯୋଦ୍ଧାମାନଙ୍କ ତ୍ୟାଗ ଆଜି ମଧ୍ୟ ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି ।

ପୂର୍ବ ମାସର ୧୩୫ତମ ଏପିସୋଡ଼ରେ ପ୍ରଧାନମନ୍ତ୍ରୀ ଆସନ୍ତା ଗଣେଶ ଉତ୍ସବ ପାଇଁ ଦେଶବାସୀଙ୍କୁ ଦେଶୀ ମାଟିରେ ପ୍ରସ୍ତୁତ, ସ୍ଥାନୀୟ କୁମ୍ଭାର/ କାରିଗରଙ୍କ ହାତରେ ତିଆରି ମୂର୍ତ୍ତି ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ, ଯାହା ପୂଜା ପରେ ପାଣିରେ ସହଜରେ ମିଳାଇଯାଇ ନଦୀ-ପୋଖରୀକୁ ଦୂଷିତ କରେ ନାହିଁ । ସେ ଏହାକୁ 'ଭୋକାଲ ଫର୍ ଲୋକାଲ' ମନ୍ତ୍ର ସହ ଯୋଡ଼ି ସ୍ୱଦେଶୀ ଉତ୍ପାଦ କିଣିବାକୁ ମଧ୍ୟ ଅନୁରୋଧ କରିଛନ୍ତି । ଏହା ସହ ବର୍ଷା ଜଳର ପ୍ରତି ବୁନ୍ଦା ସଂରକ୍ଷଣ କରି ଭୂଗର୍ଭସ୍ଥ ଜଳସ୍ତର ବଢାଇବା ପାଇଁ ମଧ୍ୟ ଗୁରୁତ୍ୱ ଦେଇଥିଲେ । ଆସନ୍ତୁ, ଦେଶର ପ୍ରତ୍ୟେକ ଘରୁ ଏହି ସଂକଳ୍ପକୁ ସାକାର କରି ଆତ୍ମନିର୍ଭର ଓ ପରିବେଶ ସୁରକ୍ଷିତ ଭାରତ ନିର୍ମାଣରେ ସହଯୋଗ କରିବା ।

## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡାଙ୍କୁ ତ୍ରିମୁକୁଟ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୁଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଚଳିତ ମାସ ୨୪ତାରିଖରୁ ଦୁଇଦିନ ଧରି ଚାଲିଥିବା ବାଳକ, ବାଳିକା, ପୁରୁଷ ଓ ମହିଳା ବର୍ଗର ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ଯୋଗଦେଇ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। କ୍ରୀଡ଼ାବିତ୍ ମାନଙ୍କୁ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରି ଉତ୍ସାହିତ କରିବା ସହ ପ୍ରତିଯୋଗୀ ଓ ପ୍ରତିଯୋଗିତାର ସଫଳ କାମନା କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଯୋଗଦେଇ ସମାଜସେବୀ କାଶୀନାଥ ରଣା, ସମାଜସେବୀ ନନ୍ଦିକେଶ ସେଜପଡା ଓ ବାରିପଦା ବନଖଣ୍ଡର ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ବୃନ୍ଦ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦ୍ୱାରା ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ- ୪୫ଜଣ, ଉଦଳା ବ୍ଲକ୍‌ରୁ - ୨୨ଜଣ, ରାଇରଙ୍ଗପୁର ବ୍ଲକରୁ - ୮ଜଣ, ବେତନଟୀ ଓ କରଞ୍ଜିଆ ବ୍ଲକ୍ ରୁ - ୪ଜଣ, ବାଙ୍ଗିରିପୋଷି ଓ ବୈଶିଙ୍ଗା ବ୍ଲକ୍‌ରୁ - ୩ଜଣ ସେହିପରି କପ୍ତିପଦା ଓ ବଡ଼ସାହି ବ୍ଲକରୁ - ୨ଜଣ ଲେଖାଏଁ ଭାଗ ନେଇଥିଲେ ।

ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବୟସ ଓ ବର୍ଗର ସମୁଦାୟ ୯୩ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି। ଉଦଳାର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଏହି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ମନମୋହନ ମୁର୍ମୁ, ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବାବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜୀତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ। ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତି, ଅବିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଫଏମ କଲେଜରେ ୩ ଅଂଶୀଦାର ପରାମର୍ଶ ବୈଠକ ପୁନଃଦୃଷ୍ଟି ଅଭିଯାନ ଏଫ୍‌ଏମ୍‌ୟୁ - ୨୦୨୬



ବାଲେଶ୍ୱର, (ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ଭବିଷ୍ୟତ ଦିଗନିର୍ଦ୍ଦେଶ ଓ ବିକାଶର ରୂପରେଖା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ପୁନଃଦୃଷ୍ଟି ଅଭିଯାନ ଏଫ୍.ଏମ୍.ୟୁ-୨୦୨୬ ଶୀର୍ଷକ ତିନିଦିନିଆ ଅଂଶୀଦାର ପରାମର୍ଶ ବୈଠକ ଆସନ୍ତା ୨୮ରୁ ୩୦ ଜୁଲାଇ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଏହି ବୈଠକରେ ମିଳିବାକୁ ଥିବା ମତାମତ ଓ ପରାମର୍ଶ ଆଧାରରେ ବିଶ୍ୱବିଦ୍ୟାଳୟର ଆଗାମୀ ଶିକ୍ଷା, ଗବେଷଣା, ପ୍ରଶାସନିକ ଓ ସାମାଜିକ କାର୍ଯ୍ୟଧାରା ପାଇଁ ଏକ ସୁଦୂରପ୍ରସାରୀ ଦୃଷ୍ଟିପତ୍ର ପ୍ରସ୍ତୁତ କରାଯିବ ।

୧୯୯୯ ମସିହା ଜୁଲାଇ ୩ ତାରିଖରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଆଇନର ଧାରା ୨(ଫ) ଓ ୧୨(ବି) ଅନୁଯାୟୀ ସ୍ୱୀକୃତିପ୍ରାପ୍ତ । ଏହା ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଏବଂ ଯୁକ୍ତରାଜ୍ୟସ୍ଥ ରାଷ୍ଟ୍ରମଣ୍ଡଳ ବିଶ୍ୱବିଦ୍ୟାଳୟ ସଂଘର ସଦସ୍ୟ । ଜାତୀୟ ମୂଲ୍ୟାଙ୍କନ ଓ ସ୍ୱୀକୃତି ପରିଷଦ ପକ୍ଷରୁ "ଏ' ଶ୍ରେଣୀ ମାନ୍ୟତା ଏବଂ ଭାରତ ସରକାରଙ୍କ ଜାତୀୟ ପ୍ରତିଷ୍ଠାନ ମାନ୍ୟତା କ୍ରମରେ ୧୫୦୨୦୦ ସ୍ଥାନଗୋଷ୍ଠୀରେ ସ୍ଥାନ ପାଇ ବିଶ୍ୱବିଦ୍ୟାଳୟଟି ଓଡ଼ିଶାର ଅଗ୍ରଣୀ ରାଜ୍ୟ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ହୋଇପାରିଛି ।

ବର୍ତ୍ତମାନ ବିଶ୍ୱବିଦ୍ୟାଳୟଟି ଜାନୁଗଞ୍ଜସ୍ଥିତ ପୂର୍ବ ପରିସର ଏବଂ ବ୍ୟାସବିହାର, ନୂଆପାଢ଼ିସ୍ଥିତ ପଶ୍ଚିମ ପରିସରରୁ କାର୍ଯ୍ୟ କରୁଛି । ବିଶ୍ୱବିଦ୍ୟାଳୟର ଦୂରଦର୍ଶୀ ଦୃଷ୍ଟିପତ୍ର ପ୍ରସ୍ତୁତି ପାଇଁ ଗଠିତ ସମିତିର ସୁପାରିସ ଅନୁଯାୟୀ ଏହି ପରାମର୍ଶ ବୈଠକର ଆୟୋଜନ କରାଯାଉଛି । ଜାତୀୟ ଶିକ୍ଷା ନୀତି, ନିରନ୍ତର ବିକାଶ ଲକ୍ଷ୍ୟ, ନବସୃଜନ, ଉତ୍କୃଷ୍ଟ ଗବେଷଣା ଓ ସମାଜ ସହଭାଗିତାକୁ ଗୁରୁତ୍ୱ ଦେଇ ବିଶ୍ୱବିଦ୍ୟାଳୟର ଦୃଷ୍ଟି ଓ ଲକ୍ଷ୍ୟକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ବର୍ଗର ଅଂଶୀଦାରଙ୍କଠାରୁ ଗଠନମୂଳକ ମତାମତ ଓ ପରାମର୍ଶ ସଂଗ୍ରହ କରାଯିବ । ବିଶ୍ୱବିଦ୍ୟାଳୟ ନବସୃଜନ, ସ୍ଥାୟୀ ବିକାଶ ଓ ସମାଜ ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ମାଧ୍ୟମରେ ଶିକ୍ଷାଦାନ, ଶିକ୍ଷାଗ୍ରହଣ ଓ ଗବେଷଣାରେ ଉତ୍କର୍ଷ ସ୍ଥାପନ କରୁଥିବା ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି ।

ଏହାର ଲକ୍ଷ୍ୟରେ ଶିକ୍ଷାଗତ ଉତ୍କର୍ଷତା, ସୃଜନଶୀଳତା, ସର୍ବସମାବେଶୀ ବିକାଶ, ସ୍ଥାୟୀ ଅନୁଷ୍ଠାନିକ ଅଗ୍ରଗତି, ସାମାଜିକ ସମ୍ପ୍ରସାରଣ, ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି । ଆସନ୍ତା ୨୮ ଜୁଲାଇରେ ଉଦଘାଟନୀ ଅଧିବେଶନ ପରେ ସ୍ନାତକୋତ୍ତର ଛାତ୍ରଛାତ୍ରୀ, ଗବେଷକ ଏବଂ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିଙ୍କ ସହ ଆଲୋଚନା ହେବ । ୨୯ ଜୁଲାଇରେ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ପ୍ରାକ୍ତନ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିଳ୍ପ ଜଗତର ପ୍ରତିନିଧିଙ୍କ ସହ ମତବିନିମୟ କରାଯିବ। ୩୦ ଜୁଲାଇରେ ଅଣଶିକ୍ଷକ ଓ ଶିକ୍ଷକ କର୍ମଚାରୀଙ୍କ ସହ ପରାମର୍ଶ ପରେ ଦୃଷ୍ଟିପତ୍ରର ଖସଡ଼ା ଉପସ୍ଥାପନ, ସୁପାରିସ ଗ୍ରହଣ ଏବଂ ଉଦ୍‌ଯାପନୀ ଅଧିବେଶନ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ସମସ୍ତ ସଂଯୋଜକ, ଅଧିବେଶନ ପରିଚାଳକ ଓ ସମିତି ସଦସ୍ୟଙ୍କୁ ନିର୍ଦ୍ଧାରିତ ଅଧିବେଶନରେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ରୂପରେଖା ପ୍ରସ୍ତୁତିରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ବାଲିକୁଦା ବ୍ଲକକୁ ଖଟିଆ ଭରସା !

ପାରାଦୀପ ,( ଜି.ପ୍ର ): ପୁଣି ଖଟିଆରେ ବୁହା ହୋଇଛନ୍ତି ରୋଗୀ । ଗତ ପନ୍ଦର ଦିନ ମଧ୍ୟରେ ଦୁଇ ଦୁଇଟି ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା କୌଣସି ଉପାନ୍ତ ଅଞ୍ଚଳରେ ନୁହେଁ , ଏହା ଘଟିଛି ଉପକୁଳ ଜିଲ୍ଲା ଜଗତସିଂହପୁର ବାଲିକୁଦା ବ୍ଲକରେ । ଗତ ସପ୍ତାହ ତଳେ ରାହଣ ପଞ୍ଚାୟତ ପାଟପୁର ଗ୍ରାମ ଲକ୍ଷ୍ମଣ ଦାସଙ୍କ ପତ୍ନୀ ଗୁରୁବାରି ଦାସ ଝାଡ଼ା ରୋଗରେ ପୀଡିତ ହୋଇ ଗୁରୁତର ହେବାରୁ ପରିବାର ପକ୍ଷ୍ୟରୁ ଆମ୍ବୁଲାନ୍ସ ଡକାଯାଇଥିଲା । ହେଲେ ଆମ୍ବୁଲାନ୍ସ ଘର ଠାରୁ ଦୂରତାରେ ରହି ଉକ୍ତ ରାସ୍ତାରେ ଗାଡି ଦବିଯିବ ଭାବି ଯିବାକୁ ମନା କରିବାରୁ ଗୁରୁବାରିଙ୍କୁ ଖଟିଆରେ ଅଣାଯାଇଥିଲା । ଆଜି ପୁଣି ସମାନ ଘଟଣା ଦେଖିବାକୁ ମିଳିଛି ସେହି ବାଲିକୁଦା ବ୍ଲକରେ । ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ଅଣେଇଂଙ୍ଗ ଗ୍ରାମକୁ ନାହିଁ ରାସ୍ତା ।ଏହି ଗ୍ରାମ ୨୦୧୫/୧୬ ରେ ଦିନେ ଆଦର୍ଶ ଗ୍ରାମର ଆକ୍ଷା ପାଇଥିବା



ବେଳେ କିନ୍ତୁ ଆଜି ଦିନରେ ବାସ୍ତବ ଚିତ୍ର ସମସ୍ତଙ୍କୁ ମର୍ମାହତ କରିଛି । ଏହି ଗାଁ ର ପ୍ରମିଳା ମହାରଣା ( ୬୫) ଜରରେ ପୀଡିତ ଥିବା ବେଳେ ଘର ନିକଟକୁ ଯାଇ ପାରିଲାନି ଆମ୍ବୁଲାନ୍ସ ।ଦୀର୍ଘ ୫୦୦ମିଟର ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିବାକୁ ପଡିଛି ତାଙ୍କୁ । ଯାହାକୁ ନେଇ ଏହି ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଉଠିଛି ।

ସରକାର ଗାଁ କୁ ବିକାଶ ପାଇଁ ଅନେକ ଯୋଜନା ପ୍ରସ୍ତୁତି କରିଥିବା ବେଳେ ଯୋଜନା କିନ୍ତୁ ପହଂଚି ପାରୁନି ଜାଗା ମୁଣ୍ଡରେ ।ବାଲିକୁଦା ବ୍ଲକରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ଏଠାରେ ବିକାଶ କିଭଳି ହୋଇଛି ତାକୁ ନେଇ ଉଠିଛି ପ୍ରଶ୍ନ । ଏହି ବ୍ଲକରେ ଏବେବି ଅନେକ ଏଭଳି ରାସ୍ତା ଅଛି ଯାହା ବର୍ଷା ହେଲେ ଅବସ୍ଥା ବେହାଲ । ଆମ୍ବୁଲାନ୍ସ ଯାଇ ପାରୁନି । ଅତି ଜରୁରୀ କାଳୀନ ପରିସ୍ଥିତିରେ ଖଟିଆ ଏବେ ବାଲିକୁଦା ଲୋକଙ୍କ ଭରସା ସାଜିଥିବା କୁହାଯାଉଛି ।

## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଘୁନାଥ ବେଶ ଓ ଶ୍ରୀମନ୍ଦିର ବିଜେ ନୀତି ସମ୍ପନ୍ନ

କେନ୍ଦ୍ରାପଡ଼ା ,(ସବ୍ୟୁ) : ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପ୍ରସିଦ୍ଧ ରଘୁନାଥ ବେଶ ଆଜି ତାଳଧ୍ୱଜ ରଥ ଉପରେ ସମ୍ପନ୍ନ ହୋଇଯାଇଛି । ଏହା ସହ ବିଳମ୍ବିତ ରାତିରେ ଦିଅଁ ମାନଙ୍କୁ ପହଣ୍ଡି କରାଯାଇ ଶ୍ରୀମନ୍ଦିର ବିଜେ ନୀତି ସମ୍ପନ୍ନ ହୋଇଥିବା ଜଣାପଡିଛି । ତୁଳସୀ କ୍ଷେତ୍ରର ପରମ୍ପରା ଅନୁଯାଇ ବାହୁଡା ଦ୍ୱାଦଶୀ ତିଥିରେ ରଥ ଉପରେ ବିରାଜମାନ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଘୁନାଥ ବେଶରେ ସଜ୍ଜିତ କରାଯିବା ସହ ଅଧରପଣା ନୀତି ଲାଗି କରାଯାଏ । ବେଶ ଉଲାଗି ପରେ ପ୍ରାୟ ୧୦ଟା ରାତିରେ ଦିଅଁ ମାନଙ୍କୁ ଧାଡି ପହଣ୍ଡିରେ ନିଆଯାଇ ରତ୍ନ ସିଂହାସନ ଉପରେ ସ୍ଥାପନ କରାଯାଏ । କିଛିବର୍ଷ ହେବ ରୂପାର ତିଆରି କିରିଟ କୁଣ୍ଡଳ, ପୟର ଯୁଗଳ, ତୁଣୀର, ଶ୍ରୀଭୁଜ, ଧନୁତୀର ପ୍ରଭୃତି ରୂପାର ତିଆରି କରାଯାଇ ଜୀଉ ମାନଙ୍କୁ ସମର୍ପଣ କରାଯାଇଛି ।



ରୂପାର ସମସ୍ତ ଅଳଙ୍କାର ସହ ଶ୍ରୀ ପୟର, ଶ୍ରୀଭୁଜ ଆଦି ଅଳଙ୍କାରରେ ସଜ୍ଜିତ କରାଯାଉଥିବାରୁ ଏହାକୁ ଦେଖିବା ପାଇଁ ଦୂର ଦୂରାଂରୁ ମଧ ଭକ୍ତ ଶ୍ରଦ୍ଧାଳୁମାନେ ବିପରୀତ ପାଗ ସତ୍ୱେ ସମବେତ ହୋଇଥିଲେ । ସଂନ୍ଧ୍ୟା ସୟରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଆସି ରଥ ନିକଟରେ ମହାପ୍ରଭୁଙ୍କୁ ବନ୍ଦାପନା ଓ ଆଳତୀ କରିବା ସହ ରଥ ପ୍ରଦକ୍ଷିଣ କରିଥିଲେ । ତେବେ ରାତି ୧୦ଟା ସମୟରେ ବେଶ ଉଲାଗି ପରେ ଦିଅଁ ମାନଙ୍କୁ ସେନାପଟା ଓ ମଙ୍ଗଳାର୍ପଣ କରାଯାଇ ପହଣ୍ଡି ବିଜେ କରାଯାଇଥିଲା । ଜଗ ମୋହନ ଦ୍ୱାର ନିକଟରେ ମହାଲକ୍ଷ୍ମୀ କବାଟ ବନ୍ଦ କରିଥିବା ସହ ବଚନିକା ପାଠ କରାଯାଇ ମାନ ଭନ କରାଯାଇ ଥିଲା । ଦିଅଁ ମାନଙ୍କ ରଘୁନାଥ ବେଶ, ଅଧରପଣା ଲାଗି ଓ ପହଣ୍ଡି ବିଜେ ଦେଖିବା ପାଇଁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ମୁଖଯ ମନ୍ଦିର ନିକଟରେ ଗହଳି କରିଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇ ଥିଲା ।

## ବିଶ୍ୱ ଲୁଣା ଜଙ୍ଗଲ ଦିବସ ପାଳିତ

ରାଜନଗର ,(ସବ୍ୟୁ) : ରାଜନଗର ବନଖଣ୍ଡ ଅଧୀନସ୍ଥ କନିକା ବନ୍ୟଜୀବ ବନାଞ୍ଚଳରେ ରବିବାର ବିଶ୍ୱ ଲୁଣା ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କରାଯିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇ ଥିଲା। ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଓ ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରକୃତି ମିତ୍ର ମାନଙ୍କୁ ଆମନ୍ତ୍ରିତ କରାଯାଇ ପୁରସ୍କୃତ କରାଯାଇଛି ଏବଂ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ଚାରା ବିତରଣ କରାଯାଇଥିଲା। ଲୁଣା ଜଙ୍ଗଲ ଓ ତା ସହିତ ଜଡିତ ଆମର ଜୀବନ ଧାରଣର ଶୈଳୀ ବିଷୟରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ଅର୍ଥନାରୀ ବକ୍ତବ୍ୟ ରେ କହିଛନ୍ତି। ଅନ୍ୟତମ ଅତିଥି ଭାବରେ ଉପ ବନସଂରକ୍ଷକ ସୌମ୍ୟକ ସାମନ୍ତରାୟ, କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର , ସହକାରୀ ବନ ସଂରକ୍ଷକ ସୌମ୍ୟ ରଞ୍ଜନ ଗୋଚ୍ଛାୟତ, ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ ନିଜର ମତ ରଖିଥିଲେ। କନିକା ବନାଞ୍ଚଳ ଅଧିକାରୀ କପିଳେନ୍ଦ୍ର ପ୍ରଧାନ, ବନପାଳ ପ୍ରଶାନ୍ତ କୁମାର ସିଂ, ବନପାଳ ନବୀନ କୁମାର ମଲ୍ଲିକ, ବନପାଳ ସଞ୍ଜୀବ କୁମାର ଦାସ , ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଓ ପ୍ରତିଯୋଗୀ ଓ ଇଡିସି ସଭ୍ୟ ସଭ୍ୟା, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକୁ ଫୁ

ମାହାଙ୍ଗା, (ସବ୍ୟୁ) : ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାହାଙ୍ଗାରେ ଡାକ୍ତର ଓ କର୍ମଚାରୀମାନଙ୍କର ବାୟୋମେଟ୍ରିକ ଉପସ୍ଥାପନକୁ ନେଇ ଏବେ ଚର୍ଚ୍ଚା ହେଉଥିଲା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲଯାଣ ଓଡ଼ିଶା ସରକାର ଚିଠି ନଂ୨୪୯୪୯ ତା୧୨.୧୦.୨୦୨୩ରିଖରେ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁସାରେ ବାୟୋମେଟ୍ରିକ୍ ଉପସ୍ଥାପନରେ ମୁହଁର ଫଟୋ ଉଠାଇବା ସୂଚନା ଦିଆଯାଇଥିଲା ବେଳେ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାହାଙ୍ଗାରେ ଠିକ୍ ଭାବରେ ପାଳନ କରାଯାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏ ସଂପର୍କରେ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ଔଷଧ ଚିଠାକୁ ସ୍କାନିଂ ଠିକ୍ ଭାବରେ କରାଯାଉଛି କି ନାହିଁ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ପାଳିକରି ରୋଗୀ ଚିକିତ୍ସା କରୁଥିବା ଅଭିଯୋଗ ହୋଇଆସୁଥିଲା। ବାୟୋମେଟ୍ରିକ ଉପସ୍ଥାପନ ଠିକ୍ ଭାବେ କରାଯାଉଛି କି ନାହିଁ ତାହାର ତଦନ୍ତ କରିବାଯିବା ସହ ସିସି ଟିଭିର ଫୁଟେଜକୁ ତଦାରଖ କରାଗଲେ ବାସ୍ତବ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ସ୍ୱାସ୍ଥ୍ୟ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ପ୍ରବଳ ବର୍ଷା ପାଇଁ ସୋମବାର ସମସ୍ତ ସ୍କୁଲ ବନ୍ଦ

କେନ୍ଦ୍ରାପଡ଼ା, (ସବ୍ୟୁ) : ଭାରତ ପାଣିପାଗ ବିଭାଗର ପୂର୍ବ ସୂଚନା ମୁତାବକ ଜୁଲାଇ-୨୭, ସୋମବାର ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ୟାପକ ବୃଷ୍ଟିପାତ ହେବ। ଉତର-ପଶ୍ଚିମ ବଙ୍ଗୋପସାଗର ରେ ଲଘୁଚାପ ଘନୀଭୂତ ହୋଇଥିବାରୁ ଏହାର ପ୍ରଭାବରେ ଉତର ଓଡିଶା ସମେତ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବୃଷ୍ଟିପାତର ଆଶଙ୍କା ଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ସମସ୍ତ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଆଦର୍ଶ ବିଦ୍ୟାଳୟ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଭୃତି ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନୁମୋଦିତ ସମସ୍ତ ସ୍କୁଲ ସୋମବାର ବନ୍ଦ ରହିବ ବୋଲ ନିର୍ଦ୍ଦେଶନାମା ଜାରି କାଯାଇଛି ।

### ଲଗାଣ ବର୍ଷା ଓ ଜଳ ନିଷ୍କାସନ ସମସ୍ୟା

## ପଚିଗଲା ଧାନ ତଳି, ପ୍ରଭାବିତ ହେବ ଚାଷ କାମ

ବିଞ୍ଝାରପୁର, (ସବ୍ୟୁ) : ଲଗାଣ ବର୍ଷା ଓ ଜଳ ନିଷ୍କାସନ ସମସ୍ୟା ଯୋଗୁ ଧାନ ତଳି ପଚିଯିବାରୁ ଏଥିରେ ଚାଷ କାମ ପ୍ରଭାବିତ ହୋଇଛି । ପ୍ରକାଶ ଯେ ବିଞ୍ଝାରପୁର ଅଞ୍ଚଳରେ ଚାଷୀମାନେ ଜମି ଚଷିବା ପରେ ଶାରଦ ଧାନ ବୁଣିବା ବଦଳରେ ଅଧିକ ଉତ୍ପାଦନ ପାଇଁ ଜମି ରୋଇବା ପାଇଁ ତଳି ପକାଇଥିଲେ । ସେମାନେ ପ୍ରସ୍ତୁତ କରିଥିବା ଧାନତଳି ଲଗାଣ ବର୍ଷା ଯୋଗୁ. ଦୀର୍ଘଦିନ ଧରି ପାଣିରେ ବୁଡିରହିବା ଫଳରେ ପଚି ନଷ୍ଟ ହୋଇ ଯାଇଛି। ବିଶେଷ କରି ଟିଣା, ଶିଶିରଣା, ରାହାସ, ଗୁହାଳି, କପିଳା ତାଲୁକପଡା, ମୀନଧାତ। ପାଟଣା ଓସ୍ତଦାଣ୍ଡି, ବରୁଣାବାଙ୍କ,ଖର୍ଦ୍ଦପୁର, ଫତେପୁର ଓ ରୁଦ୍ରପୁର ମୌଜାର ଧାନତଳି ଏବେବି ୨ ୧୩ଫୁଟ ପାଣି ଭିତରେ ବୁଡି ରହିଛି. । ପୁନର୍ବର ଳି ପକାଇବା ଓ ରୋଇବା ଚାଷୀ ପକ୍ଷରେ ବିଳମ୍ବିତ ପ୍ରକ୍ରିୟା ଓ ସମୟ ସାପେକ୍ଷ. । ଡ୍ରେନେଜ ବିଭାଗ ଠିକ ସମୟରେ ଜଳ ନିଷ୍କାସନର ସ୍ଲୁଇସ ଗେଟ ନଖୋଲିବା ଫଳରେଏହି ପରିସ୍ଥିତି ଉପୁଜିଛି । ପ୍ରାରମ୍ଭ ରୁ ଚାଷର ଏ ପ୍ରକାର ଅବସ୍ଥା ଦେଖି ଚାଷୀ ହତୋତ୍ସାହିତ ହୋଇ ପଡିଛନ୍ତି । ଚାଷୀଙ୍କର ଏ ପ୍ରକାର କ୍ଷତି ଭରଣା ପାଇଁ କ୍ଷେତ୍ର ଅନୁଧ୍ୟାନ କରି ଚାଷୀ ମାନଙ୍କୁ ଆର୍ଥିକ ସହାୟତା ସବସିଟ ଇନପୁଟ ପ୍ରଦାନ ପାଇଁ ବରିଷ୍ଠ କ୍ରୁଷକ ବିରଭଦ୍ର ସାମଲ, ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ବେଆଇନ ଗୃହକୁ ଗୋଷ୍ଠୀ ଶୌଚାଳୟ ଦର୍ଶାଇ ଅର୍ଥ ହଡପ ମସୁଧା !

ପଟ୍ଟାମୁଣ୍ଡାଇ,(ସବ୍ୟୁ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଳିପୁର ଗ୍ରାମର ଶନି ମନ୍ଦିର ନିକଟରେ ରାସ୍ତା ଉପରେ ବେଆଇନ ଭାବେ ନିର୍ମାଣାଧୀନ ଦୁଇ ବଖରା ପକ୍କା ଗୃହ କୁ ସରକାରୀ ଯୋଜନାରେ ସାମିଲ କରି ଅବୈଧ ଉପାୟରେ ସରକାରୀ ଅନୁଦାନ ଅର୍ଥକୁ ହଡପ କରିବାକୁ ବ୍ଲକ ଯନ୍ତ୍ରୀ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ମାଳିପୁର ଗ୍ରାମର ଶନି ମନ୍ଦିର ନିକଟରେ ୧୬ ନଂ କେନାଲ ନିକଟରୁ ବନ୍ୟା ବନ୍ଧ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଗତ କିଛି ଦିନ ହେଲା ବେଆଇନ ଭାବରେ ଦୁଇ ବଖରା ପକ୍କା ଘର ନିର୍ମାଣ ଚାଲିଛି । ଯେଉଁ ପ୍ଲଟ ଉପରେ ବେଆଇନ ନିର୍ମାଣ ଚାଲିଛି ତାହା ରାସ୍ତା କିସମର ପ୍ଲଟ ହୋଇଥିବାରୁ ସରକାରୀ ରାସ୍ତା କିସମ ଜମିରେ ଘର କଲେ ତାହାକୁ ଓଡ଼ିଶା ଜମି ଜବରଦଖଲ ଉଚ୍ଛେଦ ଆଇନ ଅନୁସାରେ ବେଆଇନ ଘୋଷଣା କରାଯାଏ । ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଶାସନ ରାଜସ୍ୱ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରି ବେଆଇନ ନିର୍ମାଣ କୁ ବନ୍ଦ କରିବାକୁ ନିର୍ମାତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାସାଧିକ କାଳ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ପରେ ଏବେ ହଠାତ ଦିନେ ଉକ୍ତ ବେଆଇନ ନିର୍ମାଣ ପାଖରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣର ସୂଚନା ଫଳକ ଲେଖା ଯାଇଥିବା ଦେଖିବାକୁ ମିଳିଛି । ଯନ୍ତ୍ରୀ ଏବଂ ବେଆଇନ ନିର୍ମାତାଙ୍କ ମଧୁଚନ୍ଦ୍ରିକାରେ ନିରୀହ ଗ୍ରାମବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ପଂଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ସରପଞ୍ଚଙ୍କ ସହିତ ମିଶି ବେଆଇନ ଭାବେ ନିର୍ମାଣ କରା ଯାଉଥିବା ଗୃହକୁ ଗୋଷ୍ଠୀ ଶୌଚାଳୟ ଭାବେ ଦର୍ଶାଇ ସରକାରୀ ଅନୁଦାନ ଅର୍ଥକୁ ହଡପ କରିବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ରାସ୍ତା କିସମ ପ୍ଲଟ ଉପରେ ନିର୍ମାଣ ଚାଲୁଥିବାରୁ ତହସିଲଦାର ଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କାର୍ଯ୍ୟ ବନ୍ଦ ଗଲାପରେ ବି ଯନ୍ତ୍ରୀ କାହା ଅନୁମତିରେ ସେହି ପ୍ଲଟ ଉପରେ ଗୋଷ୍ଠୀ ଶୌଚାଳୟ ନାମରେ ସୂଚନା ଫଳକ ଲଗାଇ ବେଆଇନ ନିର୍ମାଣକୁ ସରକାରୀ ଯୋଜନାରେ ସାମିଲ କରିବାକୁ ଚେଷ୍ଟା କରୁଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯନ୍ତ୍ରୀଙ୍କ ପ୍ରରୋଚନାରେ ନିର୍ମାତା ପୁନର୍ବାର ବେଆଇନନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ସମ୍ପୃକ୍ତ ଯନ୍ତ୍ରୀ ପୂର୍ବରୁ ମଧ ଏକ ପୁରୁଣା ରାସ୍ତାକୁ ଦେଖାଇ ନୂଆ ରାସ୍ତାର ୪ଲକ୍ଷ ୨୮ ହଜାର ଟଙ୍କା ହଡପ କରିଥିବା ଏବଂ ରାସ୍ତାର ସୂଚନା ତଥ୍ୟ ମାଗିବା ପରେ ରାସ୍ତାର ତଥ୍ୟ ଦେଇ ପାରିନଥିଲେ ବୋଲି ଗ୍ରାମବାସୀ କହିଛନ୍ତି । ସମ୍ପୃକ୍ତ ଯନ୍ତ୍ରୀ ସରପଞ୍ଚଙ୍କୁ ହାତ ବାରିସୀ କରି ଅନେକ ସମୟରେ ବେଆଇନ ଭାବେ ସରକାରୀ ଅନୁଦାନ ଅର୍ଥକୁ ହଡପ କରୁ ଥିବାରୁ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଶାନ୍ତ ମହାନ୍ତି , ରମାକାନ୍ତ ଦାଶ ,ଆଶିଷ ମଳିକ ,ପ୍ରତାପ ମହାନ୍ତି ,ଦିଲ୍ଲୀପ ମଳିକ ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବୀ ରଖିଛନ୍ତି ।

## ରାସ୍ତା ପାର୍ଶ୍ୱରୁ ଫେଵର ବ୍ଲକ ଇଟା ଭୁଶୁଡିଲା
## ନିମ୍ନମାନର କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ

ରଘୁନାଥପୁର,(ସବ୍ୟୁ): ସାଧାରଣଜନତାଙ୍କ ଜାତାୟତକୁ ସୁଗମ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ତେବେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ତଥା ଲାଭଖୋର ମନବୃତ୍ତି ଯୋଗୁଁ ଯୋଜନାର ସଫଳ ରୂପାୟନ ହୋଇ ପାରୁନି । ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଗତସିଂହପୁର ପୂର୍ତ୍ତ ଓ ଗୃହ ବିଭାଗ ଅନ୍ତର୍ଗତ ଫକିରପଡ଼ା ଏସଡିଓ ତଥା ଜଇପୁର ସେକ୍ସନ ଯନ୍ତ୍ରୀଙ୍କ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟରେ । ଗତ ଦୁଇମାସ ତଳୁ କଟକ -ପାରାଦୀପ ରାସ୍ତାର ଜଇପୁର ହାଟ,ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ ତାରପୁର ବାଇପାସର ଉଭୟ ପାର୍ଶ୍ୱରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଫେଵର ବ୍ଲକ ଇଟା ପକାଜାଇଥିଲା । କାର୍ଯ୍ୟ ହେଉଥିବା ସ୍ଥାନରେ ଆବଶ୍ୟକ ପରିମାଣର ମେଣ୍ଟାଲ ଓ ଡଷ୍ଟ ପକାଜିବା ପରିବର୍ତ୍ତେ ଖାଲି ବାଲିକୁ ସାଇଜ କରି ଇଟା ଖଞ୍ଜି ଦିଆଯାଇଥିବାର ଲୋକେ ଅଭିଯୋଗ କରିଛନ୍ତି ।ଏ ହାଛଡା ପକାଜାଉଥିବା ଇଟାକୁ ଧରି ରଖିବା ପାଇଁ ଶେଷ ମୁଣ୍ଡରେ ନାଁ କୁ ମାତ୍ର କଂକ୍ରିଟ ଛିଞ୍ଚି ଠିକାଦାର କାର୍ଯ୍ୟ ଶେଷ କରିଦେଇଛନ୍ତି । ଏହିଭଳି ନିମ୍ନମାନର କାର୍ଯ୍ୟ ଯୋଗୁଁ ଖୋଦ ଜଇପୁର ସେକ୍ସନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଫେଭର ବ୍ଲକ ଇଟା ଭୁଷୁଡି ପଡ଼ିଛି ।ଏହାଛଡା ଜଇପୁର ହାଟ ଓ ତାରପୁର ବାଇପାସ ଠାରେ ହୋଇଥିବା କାର୍ଯ୍ୟର ଅନେକ ସ୍ଥାନରେ ଦାବି ଭାଙ୍ଗି ଯାଇଛି ।ନିମ୍ନମାନର କାର୍ଯ୍ୟ ଯୋଗୁଁ ସରକାରୀ ଅର୍ଥ ପାଣିରେ ପଡ଼ିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଦାୟୀତ୍ୱରେ ଥିବା ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁ କୁହନ୍ତି କି ଯେଉଁ ସବୁ କାର୍ଯ୍ୟ ହୋଇଛି ସେଗୁଡ଼ିକର ବିଲ ହୋଇନି । ଭୁଷୁଡି ପଡ଼ିଥିବା କିମ୍ବା ଭାଙ୍ଗି ଯାଇଥିବା ସ୍ଥାନର ପୁନଃ ମରାମତି ନହେବା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟର ବିଲ ହେବନାହିଁ ବୋଲି ଯନ୍ତ୍ରୀ ସ୍ୱାଇଁ ସ୍ପଷ୍ଟ କରିଛନ୍ତି ।

### ଜଗତସିଂହପୁର ଜିଲ୍ଲାରେ ବର୍ଷା ବିପ୍ରାତ : ସ୍କୁଲ, ଅଙ୍ଗନବାଡି ସୋମବାର ଛୁଟି

## ବିରିଡ଼ିରେ ସର୍ବାଧିକ ରେକର୍ଡ, ତିର୍ତ୍ତୋଲରେ ଘରେ ପଶିଲା ପାଣି



ପାରାଦୀପ, (ଜିପ୍ର): ଲଘୁଚାପଜନିତ ବର୍ଷା ପାଇଁ ଆସନ୍ତାକାଲି ସୋମବାର ଜଗତସିଂହପୁର ଜିଲ୍ଲାରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ।ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗିରହିଛି । ଭାରତ ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଛି । ଏହା ପୁନଃ ଘନୀଭୂତ ହୋଇ ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହ ଗଭୀର ଅବପାତ ର ରୂପ ନେଇପାରେ ।

ଏହି ଅବପାତ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ତଟ ଦେଇ ଆସନ୍ତାକାଲି ପାରାଦୀପ ଓ ସାଗର ଦ୍ୱୀପ ଅତିକ୍ରମ କରିପାରେ । ଏହାର ପ୍ରଭାବରେ ଜଗତସିଂହପୁର ଜିଲ୍ଲା ରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତା ୨୭/୦୭/୨୬, ସୋମବାର ଜଗତସିଂହପୁର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ , ସରକାରୀ ଅନୁଦାନପ୍ରାପ୍ତ, ତଥା ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ଛୁଟି ଘୋଷଣା କରିଛନ୍ତି । ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଛାତ୍ରଛାତ୍ରୀ ଓ ଶିଶୁମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି ।

ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି । ୧୨୮ ମିଲିମିଟର ବର୍ଷା ବିରିଡ଼ି ବ୍ଲକରେ ହୋଇଥିବା ବେଳେ ଜଗତସିଂହପୁର ବ୍ଲକରେ ୯୦.୪ ମିଲିମିଟର ବାଲିକୁଦାରେ ୮୫ ମିଲିମିଟର , ରଘୁନାଥପୁରରେ ୭୧ ମିଲିମିଟର , ନାଉଗାଁରେ ୬୯ ମିଲିମିଟର , ପାରାଦୀପ ପୌରପାଳିକାରେ ୬୩.୪ ମିଲିମିଟର , କୁଜଙ୍ଗରେ ୬୩ ମିଲିମିଟର , ଏରସମାରେ ୫୭.୨ ମିଲିମିଟର ଓ ତିର୍ତ୍ତୋଲରେ ୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ନଦୀରେରେ ପାଣି ଆସିବା ଫଳରେ ତିର୍ତ୍ତୋଲ ବ୍ଲକ ଅନୁସୁଚିତ ଜନଜାତି ପଡାରେ ପାଣି ପ୍ରବେଶ କରିଛି । ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ଥିବା ବେଳେ ଏବେ ତଳି ଘେରା ପାଣି ଘେରରେ ।

## ରଥାରୁଢ ଠାକୁରଙ୍କ ନିକଟରେ ଅଧରପଣା ନୀତି ସମ୍ପନ୍ନ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ରଥାରୁଢ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀ ବଳଭଦ୍ର , ଦେବୀ ସୁବଦ୍ରାଙ୍କ ଠାକୁରଙ୍କ ଅଧରପଣା ନିତି ଅନୁଷ୍ଠିତ ହୋଇଯାଇଛି । ରଥାରୁଢ ଠାକୁରଙ୍କ ନିତିକାନ୍ତି ଓ ପୂଜା ପରେ ପଂଚାମୃତ ମିଶ୍ରଣରେ ତିନିଗୋଟି ମାଟି ପାତ୍ର ପଣା କରାଯାଇ ପ୍ରେତାତ୍ମାଙ୍କ ଉଦ୍ଦେଶ୍ୟରେ ରଥରେ ହାଣ୍ଡି ଭଙ୍ଗାଯାଇ ଅର୍ପଣ କରାଯାଇଥିଲା । ଠାକୁରଙ୍କ ଏହି ଅଧରପଣା ନିତି ଦେଖିବା ଲାଗି ସ୍ଥାନୀୟ ଅଂଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ । ଏହି ଅବସରରେ ଆଜି ମନ୍ଦିର ପରିସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସନ୍ତାକାଲି ଠାକୁରଙ୍କ ନିଳାଦ୍ରୀବିଜେ କାର୍ଯ୍ୟକ୍ରମ ରହିଥିବା ବେଳେ ଠାକୁର ରଥରୁ ବାହାରି ମନ୍ଦିରରେ ବିଜେ କରିବେ । ଠାକୁରଙ୍କ ଅଧରପଣା ନିତି ଦେଖିବା ଲାଗି ଆଜି ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ ଲାଗିରହିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ମନ୍ଦିର କମିଟି ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମନ୍ଦିରରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସଭାପତି ଇଂ କଳ୍ପତରୁ ସାହୁ, ସମ୍ପାଦକ ମନୋଜ କୁମାର ରଣା,କୋଷାଧ୍ୟକ୍ଷ ଅଭୟ କୁମାର ରାଉତ,ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ରାଜେଶ କୁମାର ପାଳ ଓ ମୁନସୀ ମେଳଣ କମିଟିର କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି,ସମ୍ପାଦକ ପ୍ରମୋଦ କୁମାର ଦାସ, ମନୋଜ ରାଉଳ, ଶରତ ଓଝା, ଅଲୋକ ଲେଙ୍କ. ସୁଯ୍ୟକାନ୍ତ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସରକାରୀ ଜମି ଦଖଲ: ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ଯାଜପୁର, (ସବ୍ୟୁ) : ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ଅନ୍ତର୍ଗତ ଡୋଭାବିଲ ଗ୍ରାମରେ ସରକାରୀ ଓ ସାଧାରଣ ଜମି ଦଖଲକୁ ନେଇ ପୁଣିଥରେ ବିବାଦ ଦେଖାଦେଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଜଣେ ବ୍ୟକ୍ତିଙ୍କ ବିରୋଧରେ ଇରିଗେସନ ଜମି, ଠାକୁର ଜମି ଓ ଅନ୍ୟାନ୍ୟ ସରକାରୀ ଜମି ଦଖଲ କରାଯାଉଥିବା ଅଭିଯୋଗ ରହିଛି । ଏହାର ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ପୁଣିଥରେ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି । ଏହି ଘଟଣାକୁ ନେଇ ୭ ଅକ୍ଟୋବର ୨୦୨୪ରେ ସେତେବେଳର ଜିଲ୍ଲାପାଳ ପି. ଅନେଓ୍ୱଷା ରେଡ୍ଡୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଦଶରଥପୁର ତହସିଲକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ପରବର୍ତ୍ତୀ ସମୟରେ ୮ ଜୁଲାଇ ୨୦୨୬ରେ ପୂର୍ବରୁ ଦାଖଲ କରାଯାଇଥିବା ଅଭିଯୋଗପତ୍ରର ନକଲ ସହ ବର୍ତ୍ତମାନର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିକଟରେ ପୁନର୍ବାର ଅଭିଯୋଗ ଦାଖଲ କରାଯାଇଥିଲା । ଜିଲ୍ଲାପାଳ ମଧ ଦଶରଥପୁର ତହସିଲକୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ସମସ୍ୟାର ତୁରନ୍ତ ସମାଧାନ କରାଯାଇ ସରକାରୀ ଜମିକୁ ସୁରକ୍ଷିତ କରାଯାଉ ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଉ । ସେମାନେ ଜିଲ୍ଲାପାଳ, ଇରିଗେସନ ବିଭାଗ ଓ ତହସିଲ କାର୍ଯ୍ୟାଳୟକୁ ଦାଖଲ କରିଥିବା ସମସ୍ତ ଅଭିଯୋଗପତ୍ରର ନକଲ ଗଣମାଧ୍ୟମକୁ ମଧ୍ୟ ପ୍ରଦାନ କରିଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ୧୩୭ତମ ମନ୍ କି ବାତ କାର୍ଯ୍ୟକ୍ରମ

ସାଲେପୁର, (ସବ୍ୟୁ) : ସାଲେପୁର ନିର୍ବାଚନ ମଣ୍ଡଳୀର ଚନ୍ଦ୍ରାଦେଇପୁର ପଞ୍ଚାୟତର ଲୁଣାହାର ବୁଥ ନଂ-୨୨୯ରେ ବିଜେପି ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମର ୧୩୭ତମ ସଂସ୍କରଣ ବିଜେପି କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ଡ. ହିମାଂଶୁ କୁମାର ମହାନ୍ତିଙ୍କ ନେତୃତ୍ୱରେ ବହୁ ବିଜେପି ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ରହି ଶୁଣିଥିଲେ। ଆଜିର ଏହି ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟକ ବାର୍ତ୍ତାରେ ରାଷ୍ଟ୍ର ନିର୍ମାଣ, ଜନଭାଗିଦାରୀ, ସ୍ୱଦେଶୀ, ସ୍ୱାବଲମ୍ବନ ଏବଂ ସେବାଭାବକୁ ଅଧିକ ସୁଦୃଢ଼ କରିବାର ଆହ୍ୱାନ ରହିଥିଲା।

ଏହି କାର୍ଯ୍ୟକ୍ରମରେ ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତି, ସଙ୍ଗଠକ ମନୋଜ ବିଶ୍ୱାଳ, ରିତେଶ ଦାସ , ଦେବାଶିଷ ମଳିକ, ଅନନ୍ତ ପାତ୍ର, ଆଶ୍ରିବାଦ କାନୁନଗୋ, ମୁରଲୀଧର ମଲିକ,ସୁକାନ୍ତ ବେହେରା,ଶଶୀକାନ୍ତ ମହାନ୍ତି, ଅମିତ ସାଁଙ୍କୁ ,ଅଜୟ ସ୍ୱାଇଁ,ଅରୁଣ ଲେଙ୍କା, ରାଜୀବ ଦ୍ୱିବେଦୀ, ସନ୍ଧ୍ୟାରାଣୀ ଶତପଥୀ, ରେଣୁବାଳା ରାଉତ, ନିର୍ମଳା ସିଂହ, ଜାନକୀ କାଣ୍ଡି, ନିର୍ମଳା ବରାଳ, ନିତୀ ପ୍ରଧାନ,ପାର୍ବତୀ କାଣ୍ଡି ପୁଷ୍ପାଞ୍ଜଳି ନାଥ, ରଶ୍ମିତା ବେହେରା, ଗୌରୀ ବେହେରାଙ୍କ ସମେତ ବହୁ ବିଜେପି କର୍ମୀ ମାନେ ଉପସ୍ଥିତ ଥିଲେ।

## ସାରଦା ଏକାଡେମୀରେ ସ୍ୱର୍ଗତା ଅପର୍ଣ୍ଣା ପଣ୍ଡାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର, (ସବ୍ୟୁ): କନକପୁର ସ୍ଥିତ ସାରଦା ଏକାଡେମୀର ବିଦ୍ୟାଳୟ ପରିସରରେ ଶନିବାର ଦିନ ସ୍ୱର୍ଗତା ଶିକ୍ଷୟିତ୍ରୀ ତଥା ୧୯୯୦ ମ ।ଟ୍ରିକ ବ୍ୟାଚର ପୂର୍ବତନ ଛାତ୍ରୀ ଶ୍ରୀମତୀ ଅପର୍ଣ୍ଣା ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଭାବବିହ୍ୱଳ ଶୋକସଭା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଗତ ଜୁଲାଇ ୧୩ ତାରିଖରେ ତାଙ୍କର ପରଲୋକ ଘଟିଥିଲା ,୧୯୯୦ ମେଟ୍ରିକ ବ୍ୟାଚର ସହପାଠୀ ଏବଂ ସାରଦା ଏକାଡେମୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଅନିନ୍ଦିତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ମାନସ ପୃଷ୍ଟି ଓ ବିଶିଷ୍ଟ ପୂର୍ବତନ ଛାତ୍ର ବାସବ ନନ୍ଦ ସମ୍ମାନିତ ଅତିଥି ଥିଲେ । ସ୍ୱର୍ଗତାଙ୍କ ଜ୍ୟେଷ୍ଠ ଭ୍ରାତା ରଞ୍ଜନ ପଣ୍ଡା ମଧ ଉପସ୍ଥିତ ରହି ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।




କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ତାଙ୍କର ଅମର ଆତ୍ମାର ସଦ୍ଗତି କାମନାରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ, ପୂର୍ବତନ ଛାତ୍ରଛାତ୍ରୀ, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଭାପତି ବାସବ ନନ୍ଦ ସ୍ୱର୍ଗତା ଅପର୍ଣ୍ଣା ପଣ୍ଡାଙ୍କୁ ଜଣେ ଆଦର୍ଶ, ଶୃଙ୍ଖଳିତ, ନିଷ୍ଠାବାନ ଓ ସହୃଦୟ ଶିକ୍ଷୟିତ୍ରୀ ଭାବେ ସ୍ମରଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଅନିନ୍ଦିତା ମିଶ୍ର, ବରିଷ୍ଠ ଶିକ୍ଷକ ମାନସ ପୃଷ୍ଟି ଓ ଅନ୍ୟାନ୍ୟ ଶିକ୍ଷକମାନେ ତାଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ନେତୃତ୍ୱଗୁଣ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଅକୃତ୍ରିମ ସ୍ନେହକୁ ସ୍ମରଣ କରିଥିଲେ ।

ଭାବବିହ୍ୱଳ କଣ୍ଠରେ ରଞ୍ଜନ ପଣ୍ଡା କହିଥିଲେ ଯେ, ଅପର୍ଣ୍ଣା ସବୁବେଳେ ସାରଦା ଏକାଡେମୀର ଉନ୍ନତି ନେଇ ଚିନ୍ତିତ ରହୁଥିଲେ ଏବଂ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା ଓ ସମର୍ପିତ ସେବା ମାଧ୍ୟମରେ ବିଦ୍ୟାଳୟକୁ ଆହୁରି ଉଚ୍ଚ ସ୍ଥାନକୁ ନେବା ତାଙ୍କର ଜୀବନର ସ୍ୱପ୍ନ ଥିଲା । ସ୍ଥାନୀୟ ସାମ୍ବାଦିକ ରମାକାନ୍ତ ରାଉଳ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ସ୍ୱର୍ଗତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କୁ ଜଣେ ସରଳ, ସଚ୍ଚୋଟ, ବିନମ୍ର ଓ ଆଦର୍ଶ ଶିକ୍ଷୟିତ୍ରୀ ବୋଲି ବର୍ଣ୍ଣନା କରିଥିଲେ । ସେମାନେ କହିଥିଲେ, ସାରଦା ଏକାଡେମୀ ତାହାର ଜଣେ ଉଜ୍ଜ୍ୱଳ ରତ୍ନକୁ ହରାଇଛି । ସଭାରେ ସ୍ୱର୍ଗତା ଅପର୍ଣ୍ଣା ପଣ୍ଡାଙ୍କ ସହପାଠୀ ରଶ୍ମି ରଞ୍ଜନ ସାହୁ, ଶାନ୍ତନୁ ଶୋମ, ରାମଚନ୍ଦ୍ର ଦାସ, ମନୋଜ ଦାସ, ଅଶୋକ ବେହେରା, ରଚିତା ମହାନ୍ତି, ସସ୍ମିତା ରାଉତ, ମନୋରଞ୍ଜନ ଓଝା, ସାରଦା ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, ରବୀନ୍ଦ୍ର ମଲ୍ଲିକ ଓ ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ ଯେ, ଅପର୍ଣ୍ଣା ପଣ୍ଡା ୧୯୯୦ ବ୍ୟାଚର ଗର୍ବ ଥିଲେ। ଏହି ବିଦ୍ୟାଳୟରେ ଶିକ୍ଷାଲାଭ କରି ପରେ ସେହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ସେବା କରିବା ତାଙ୍କ ଜୀବନର ଏକ ବିରଳ ଉଦାହରଣ ଥିଲା । ତାଙ୍କର ଆଦର୍ଶ, ନିଷ୍ଠା ଓ ସେବାଭାବ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ତାଙ୍କର ଅମର ଆତ୍ମାର ସଦ୍ଗତି କାମନା ସହିତ ସଭାର ସମାପ୍ତି ଘଟିଥିଲା ।

## ଭଏସ ଅଫ୍ୟୁଥ ଆଣ୍ଡ ଷ୍ଟୁଡେଣ୍ଟ୍ସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଆଠଗଡ, (ସବ୍ୟୁ) : ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ନେତା ବିଶଜିତ ପଲେଇଙ୍କ ନେତୃତ୍ୱରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାର କିଛି ସମୟ ପୂର୍ବରୁ ଭଏସ ଅଫୟୁଥ ଆଣ୍ଡ ଷ୍ଟୁଡେଣ୍ଟସ ସଂଗଠନ ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି । ଏକ ବିଶାଳ ଶୋଭାଯାତ୍ରା ରାଧାଗୋବିନ୍ଦ ପୁର ହନୁମାନ ମନ୍ଦିରରୁାହାରି ସହର ପରିକ୍ରମା କରି ସହିତ ସହରର ମଧ ସ୍ଥଳୀ ଚାନ୍ଦବାଲି ଛକ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଶ୍ନ ପତ୍ର ପ୍ରଘଟ କାରଣରୁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ନିରବ ପାର୍ଥନା କରିଥିଲେ । କେନ୍ଦ୍ର ମନ୍ତ୍ରୀ ଇସ୍ତଫା ପରେ ସରକାର ଉପରେ ଲୋକତନ୍ତ୍ରର ବିଜୟ ବୋଲି ଛାତ୍ରନେତା ମାନେ କହିଥିଲେ ଆଠଗଡ ଏନଏସି ଛାତ୍ର ସଭାପତି ମହମ୍ମଦ ଖାଲିଦ, ତିଗିରିଆର ଛାତ୍ର ନେତା କାଳିଆ ପୃଷ୍ଟି , କଖଡି ର ଅଙ୍କିତ ଖଟୁଆ, ମୋଜିବୁଲ ହବ , ତୋଫାନ ସାମଲ, ରିଙ୍କୁ ପତ୍ରୀ,ଆଠଗଡର ଯୁବନେତା ବିନୋଦ ମାଝି, ସତ୍ୟପ୍ରିୟ ମହାନ୍ତି, ପ୍ରମୁଖ ଯୋଗଦେଇ ଏହି ବିକୃତ ଶିକ୍ଷା ପଦ୍ଧତି ବିରୁଦ୍ଧରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁଙ୍କ ନେତୃତ୍ୱରେ ବହୁଦିନରୁ ଲଢେଇ ଆରମ୍ଭ ହୋଇଛି । ସମଗ୍ର ଶିକ୍ଷାନୀତି ପ୍ରତ୍ୟାହରଣ ପର୍ଯ୍ୟନ୍ତ ଲଢେଇ ଜାରି ରହି ଲେ ବୋଲି କହିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ଶୁଭେନ୍ଦୁ ବେଉରା, ଯୁବନେତା ପ୍ରଦୀପ୍ତ ଦାସ,ପ୍ରକାଶ ରାଉତ, ଶିଶିର ପ୍ରସାଦ ମାନସିଂହ, ଆଠଗଡ ଏନଏସି ଉପାଧକ୍ଷି ଶୁଭ୍ର ଶଙ୍କର ଜ୍ୟୋତି, ଯୁ ସରପଞ୍ଚ ଶକ୍ତିକାନ୍ତ ସାହୁ, ଅଜି କୁମାର ଦାସ ଦିନେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ ।

## ୧୬ନଂ ଜାତୀୟ ରାଜପଥ -ସୋରଣ ରାସ୍ତା ଶୋଚନୀୟ

କୁହୁଡ଼ି,(ସବ୍ୟୁ):କେନ୍ଦ୍ର ସରକାରଙ୍କ ସଫଳ ଯୋଜନଙ୍କ ମଧ୍ୟରେ ରାସ୍ତା ସଂଯୋଗ ନୀତିକୁ ସବୁବେଳେ ଅଗ୍ରାଧିକାର ଦିଆଯାଇଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧୀନରେ ଥିବା କୁହୁଡି ବସଷ୍ଟାଣ୍ଡ ଠାରୁ ସୋରଣ ରାସ୍ତାର ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଥିଲେ ହେଁ ଏହାର ମରାମତି କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇନାହିଁ ଚ ଏହା ମୁଖ୍ୟ ରାସ୍ତା ଭାବେ ଜାତୀୟ ରାଜପଥ -୧୬ କୁ ସଂଯୋଗ କରିଥାଏ, ଯାହା ଫଳରେ ଏହି ରାସ୍ତା ଉପରେ ୪ଟି ପଞ୍ଚାୟତ ରତନପୁର, କୁହୁଡି, ମାନସିଂହପୁର ଓ ସୋରଣ ର ପାଖାପାଖି ୫୦ହଜାରୁ ଅଧିକ ଜନସାଧାରଣ ଯାତାୟାତ କରିଥାନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସଂପୃକ୍ତ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତାଟି ଶୋଚନୀୟ ଅବସ୍ଥାରେ ପଡ଼ିରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଏହି ରାସ୍ତା ଦେଇ ଜନସାଧାରଣ, ସ୍କୁଲ ପିଲାମାନେ, କଲେଜ ଛାତ୍ରଛାତ୍ରୀମାନେ, ଆମ୍ବୁଲାନ୍ସ, ହସ୍ପିଟାଲ, ପୋଷ୍ଟ ଅଫିସ, ବ୍ୟାଙ୍କ, ମାଛ ଗୋଦାମ, ଟାଙ୍ଗୀ ବ୍ଲକ, ଟାଙ୍ଗୀ ଥାନା ଓ ପର୍ଯ୍ୟଟକମାନେ ଯାତାୟାତ କରିଥାନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କୁହୁଡ଼ି ଜାତୀୟ ରାଜପଥ ଠାରୁ ସୋରଣ ୬.୬୦୦ କି.ମି. ମଧ୍ୟରୁ



ପିଚୁ ରାସ୍ତା ୪.୩୦୦କି.ମି. ଓ ସିମେଣ୍ଟ କଂକ୍ରିଟ ରାସ୍ତା ୨.୩୦୦ କି.ମି. ପାଇଁ ମୋଟ ଅଟକଳ ରାଶି ଟ୨୭୨.୧୧ ଲକ୍ଷ ଥିବା ବେଳେ ରକ୍ଷଣାବେକ୍ଷଣ ୫ ବର୍ଷ ପାଇଁ ଟ୨୧.୬୧ ଲକ୍ଷ ଧାର୍ଯ୍ୟ କରାଯାଇଛି । ପ୍ରଥମ ବର୍ଷ ୨୦୨୦-୨୧ ଟ୩,୧୫,୮୫୦, ଦ୍ୱିତୀୟ ବର୍ଷ ୨୦୨୧-୨୨ ଟ୩,୬୦,୨୮୬,ତୃତୀୟ ବର୍ଷ ୨୦୨୨-୨୩ ଟ୪,୧୩,୬୦୯, ଚତୁର୍ଥ ବର୍ଷ ୨୦୨୩-୨୪ ଟ୪,୭୭,୫୯୫ ଓ ପଞ୍ଚମ ବର୍ଷ ୨୦୨୪-୨୫ ଟ୫,୫୪,୩୮୧ ଟଙ୍କା ରକ୍ଷାଣବେକ୍ଷଣ ପାଇଁ ଧାର୍ଯ୍ୟ ଥିଲେ ମଧ୍ୟ କେଉଁଠି ବିରାଟ ଗର୍ତ୍ତ ତ କେଉଁଟି ଖାଲ ଓ କେଉଁଟି ପିଚୁ ଛାଡ଼ିଯାଇଛ । ଯାହାଫଳରେ ଏଠାରେ ପ୍ରାୟ ସମୟ ଛୋଟବଡ ଦୁର୍ଘଟଣା ଘଟି ଚାଲିଛି ।କୁହୁଡି ବସଷ୍ଟାଣ୍ଡ, କୁହୁଡି କଲେଜ,ୟୁ ପି ସ୍କୁଲ, କୁହୁଡି ଡ଼ାକଘରଖାନା, ସୋରଣୟୁ ପି ସ୍କୁଲ ବର୍ଷା ଦିନରେ ପାଣି ଜମି ଥିବା ଯୋଗୁଁ ପିଲାମାନେ କଲେଜ, ସ୍କୁଲ ତଥା ରୋଗୀକୁ ଆମ୍ବୁଲାନ୍ସରେ ଯିବା ଆସିବାରେ ଅହେତୁକ ଅସୁବିଧା ପରିଲକ୍ଷିତ ହେଉଛି । ଜନସାଧାରଣଙ୍କ ଦାବି ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି । ବିଗତ ୫ବର୍ଷ ବିତିଯାଇଥିଲେ ମଧ ରକ୍ଷଣାବେକ୍ଷଣ ନା ରେ ଲକ୍ଷ ଲକ୍ଷ ଅର୍ଥ ହରିଲୁଟ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ଏକ ଜନଆନ୍ଦୋଳନର ଆଗକୁ ବଢ଼ାଇବା ପାଇଁ ଜୋର୍ ଧରିଛି ।

## ବାଲିପାଟଣା,ମହୁଖଣ୍ଡାରେ ପ୍ରଭୁଙ୍କ ସୁନାବେଶ

ବାଲିପାଟଣା,(ସବ୍ୟୁ):ବାଲିପାଟଣା ବଜାର ସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରଭୁ ପତିତପାବନଙ୍କ ରଥାରୂଢ ସୁନାବେଶ ଅନୁଷ୍ଠିତ ହୋଇଯାଇଛି ।ନବଦିନ ଯାତ୍ରା ଶେଷ କରି ଗତକାଲି ବାହୁଡିବା ପରେ ଆଜି ପ୍ରଭୁ ଜଗନ୍ନାଥଙ୍କର ପରମ୍ପରା ଅନୁଯାୟୀ ରଥ ଉପରେ ସୁନାବେଶ ହୋଇଥିଲା । ହଜାର ହଜାର ଭକ୍ତ ପ୍ରଭୁଙ୍କର ଅପୂର୍ବ ସୁନାବେଶକୁ ରଥ ଉପରେ ଦର୍ଶନ କରିଥିଲେ ।ରଥ ନିକଟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯାହା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା



।ବାଲିପାଟଣା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।ଜଗନ୍ନାଥ ସାହୁ,ଅଜୟ ହୋତା, ହେମନ୍ତ କୁମାର ଜେନା,ପ୍ରଭାତ କୁମାର ମହାପାତ୍ର, ମନୋଜ ସାହୁ,ବିବେକାନନ୍ଦ ସାହୁ,ପୂର୍ଣ୍ଣ ଚନ୍ଦ୍ର ଦାସ,ଘନଶ୍ୟାମ ଭୋଳ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।ସେହିପରି ମହୂଖଣ୍ଡା ଠାରେ ଏକ କିଣ୍ଟାଲ ରୂପା ଅଳଙ୍କାରରେ ସଜେଇ ହୋଇଛନ୍ତି ତିନି ଠାକୁର । ଝଲ ଝଲ ଝଟକୁଛି ତିନି ଠାକୁରଙ୍କ ଅପୂର୍ବ ବେଶ ।ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଗତ ବର୍ଷ ପ୍ରତିଷ୍ଠା ହୋଇଥିବା ଭବ୍ୟ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ଅପୂର୍ବ ରୂପରେ ବିରାଜମାନ କରିଛନ୍ତି ବିରାଟ ରଥ ଉପରେ ତିନି ଠାକୁର ।ବାଲିପାଟଣା ପୋଲିସ ତରଫରୁ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।ସେଠାରେ ପୂଜକ ପ୍ରମୋଦ ପାଢ଼ୀ ଓ ରାଜା ଦାୟିତ୍ୱ ଅକ୍ଷୟ ବିକ୍ରମ ଖଟୁଆ ନିର୍ବାହ କରିଥିବା ବେଳେ କର୍ତ୍ତା ଭାବରେ ଚନ୍ଦ୍ରକାନ୍ତ ଖଟୁଆ ଦାୟିତ୍ୱ ନିର୍ବାହ କରିଥିଲେ । ତାପସ କୁମାର ଜେନା,ଦୀପକ କୁମାର ଜେନା,ତ୍ରିଲୋଚନ ତ୍ରିପାଠୀ,ଅଗାଧୁ ମୁଖି, ବିପିନ ମୁଖୀ,ମାଧବ ଜେନା ଓ ଗ୍ରାମର ଉତ୍ସାହୀ ଯୁବକ ମାନେ ଠାକୁର ଙ୍କ ନିତିକାନ୍ତିକୁ ଶୃଙ୍ଖଳିତ ଭାବେ ନିର୍ବାହ କରିଥିଲେ ।

## ରାଷ୍ଟ୍ରୀୟ ସ୍ତରରେ ଡ଼. ପ୍ରଭାତ ମିଶ୍ରଙ୍କୁ ମିଳିଲା ନୂଆ ଦାୟିତ୍ୱ

ଫୁଲନଖରା ,(ସବ୍ୟୁ): ଅନ୍ତର୍ଜାତୀୟ ସାମ୍ବାଦିକ ସଂଗଠନ ଭଏସଅଫ ମିଡ଼ିଆର ଓଡ଼ିଶା ପ୍ରଦେଶ ଶାଖାର ସଭାପତି ଡ଼. ପ୍ରଭାତ କୁମାର ମିଶ୍ରଙ୍କୁ ସଂଗଠନର ମୁଖ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ପୂର୍ବାଞ୍ଚଳ ସଭାପତି ଭାବେ ମନୋନୀତ କରାଯାଇଛି । ପୂର୍ବରୁ ସେ ଓଡ଼ିଶା ପ୍ରଦେଶର ସଫଳ ନେତୃତ୍ୱ ନେଉଥିବାବେଳେ ବର୍ତ୍ତମାନ ନୂତନ ଦାୟିତ୍ୱ ଅନୁଯାୟୀ ଓଡ଼ିଶା ସମେତ ପୂର୍ବାଞ୍ଚଳର ଆଠଟି ରାଜ୍ୟର ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ତାଙ୍କୁ ପ୍ରଦାନ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ ନେଇ କଟକ ୪୨ ମୌଜାସ୍ଥିତ ଦୟାନିଧି ସାରସ୍ୱତ ଭବନ ପରିସରରେ ଭଏସ ଅଫ ମିଡ଼ିଆ, କଟକ ଜିଲ୍ଲା ଶାଖା ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ଆଲୋଚନା ଓ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସଭାରେ ଡ଼. ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଅଭିନନ୍ଦନ ପତ୍ର ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପୂର୍ବାଞ୍ଚଳ



ସଭାପତି ଡ଼. ପ୍ରଭାତ କୁମାର ମିଶ୍ରଙ୍କ ସହ ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ସଭାପତି ଇଞ୍ଜିନିୟର ଗିରିଜା ଶଙ୍କର ପତି, ରାଜ୍ୟ ସଂଯୋଜକ ପୂର୍ଣ୍ଣେନ୍ଦୁ ନାୟକ, କଟକ ଜିଲ୍ଲା ସଭାପତି ତଥା ସାରସ୍ୱତ ସାଧକ ଅନିଲ ଦାସ, ରାଷ୍ଟ୍ରୀୟ କିସାନ ସଂଘର ସାଧାରଣ ସମ୍ପାଦକ ଦେବୀପ୍ରସାଦ ପତି, ଜିଲ୍ଲା ସମ୍ପାଦକ ସୁଶାନ୍ତ କୁମାର ନାୟକ, ପରିବେଶବି ଧନେଶ୍ୱର ବିଧାର ଏବଂ ପ୍ରତିଷ୍ଠାନର ମୁଖ୍ୟ ସଂଗଠକ ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ମତାମତ ରଖିଥିଲେ । ବୈଠକରେ ସଂଗଠନର ସାଙ୍ଗଠନିକ ସୁଦୃଢ଼ୀକରଣ, ସାମ୍ବାଦିକଙ୍କ ଅଧିକାର ସୁରକ୍ଷା, ଗଣମାଧ୍ୟମର ନୈତିକତା ଏବଂ ସାମ୍ବାଦିକ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଅଞ୍ଚଳରୁ ବହୁ ସଂଖ୍ୟକ ସାମ୍ବାଦିକ ଏହି ସଭାରେ ଯୋଗଦେଇ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଶେଷରେ ଜିଲ୍ଲା ସଂଘ ପକ୍ଷରୁ ଡ଼. ପ୍ରଭାତ କୁମାର ମିଶ୍ରଙ୍କୁ ପୁନର୍ବାର ସମ୍ବର୍ଦ୍ଧନା ଜଣାଇ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରାଯାଇଥିଲା । ଏହି ଅବସରରେ ଆକାଶ ସଓ୍ୱାଇଁ, ସହଦେବ ମାଝୀ, କାଳନ୍ଦୀ ବ୍ରହ୍ମା, ଦାମୋଦର ବେଉରା, ଅକ୍ଷୟ ରଞ୍ଜନ ଦାସଙ୍କ ସମେତ ବହୁ ସାମ୍ବାଦିକ ଓ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଶ୍ରୀ ଲକ୍ଷ୍ମୀ ୱେଲଫେୟାର ସୋସାଇଟିର ନିଶୁଳ୍କ ପ୍ରାଣୀ ଚିକିତ୍ସା ଶିବିର

ଫୁଲନଖରା (ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଦଳବାଡ଼ ଗ୍ରାମର ପ୍ରସିଦ୍ଧ ମା ବାରାହୀ ଠାକୁରାଣୀଙ୍କ ପବିତ୍ର ପୀଠସ୍ଥଳୀରେ ଶ୍ରୀ ଲକ୍ଷ୍ମୀ ଓ୍ୱେଲଫେୟାର ସୋସାଇଟି ପକ୍ଷରୁ ଏକ ନିଶୁଳ୍କ ପ୍ରାଣୀ ଚିକିତ୍ସା ଓ ସ୍ୱାସ୍ଥ୍ୟ ସଚେତନତା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳରେ ଗୋ-ସମ୍ପଦର ସୁରକ୍ଷା, ପଶୁମାନଙ୍କ ସ୍ୱାସ୍ଥ୍ୟ ସେବାର ପ୍ରସାର ଏବଂ ଜୀବଦୟାର ମହାନ ବାର୍ତ୍ତାକୁ ସମାଜରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା ମିଳିଛି । ସୋସାଇଟିର ପୃଷ୍ଠପୋଷକ ଓ ମାର୍ଗଦର୍ଶକ ଡାଃ ଲକ୍ଷ୍ମୀଧର ଦାଶଙ୍କ ତ%ାବଧାନରେ ଆୟୋଜିତ ଏହି ଶିବିରରେ ସଭାପତି ନିବେଦିତା ଦାଶ, ସମ୍ପାଦକ ବିନତା ସ୍ୱାଇଁଙ୍କ ସମେତ ସୋସାଇଟିର କର୍ମକର୍ତ୍ତା ବିଶ୍ୱଜିତ ନନ୍ଦ, ଭରତ ମଲ୍ଲିକ, ପ୍ରଭାତ ରାଉତ, ଜ୍ୟୋତି ରଞ୍ଜନ ଦାଶ, ଶୁଭ୍ରାଂଶୁ ସାହୁ, ସନାତନ ସଓ୍ୱାଇଁ, ଗଗନ ବିହାରୀ ଦାଶ ଓ ସରୋଜ ତରାଇ ପ୍ରମୁଖ ସକ୍ରିୟ ଭାବେ ଯୋଗଦେଇ ଶିବିରର ସୁପରିଚାଳନା କରିଥିଲେ । ଶିବିରରେ ଫୁଲନଖରା ପ୍ରାଣୀ ଚିକିତ୍ସା କେନ୍ଦ୍ରର ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ) ଡାଃ ବିକାଶ ଚନ୍ଦ୍ର ନାଗ ମୁଖ୍ୟ ଚିକିତ୍ସକ ଭାବେ ଯୋଗଦେଇ ଗୋମାତାଙ୍କର ସଓ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ । ଗାଈମାନଙ୍କ ମଧ୍ୟରେ ଦେଖାଦେଉଥିବା କୃମି ସଂକ୍ରମଣ, ଟିଙ୍କ, ଉକୁଣୀ, ହଜମ ଜନିତ ସମସ୍ୟା, କ୍ଷୀର ଉତ୍ପାଦନ ବୃଦ୍ଧି ଏବଂ ଶରୀର ବିକାଶ ସମ୍ପର୍କିତ ବିଭିନ୍ନ ସମସ୍ୟାର ନିଶୁ◂ ଚିକିତ୍ସା କରାଯିବା ସହ ଆବଶ୍ୟକୀୟ ଔଷଧ ସମ୍ପୂର୍ଣ୍ଣ ମାଗଣାରେ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ଏଲ.ଆଇ. ମହୀଧରପଡ଼ାର ରବି ନାରାୟଣ ସେନାପତି, ହରିଅନ୍ତାର ପ୍ରମୋଦ ବିଜୟ ସେଠୀ ଏବଂ ମୈତ୍ରୀ ପ୍ରତାପ ମଲ୍ଲିକ, ରମାକାନ୍ତ ବେହେରା, କାହ୍ନୁ ଚରଣ ବରାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ଡାଃ ଲକ୍ଷ୍ମୀଧର ଦାଶ କହିଥିଲେ ଯେ, ଶ୍ରୀ ଲକ୍ଷ୍ମୀ ଓ୍ୱେଲଫେୟାର ସୋସାଇଟି ଏପ୍ରିଲ ୨୦୨୪ ମସିହାରୁ ନିରବଚ୍ଛିନ୍ନ ଭାବେ ସାମାଜିକ ସେବା କ୍ଷେତ୍ରରେ କାର୍ଯ୍ୟ କରିଆସୁଛି । ପ୍ରତିଦିନ ବୁଲା ଗାଈ, କୁକୁର, ପକ୍ଷୀ ଓ ଅନ୍ୟାନ୍ୟ ଅସହାୟ ପ୍ରାଣୀଙ୍କୁ ଖାଦ୍ୟ ବଣ୍ଟନ କରିବା ସହ ସେମାନଙ୍କ ଚିକିତ୍ସା ଓ ସୁରକ୍ଷା ପାଇଁ ସୋସାଇଟି ସଦା ନିରନ୍ତର ପ୍ରୟାସ କରୁଛି । ଶିବିରରେ ବିପ୍ଳବ ଯାଦବ, ସାଧନା ଜେନା, ନମିତା ବସ୍ତିଆ, ବର୍ଷାରାଣୀ ଦାସ, କନକଲତା ପଟ୍ଟନାୟକ, ତୁଷାରବାଳା ସାମନ୍ତରାୟ, ମାରୁତି ପଣ୍ଡା, ଶରତ କୁମାର ବେଉରା, ଗଗନ ବିହାରୀ ଭୋଇଙ୍କ ସମେତ ବହୁ ସଂଖ୍ୟକ ପଶୁପାଳକ, ସ୍ଥାନୀୟ ବାସିନ୍ଦା ଓ ସମାଜସେବୀମାନେ ଉପସ୍ଥିତ ରହି ଏହି ଅଭିନବ ପଦକ୍ଷେପକୁ ସ୍ୱାଗତ କରିଥିଲେ ।

## ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ନିମାପଡା,(ସବ୍ୟୁ) : କୁଅଁରପୁର ସ୍ଥିତ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳା,ବିଜ୍ଞାନ ଓ ବାଣିଜ୍ୟ ଶ୍ରେଣୀରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ତରଫରୁ ପ୍ରବେଶ ଉତ୍ସବ ଆୟୋଜିତ କରାଯାଇଥିଲା। ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ. ଜେଯାସ୍ମାରାଣୀ ବସ୍ତିଆଙ୍କ ପୌରହିତ୍ୟରେ ଆୟୋଜିତ ପ୍ରବେଶ ଉତ୍ସବରେ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକ,ଅଧ୍ୟାପିକା ମାନଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷାଦାନ,ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ଏବଂ ସମସ୍ତ ବିଭାଗର ଶିକ୍ଷା ଗ୍ରହଣ ନୀତି ବିଷୟରେ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଯାଇଥିଲା। ଉତ୍ସବରେ ଅଧ୍ୟାପକ ସୁକାନ୍ତ ସ୍ୱାଇଁ,ମାଧବାନନ୍ଦ ଷଡଙ୍ଗୀ,ଗୁନିଧି ସ୍ୱାଇଁ,ରତିକାନ୍ତ ପ୍ରଧାନ,ଗଛଗରିକ ରଂଜିତ ରଥଙ୍କ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତଥିଲେ।

## ମହିଳା ମହାବିଦ୍ୟାଳୟର ନବାଗତ ଛାତ୍ରୀଙ୍କୁ ସ୍ୱାଗତ,ସମ୍ବର୍ଦ୍ଧନା ଜ୍ଞାପନ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର କଳା ଛାତ୍ରୀମାନଙ୍କୁ ଅନୁଷ୍ଠାନ ପରିସରରେ ଗୁରୁବାର ସ୍ୱାଗତ,ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି ।ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ମାର୍ଗଦର୍ଶିକା,ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା, ଶ୍ରେଣୀ କକ୍ଷର ସୁ ପରିଚାଳନା, ଗ୍ରନ୍ଥାଗାରର ନିୟମାବଳୀ, ଶୃଙ୍ଖଳିତ ଶିକ୍ଷା ପ୍ରଣାଳୀ ଓ ଗୁଣାତ୍ମକ ଶିକ୍ଷା ଦାନ ସଂପର୍କରେ ନବାଗତ ଛାତ୍ରୀମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀ ଅନ୍ୱେଷା ଷଡଙ୍ଗୀ, ଅଙ୍କିତା ପଟ୍ଟନାୟକ,ନନ୍ଦିନୀ ସେଠୀ ପ୍ରମୁଖ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ଅନୁଭୂତି ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲା ବେଳେ ସମସ୍ତ ନବାଗତ ଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ବରିଷ୍ଠ ଛାତ୍ରୀମାନେ ସ୍ୱାଗତ କରିଥିଲେ ।

## ଶରଧାବାଲି ଭଜନ ସମାରୋହ

କଣାସ,(ସବ୍ୟୁ):ପୁରୀରେ ବର୍ଷକରେ ଥରେ ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ ବିଶ ନୀୟନ୍ତା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ବିଶପ୍ରସିଦ୍ଧ ରଥଯାତ୍ରା



ଅନୁଷ୍ଠିତ ହୋଇଯାଇଛି । ନଅ ଦିନ ପାଇଁ ରନି ବେଦୀରୁ ଜନ୍ମ ବେଦୀକୁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଲୀଳାଖେଳା ସାରି ବହୁଡ଼ିଛନ୍ତି ମହାବାହୁ ।ଏହି ପରିପ୍ରେକ୍ଷୀରେ ଫ୍ରେଣ୍ଡ କ୍ଲବ ପୁରୀ ପକ୍ଷରୁ ଶରଧାବାଲି ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥିଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ,ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ,କଣାସ ବ୍ଲକ ୪ ନମ୍ବର ଜିଲ୍ଲାପରିଷଦ ସଭ୍ୟ ତଥା ଯୁବ ସମାଜସେବୀ ଭୀମସେନ ପାଇକରାୟ,ପ୍ରସନ୍ନ ପଟ୍ଟନାୟକ ଓ ଦିବେସ ମାନସିଂହ ପ୍ରମୁଖ ଯୋଗଦେଇଥିଲେ ।ଏଥିରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିଙ୍କ ଦାରା ସମ୍ମାନୀତ କରାଯାଇଥିଲା ।ବିଭିନ୍ନ କ=ଶିଳ୍ପୀଙ୍କ ଦାରା ଜଗନ୍ନାଥ ଭଜନ ପରିବେଷଣ କରାଯାଇଥିଲା ।ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ ।ଫ୍ରେଣ୍ଡ କ୍ଲବ ସଦସ୍ୟ ମାନେ ଶାନ୍ତି ଶୃଙ୍ଖଳାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୀନୀଳମାଧବଙ୍କ ପୀଠରେ ହରିଶୟନ ଏକାଦଶୀ

କଣ୍ଟିଲୋ, (ସବ୍ୟୁ): ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଅବସରେ କଣ୍ଟିଲୋସ୍ଥିତ ବିଶ୍ୱ ପ୍ରସିଦ୍ଧ ଶ୍ରୀନୀଳମାଧବ ମନ୍ଦିରରେ ପବିତ୍ର ହରିଶୟନ ଏକାଦଶୀ ଶନିବାର ଦିନ ପାଳିତ ହୋଇଯାଇଛି । ଶାସ୍ତ୍ର ମାନ୍ୟତା ଅନୁସାରେ ଏହି ଶୁଭ ଦିନରୁ ଭଗବାନ ବିଷ୍ଣୁ ଚାରିମାସ ପାଇଁ କ୍ଷୀରସାଗରରେ ଯୋଗାନିଦ୍ରା ଯାଆନ୍ତି । ଏହା ସହିତ ଚାରିମାସ ବ୍ରତର ଆରମ୍ଭ ହୋଇଥାଏ ଯାହା କାର୍ତ୍ତିକ ଶୁକ୍ଳ ଏକାଦଶୀ( ହରିଉଂାପନ ଏକାଦଶୀ) ଅର୍ଥାତ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଠାକୁର ଯୋଗାନିଦ୍ରାରୁ ଜାଗ୍ରତ ହୁଅନ୍ତି ।

## ଖଙ୍ଗୁରିଆରେ ସାଂସଦ ଅପରାଜିତାଙ୍କ ଜନ ସମ୍ପର୍କ ଯାତ୍ରା

ବୋଲଗଡ଼ ,(ସବ୍ୟୁ):ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଶନିବାର ଦିନ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୋଲଗଡ଼ ବ୍ଲକର ଖଙ୍ଗୁରିଆ ଗ୍ରାମ ପଂଚାୟତରେ ଜନ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ଷଡ଼ଙ୍ଗୀ ଖଙ୍ଗୁରିଆ ଗ୍ରାମର ସମସ୍ତ ସାହି ସାହି ଓ ଘର ଘର ବୁଲି ଜନ ସାଧରଣଙ୍କର ଅଭିଯୋଗ ଶୁଣିବା ସହିତ ଗ୍ରାମର ବିର୍ଭିଣ୍ଣ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏହା ସହିତ ଗ୍ରାମର ଆରାଧ ଦେବ ପୀଠ ଶ୍ରୀ ଶ୍ରୀ ଅମୃତେଶ୍ୱର ଦେବ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ଯୋଗଦେଇ ଖଙ୍ଗୁରିଆ ପଂଚାୟତର ମୁଖ୍ୟ ସମସ୍ୟା ଥିବା ମହାନଦୀ ପାନୀୟ ଜଳ ଯୋଗାଣ,ଜଖଲା ବନ୍ଧର ପୁନଃ ଉଦ୍ଧାର,ଜକଲା ମହାବୀର ପୀଠକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କରିବା ଇତ୍ୟାଦି ସମ୍ପର୍କରେ ଏହି କାର୍ଯ୍ୟ ଶୀଘ୍ର ଦ୍ୱରାନଓ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଏହା ସହିତ ଗ୍ରାମର ବହୁ ବୃଦ୍ଧ ବୃଦ୍ଧା ୬ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ,ବହୁ ଅସହାୟ ବ୍ୟକ୍ତି ଆବାସ ଯୋଜନାରେ ଘର ଓ ଖାଉଟି କାର୍ଡ ପାଇନଥିବାର ଅଭିଯୋଗ କରିଥିଲେ ।ଏହି ସମ୍ପର୍କ ଯାତ୍ରାରେ ବିଜେପି ନେତା ପ୍ରକାଶ ଚନ୍ଦ୍ର ବିଜୁଳି ,ବ୍ରଜ ବନ୍ଧୁ ସୁବୁଦ୍ଧି,ପ୍ରଫୁଲ୍ଲ ଦଳେଇ ଯୋଗ ଦେଇଥିଲେ ।ବୋଲଗଡ଼ ମଣ୍ଡଳ



ସଭାପତି ଦୀପନ ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ ସଓ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶେଷରେ ପୂର୍ବତନ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେଲଗଲେ ଯୁବକ

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବଡସହରା ପଞ୍ଚାୟତ ଅନ୍ତର୍ଗତ ନାକଡେଇଁ ଗ୍ରାମର ଯୁଗଳ ବରାଙ୍କ ପୁଅ ବାପି ବରା (୨୮) ନିଜ ଗ୍ରାମ ନିକଟସ୍ଥ ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଦୈହିକ ସମ୍ପର୍କ ରଖିଆସୁଥିଲେ । ପରିବାର ପକ୍ଷରୁ ବାପୁ ଅନ୍ୟତ୍ର ବିବାହ କରାଯାଇଥିଲା । ଏହି ଘଟଣାକୁ ନେଇ ଯୁବତୀ ଜଣଙ୍କ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ମାମଲା ନଂ ୨୪୯/୨୬ ରେ ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।କୋର୍ଟରେ ଜମିନ ନାମଞ୍ଜୁର ହେବାରୁ ପ୍ରତାରଣା କରିଥିବା ଯୁବକ ବାପି ଜେଲ ହାଜତ ଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ସମୟ ଖବରକାଗଜ ଏଜେଣ୍ଟଙ୍କ ପରଲୋକ

ଖଣ୍ଡପଡ଼ା, (ସବ୍ୟୁ): ଦୈନିକ ଖବରକାଗଜ ସମୟର ଖଣ୍ଡପଡ଼ା ବ୍ଲକ ଏଜେଣ୍ଟ ରାମଚନ୍ଦ୍ର ମିଶ୍ର(୬୫) ଙ୍କର ପରଲୋକ ଘଟିଛି ।ସେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ ।ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ବନ୍ଧୁ ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ ।ସେ ତାଙ୍କ ଜୀବଦ୍ଦଶାରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଶବଦାହ କରି ସୁନାମ ଅର୍ଜନ କରିଥିଲେ । ତାଙ୍କର ପରଲୋକ ଖବର ପାଇ ଖଣ୍ଡପଡ଼ା ସହରାଞ୍ଚଳର ୧୦ ନମ୍ବର ଓ୍ୱାର୍ଡ ବ୍ରାହ୍ମଣସାହିସ୍ଥିତ ବାସଭବନରେ ପହଞ୍ଚି ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହ ଶୁଭେଚ୍ଛୁ ମାନେ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ଶେଷ ଶଯ୍ୟା ନିକଟରେ ପତ୍ନୀ, ପୁତ୍ର, ଦୁଇଭାଇ ବିଜୟ ଓ ହରିହରଙ୍କ ସହ ପରିବାର ପରିଜନ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା



ବେଳେ ଏକମାତ୍ର ପୁତ୍ର ରାକେଶ ମୁଖାଗ୍ନି ପ୍ରଦାନ କରିଥିଲେ । ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କର ସଦଗତି କାମନା କରାଯାଇଛି । ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବେପରୁଆ ଗାଡି ଚାଳନା : ଓଲଟିଲା ବାଲି ବୋଝେଇ ହାଇୱା

କଣ୍ଟିଲୋ (ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମ ନିକଟସ୍ଥ ମହାନଦୀ ଘାଟରୁ ବାଲି ବୋଝେଇ କରି ୪୮ ନଂ ରାଜ୍ୟ ରାଜପଥରେ ଦୃତ ଗତିରେ ଯାତ୍ରା କରୁଥିବା ଏକ ବାଲି ବୋଝେଇ ହାଇଓ୍ୱା ଗାଡି ବଡ ବାଣପୁର ଗ୍ରାମ ନିକଟସ୍ଥ କୁମୁଣ୍ଡି ଗ୍ରାମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତା କଡକୁ ପଲଟି ଯାଇଥିଲା ।ବେପରୁଆ ଗାଡି ଚାଳନା ଯୋଗୁଁ ରାସ୍ତା ପାର୍ଶ୍ୱକୁ



ଗାଡିଟି ପଲଟି ଯାଇଥିବା ବେଳେ ଏ ସଂପର୍କରେ କଣ୍ଟିଲୋ ଫାଣ୍ଡି ପୁଲିସ ନତୁବା ପ୍ରଶାସନିକ ଅଧିକାରୀମାନେ କେହି କିଛି ଜାଣିବା ପୂର୍ବରୁ ବାଲି ମାଫିଆମାନେ କଳେବଳେ କୌଶଳେ ରାସ୍ତା ପାର୍ଶ୍ୱରେ ପଲଟିଥିବା ଗାଡିଟିକୁ ଉଠାଇ ନେବାରେ ସକ୍ଷମ ହୋଇଥିବା ଜଣାଯାଇଛି ।ତେବେ ପ୍ରଶ୍ନ ଉଠେ ବାଲି ମାଫିଆମାନେ ଚୋରାରେ ବାଲି ଚାଲାଣ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସଫଳ ହେଉଥିବା ବେଳେ ପୁଲିସ ନତୁବା ପ୍ରଶାସନିକ ଅଧିକାରୀମାନେ ସେ ସଂପର୍କରେ ସୁରାକ ନ ପାଇବା ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ଦିଗରେ ନୟାଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆଜି ଠାରୁ ଶିରିଡ଼ି ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ

ନିରାକାରପୁର,(ସବ୍ୟୁ): : ଖୋରଧା ଜିଲ୍ଲା ନିରାକାରପୁରସ୍ଥିତ ଶ୍ରୀ ଶିରିଡ଼ି ସାଇ ମନ୍ଦିର ପରିସରରେ ଆସନ୍ତା ଜୁଲାଇ ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହେବାକୁ ଯାଉଛି । ଏହି ଅବସରରେ ମନ୍ଦିର କମିଟି ଓ ସାଇପରିବାର ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ଉତ୍ସବରେ ଯୋଗଦାନ କରି ସଦଗୁରୁ ଶ୍ରୀ ସାଇନାଥଙ୍କ କୃପା ଲାଭ କରିବା ପାଇଁ ନିମନ୍ତ୍ରଣ କରାଯାଇଛି ।୨୭ ତାରିଖ ସୋମବାର ସକାଳ ୬ଟାରେ କଳସ ଯାତ୍ରା, ମହାଯଜ୍ଞର ପ୍ରଥମ ଦିବସ ପୂଜାର୍ଚ୍ଚନା ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ।୨୮ ତାରିଖ ମଙ୍ଗଳବାର ମହାଯଜ୍ଞର ଦ୍ୱିତୀୟ ଦିବସ ପୂଜାର୍ଚ୍ଚନା ଏବଂ ସନ୍ଧ୍ୟା ୬ଟାରେ ବାବାଙ୍କ ନଗର ପରିକ୍ରମା ଅନୁଷ୍ଠିତ ହେବ ।୨୯ ତାରିଖ ବୁଧବାରମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଟାରେ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ।ଏହି ସମସ୍ତ କାର୍ଯ୍ୟକ୍ରମ ଶିରିଡିସାଇ ବାବା ମନ୍ଦିର ସେବା ସଂସ୍ଥା, ନିରାକାରପୁର, ଖୋର୍ଦ୍ଧା ଏବଂ ନିରାକାରପୁର ସାଇପରିବାରଙ୍କ ପ୍ରତ୍ୟକ୍ଷ ତ%ାବଧାନରେ ପରିଚାଳିତ ହେଉଛି ।

## ମହିଳା ମହାବିଦ୍ୟାଳୟର ନବାଗତ ଛାତ୍ରୀଙ୍କୁ ସ୍ୱାଗତ,ସମ୍ବର୍ଦ୍ଧନା ଜ୍ଞାପନ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷର କଳା ଛାତ୍ରୀମାନଙ୍କୁ ଅନୁଷ୍ଠାନ ପରିସରରେ ଗୁରୁବାର ସ୍ୱାଗତ,ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି ।ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ମାର୍ଗଦର୍ଶିକା, ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା, ଶ୍ରେଣୀ କକ୍ଷର ସୁ ପରିଚାଳନା, ଗ୍ରନ୍ଥାଗାରର ନିୟମାବଳୀ, ଶୃଙ୍ଖଳିତ ଶିକ୍ଷା ପ୍ରଣାଳୀ ଓ ଗୁଣାତ୍ମକ ଶିକ୍ଷା ଦାନ ସଂପର୍କରେ ନବାଗତ ଛାତ୍ରୀମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀ ଅନ୍ୱେଷା ଷଡଙ୍ଗୀ, ଅଙ୍କିତା ପଟ୍ଟନାୟକ,ନନ୍ଦିନୀ ସେଠୀ ପ୍ରମୁଖ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ଅନୁଭୂତି ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ।ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲା ବେଳେ ସମସ୍ତ ନବାଗତ ଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ବରିଷ୍ଠ ଛାତ୍ରୀମାନେ ସ୍ୱାଗତ କରିଥିଲେ ।

# ସମ୍ପାଦକୀୟ

## ଯୁଦ୍ଧମନସ୍କ ମାନବର ଶାନ୍ତି କାହିଁ ?

‘All happy families are alike, each unhappy family is unhappy in its own way’ (Leo Tolstoy in )

ଲିଓ ଟଲଷ୍ଟୟ ଜଣେ ପ୍ରସିଦ୍ଧ ଲେଖକ ଓ ଋଷିପ୍ରତିମ ବ୍ୟକ୍ତିଙ୍କ ‘ଆନା କାରନିନା’ ଉପନ୍ୟାସର ଉପରୋକ୍ତ ବାକ୍ୟଟି ଖୁବ୍ ଲୋକପ୍ରିୟ । ତାହାର ଓଡ଼ିଆ ରୂପାନ୍ତର ହେଉଛି, ‘ସବୁ ସୁଖୀ ପରିବାର ଏକାପରି, ପ୍ରତ୍ୟେକ ଅସୁଖୀ ପରିବାର ନିଜ ଢଙ୍ଗରେ ଅସୁଖୀ ହୋଇ ଯାଆନ୍ତି ।’ ରୁଷ୍‌ର ପ୍ରସିଦ୍ଧ ଏହି ଲେଖକଙ୍କୁ ତାଙ୍କର ଲେଖାଗୁଡ଼ିକ ପାଇଁ ନୋବେଲ ପୁରସ୍କାର ମିଳି ନଥିଲା । ଅଥଚ ନୋବେଲ ପୁରସ୍କାର ପ୍ରଚଳିତ ହେବାର ନଅ ବା ଦଶ ବର୍ଷ ଅବଧି ସେ ବଞ୍ଚିଥିଲେ । ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର ସେ ଲାଭ କରି ନଥିଲେ । ନୋବେଲ ପୁରସ୍କାରର ମୂଲ୍ୟ ଏବେ ପ୍ରାୟ ୧୦ କୋଟି ଟଙ୍କାରେ ପହଞ୍ଚିଲାଣି । ଗତ ୨୦୨୫ରେ ହଙ୍ଗେରୀର ଔପନ୍ୟାସିକ ଓ ସିନେମା ସଂଳାପ ଲେଖକ ଲାସଜୋଲୋ କ୍ରାଜନା ହୋରକଲ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିଲେ । ଏବେ ବି କୌଣସି ଲେଖକ ଲେଖିକାଙ୍କୁ ପଚାରିଲେ ଚଳିତ ବା ଗତ ବର୍ଷର ସାହିତ୍ୟରେ ନୋବେଲ ପୁରସ୍କାର ପ୍ରାପ୍ତ ଲେଖକଙ୍କ ନାମ କେହି କହି ପାରିବେ ନାହିଁ । ତାଙ୍କ ସାହିତ୍ୟକୁ ଏବର ମୋବାଇଲ ଯୁଗରେ ଲୋକେ ପଢ଼ି ନଥିବେ । କିନ୍ତୁ ଟଲଷ୍ଟୟଙ୍କ ଲେଖାର ଗଭୀର ପ୍ରଭାବ ସଚେତନ ଲୋକଙ୍କ ଉପରେ ରହିଛି । ତାଙ୍କ ସାହିତ୍ୟର ଲୋକପ୍ରିୟତା ହ୍ରାସ ପାଇନାହିଁ ଏ ପର୍ଯ୍ୟନ୍ତ । ଏବେ ତ ଖାଲି ଯୁଦ୍ଧ ଆଉ ଯୁଦ୍ଧ । ଛଅ ମାସରୁ ଅଧିକ କାଳ ଯୁଦ୍ଧ ଇରାନ ଓ ଆମେରିକା ମଧ୍ୟରେ ଆରମ୍ଭ ହୋଇ ସରିବାର ନାଁ ଧରୁ ନାହିଁ । ଯୁଦ୍ଧ ଯୋଗୁଁ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଶାନ୍ତି ସ୍ଥାପନ ପାଇଁ ମଣିଷ କ’ଣ ପ୍ରକୃତରେ ଚାହୁଁ ନାହିଁ ?

**ମାନବିକତା କୁଆଡ଼େ ହଜି ଗଲାଣି । ଆମେମାନେ ସ୍ୱାର୍ଥକୈନ୍ଦ୍ରିକ ହୋଇ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ଓ ମୋବାଇଲକୁ ନେଇ ବ୍ୟସ୍ତ ରହୁଥିବା ବେଳେ, ଶାନ୍ତିର ସନ୍ଧାନ ପାଇଁ ଆମ ନିକଟରେ ସମୟ ନାହିଁ । ଆମର ଗତି ପ୍ରକୃତରେ କେଉଁ ଆଡକୁ ?**

ଅପରପକ୍ଷରେ ରୁଷ ଓ ୟୁକ୍ରେନ ମଧ୍ୟରେ ବିଗତ ବାର ବର୍ଷ ଧରି ଯୁଦ୍ଧ ଚାଲିଛି । ସେ ଯୁଦ୍ଧ ଅନ୍ତ ହେବାର ସମ୍ଭାବନା ଜଣା ପଡୁନାହିଁ । ଯେଉଁ ଟଲଷ୍ଟୟ ରୁଷ୍ ଅଞ୍ଚଳର, ସେ ଯୁଦ୍ଧ ଚାହିଁ ନଥିଲେ, ଶାନ୍ତି ଚାହିଁଥିଲେ ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକ ତଥା କାନ୍ତକବିଙ୍କର କନିଷ୍ଠ ପୁତ୍ର ଗୌରଚନ୍ଦ୍ର ମହାପାତ୍ର ଏବେ ସ୍ୱର୍ଗରେ । ସେ ଉଲ୍ଲେଖ କରିଥିଲେ ତାଙ୍କର ଗୋଟିଏ ପ୍ରବନ୍ଧରେ ଏହିପରି । ‘ଯୁଦ୍ଧ ନାମରେ ପୃଥିବୀ ପୃଷ୍ଠରେ ଯେଉଁ ନାରକୀୟ ନରହତ୍ୟାର ପୌନଃପୁନିକ ପ୍ରକ୍ରିୟା ଘଟି ଆସିଛି, ତହିଁର ଅବସାନ ଘଟାଇବା ପାଇଁ ଉଭୟ ଚିନ୍ତାନାୟକ ବଦ୍ଧପରିକର । ଟଲଷ୍ଟୟଙ୍କ ଅନୁମତି ଭିକ୍ଷା କରି ଗାନ୍ଧିଜୀ ତାଙ୍କର ପ୍ରଥମ ପତ୍ରରେ ଗୋଟିଏ ଲେଖାର ପ୍ରକାଶନ ପାଇଁ ଅନୁରୋଧ କରିଥିଲେ । ଏହି ଲେଖାଟି ଟଲଷ୍ଟୟ, ଭାରତର ଜଣେ ବିପ୍ଳବୀ ଡଃ ତାରକାନାଥ ଦାସଙ୍କ ନିକଟକୁ ପଠାଇଥିଲେ । ସେତିକିବେଳେ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ପରିଚାଳନା କରୁଥିଲେ ଗାନ୍ଧିଜୀ । ଗାନ୍ଧିଜୀ ଅନୁଭବ କରିଥିଲେ ଯେ ଟଲଷ୍ଟୟଙ୍କର ଉକ୍ତ ଲେଖାଟି ଦକ୍ଷିଣ ଆଫ୍ରିକାର ସତ୍ୟାଗ୍ରହୀମାନଙ୍କୁ ଦିଗ୍‌ଦର୍ଶନରେ ଯଥେଷ୍ଟ ସହାୟକ ହେବ । ତେଣୁ ତାରକାନାଥଙ୍କୁ ଦେଇଥିବା ପତ୍ରର ମୁଦ୍ରଣ ଅନୁମତି ଗାନ୍ଧିଜୀ ଲାଭ କଲେ । ‘A Letter to a Hindu’ ଶିରୋନାମାରେ ଏହି ଲେଖାଟି ମୁଦ୍ରିତ ଓ ପ୍ରଚାରିତ ହୋଇଥିଲା । ( ଗାନ୍ଧି ଓ ଟଲଷ୍ଟୟ’– ଗାନ୍ଧୀ ବିବିଧତା: ଓଡ଼ିଶାରେ ଗାନ୍ଧୀ ଓ ଗାନ୍ଧୀଚର୍ଚ୍ଚା ପୁସ୍ତକ, ପ୍ରକାଶକ – ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର)

ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବନ୍ଦ ପାଇଁ ଚାଲିଥିବା କଥାବାର୍ତ୍ତା ଏବେ ଶାନ୍ତ ପଡିଛି । ପାଞ୍ଚ ମାସ ହେଲା ଯୁଦ୍ଧ ବନ୍ଦ ହେବ ବୋଲି ଚୁକ୍ତିକୁ ବାରମ୍ବାର ଖିଲାପ କରା ଯାଉଛି । ମାତ୍ର ସଫଳ ହେଉ ନାହିଁ । ଏବେ ଚାଇନା କହିବାନୁଯାୟୀ ପାକିସ୍ତାନ ପୁଣି ଥରେ ଉଭୟ ରାଷ୍ଟ୍ର ମଧ୍ୟରେ ଶାନ୍ତି ଚୁକ୍ତି ପାଇଁ ଉଦ୍ୟମ ଆରମ୍ଭ ହେଉଛି । ଯୁକ୍ତରାଷ୍ଟ୍ର ଆମେରିକା ଏହି ଶାନ୍ତି ଏଥର ଖିଲାପ କଲେ ଅବସ୍ଥା ଭଲ ହେବ ଦାହିଁ ବୋଲି କୁହାଯାଉଛି । ପୁଣି ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏହି ଯୁଦ୍ଧରେ ଚୀନ ଓ ରୁଷ ଇରାନର ପକ୍ଷ ନେଲେ ସେମାନଙ୍କ ଅବସ୍ଥା ଖରାପ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

ମାନବିକତା କୁଆଡ଼େ ହଜି ଗଲାଣି । ଆମେମାନେ ସ୍ୱାର୍ଥକୈନ୍ଦ୍ରିକ ହୋଇ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ଓ ମୋବାଇଲକୁ ନେଇ ବ୍ୟସ୍ତ ରହୁଥିବା ବେଳେ, ଶାନ୍ତିର ସନ୍ଧାନ ପାଇଁ ଆମ ନିକଟରେ ସମୟ ନାହିଁ । ଆମର ଗତି ପ୍ରକୃତରେ କେଉଁ ଆଡକୁ ?

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଛାତ୍ରସମାଜକୁ ରାଜନୀତିର ଢାଲ କରା ନ ଯାଉ



ଅଭୟ ଦ୍ୱିବେଦୀ

‘ଆମ ଯୁବପିଢ଼ିଙ୍କ କଲ୍ୟାଣ ଓ ଭବିଷ୍ୟତ ଠାରୁ ବଡ଼ କଥା ଆଉ କିଛି ନାହିଁ । ପ୍ରଶ୍ନ ପତ୍ର ଲିକ୍ ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କୁ ତ୍ୱରିତ ଓ କଠୋର ଦଣ୍ଡ ସୁନିଶ୍ଚିତ କରିବା ପାଇଁ ଆମେ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରିବାକୁ ନିଷ୍ପତ୍ତି ନେଇଛୁ । ଏ ଦିଗରେ ସମସ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହା ଆମର ବଳିଷ୍ଠ ପଦକ୍ଷେପ ମଧ୍ୟରୁ ଅନ୍ୟତମ ।’ ୨୦୨୬ ମସିହା ଜୁଲାଇ ୨୩ ତାରିଖରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏହା ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଘୋଷଣାନାମା । ମଙ୍ଗଳବାର (ଜୁଲାଇ ୨୧ ତାରିଖ) ଦିନ ଅନୁଷ୍ଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡ଼ିଏ) ସଂସଦୀୟ ଦଳ ବୈଠକରେ ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ପ୍ରଶ୍ନପତ୍ର ଲିକ୍ ସଂପର୍କୀୟ ଖବର ମିଳିବା ପରେ ସରକାର ତୁରନ୍ତ ପଦକ୍ଷେପ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ପୁନଃ ପରୀକ୍ଷା ଅୟୋଜନ କରିଥିଲେ । ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ସେ ସବୁ ରାଜନୈତିକ ଦଳଙ୍କୁ ଆହ୍ୱାନ ଦେଇଥିଲେ । ଏହି ଘୋଷଣାନାମାର ମାତ୍ର କିଛି ଘଣ୍ଟା ପରେ ଦିଲ୍ଲୀ ହାଇକୋର୍ଟ ମୁଖ୍ୟବିଚାରପତି ଡିକେ ଉପାଧ୍ୟାୟ ଦିଲ୍ଲୀର ରାଉଜ ଏଭେନ୍ୟୁ କୋର୍ଟ ପରିସରରେ ନବଗଠିତ ଫାଷ୍ଟଟ୍ରାକ ଅଦାଲତର ବିଚାରପତି ଭାବେ ବିଚାର ବିଭାଗୀୟ ଅଧିକାରୀ ଅନୁ ଗ୍ରୋଭର ବାଲିଗାଙ୍କୁ ନିଯୁକ୍ତି ଦେଇଛନ୍ତି ।

ଯେଉଁ ପାଠକ ବନ୍ଧୁ ଫାଷ୍ଟଟ୍ରାକ କୋର୍ଟର କାର୍ଯ୍ୟଧାରା ସଂପର୍କରେ ବିଶେଷ ଅବଗତ ନୁହଁନ୍ତି, ସେମାନଙ୍କ ସୂଚନା ନିମନ୍ତେ ଏତିକି କୁହାଯାଇପାରେ – କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ (ଦୁଷ୍କର୍ମ, ନାରୀ ନିର୍ଯାତନା,ଲୋକପ୍ରତିନିଧିଙ୍କ ବିରୋଧରେ ମାମଲା ଇତ୍ୟାଦି) ତୁରନ୍ତ ନ୍ୟାୟ ପ୍ରଦାନ ନିମନ୍ତେ ୨୦୦୦ ମସିହାରେ ୧୧ତମ ଅର୍ଥ କମିଶନ ଫାଷ୍ଟଟ୍ରାକ୍ କୋର୍ଟ ଗଠନ ପାଇଁ ପରାମର୍ଶ ଦେଇଥିଲେ ଏବଂ ସେଥି ନିମନ୍ତେ ଅର୍ଥ ବରାଦ କରିଥିଲେ । ଏହି ଅଦାଲତରେ ଧାର୍ଯ୍ୟ ସମୟରେ ନ୍ୟାୟ ପ୍ରଦାନ କରାଯାଇଥାଏ । ଆମ ଦେଶରେ ବର୍ତ୍ତମାନ ସମସ୍ତ ଅଦାଲତରେ ମିଶି ବିଚାରାଧୀନ ମାମଲାର ସଂଖ୍ୟା ହେଉଛି ପ୍ରାୟ ୫ କୋଟି ୬୬ ଲକ୍ଷ– ସୁପ୍ରିମକୋର୍ଟ ୯୬ ହଜାର, ହାଇକୋର୍ଟ ୬୫ ଲକ୍ଷ,ନିମ୍ନ ଅଦାଲତ ୫ କୋଟି । ତେଣୁ ଏହି ବ୍ୟବସ୍ଥାରେ ତୁରନ୍ତ ନ୍ୟାୟ ଆଶା କରିବା ନିରର୍ଥକ । ଏହି ଫାଷ୍ଟଟ୍ରାକ ଅଦାଲତରେ ପ୍ରଶ୍ନପତ୍ର ଲିକ ମାମଲାର ବିଚାର ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଫାଷ୍ଟଟ୍ରାକ ଅଦାଲତର କାର୍ଯ୍ୟଧାରା ସଂପର୍କରେ ଅବଗତ ହେବା ପାଇଁ ଚଳିତ ବର୍ଷର ଗୋଟିଏ ମାମଲା ଅନୁଶୀଳନ କରିବା । ମହାରାଷ୍ଟ୍ରରେ ଅବସ୍ଥିତ ନରସାପୁର ଗ୍ରାମର ଭୀମରାଓ କାମ୍ବଲେ ନାମକ ଜଣେ ବ୍ୟକ୍ତି ୨୦୨୬ ମସିହା ମେ ମାସ ୧ ତାରିଖରେ ତିନି ବର୍ଷର ଗୋଟିଏ ଶିଶୁ କନ୍ୟାକୁ ଗୁହାଳକୁ ଡାକି ଯୌନ ନିର୍ଯାତନା ପରେ ହତ୍ୟା କରିଛି । ପୋଲିସ ତଦନ୍ତ ପରେ ଏହି ସ୍ୱତନ୍ତ୍ର ଅଦାଲତରେ ବିଚାର ଆରମ୍ଭ ହୋଇଛି । ମେ ମାସ ୨୮ ତାରିଖରେ ଅଦାଲତରେ ଭୀମରାଓ କାମ୍ବଲେକୁ ଦୋଷୀ ସାବ୍ୟସ୍ତ ହେବା ପରେ ବିଚାର ଆରମ୍ଭ ହୋଇଛି । ଜୁନ ମାସ ୨୯ ତାରିଖରେ ଅଦାଲତ ଦୋଷୀକୁ ମୃତ୍ୟୁଦଣ୍ଡ ଘୋଷଣା କରିଛନ୍ତି । ମାତ୍ର ୫୯ ଦିନ ଭିତରେ ମାମଲା ସମାପ୍ତ ହୋଇଛି ।

ଏବେ ଆନ୍ଦୋଳନକୁ ଆସିବା । ଚଳିତ ବର୍ଷ ଜୁନ ୬ ତାରିଖରେ ନିଟ୍ ପ୍ରଶ୍ନ ପତ୍ର ଲିକ୍‌କୁ କେନ୍ଦ୍ର କରି ନବଗଠିତ କକ୍ରୋଚ ଜନତା ପାର୍ଟି ତରଫରୁ ଦିଲ୍ଲୀର ଯନ୍ତରମନ୍ତର ଠାରେ ବିଭିନ୍ନ ଦାବୀ ନେଇ ପ୍ରତିବାଦ ଆରମ୍ଭ ହେଲା । ଏହାର ପ୍ରାୟ ତିନି ସପ୍ତାହ ପରେ ଜୁନ୍ ୨୮ ତାରିଖରେ ଲଦାଖର ପରିବେଶ ବିଜ୍ଞାନୀ ସୋନମ୍ ଓ୍ୟାଙ୍ଗଚୁକ୍ ଏହି ଆନ୍ଦୋଳନରେ ସାମିଲ ହୋଇଗଲେ । ଶିକ୍ଷା ସଂସ୍କାର, ବୈଷୟିକ ନବସୃଜନ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ସୋନମ୍ ଓ୍ୟାଙ୍ଗଚୁକ୍ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କର ‘ଆଇସ୍ ସ୍ତୁପ ପ୍ରକଳ୍ପ’ ହେଉଛି ଲଦାଖରେ ଏକ ଅଭିନବ ପ୍ରୟୋଗ । ୨୦୧୮ ମସିହାରେ ରମନ୍ ମେଗାସେସେ ପୁରସ୍କାର ସମେତ ସେ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଏହିଭଳି ଜଣେ ଖ୍ୟାତିସଂପନ୍ନ ବ୍ୟକ୍ତି ଆନ୍ଦୋଳନରେ ଅନିର୍ଦ୍ଦିଷ୍ଟ କାଳ ଅନଶନ ଆରମ୍ଭ କରିବା ପରେ ଆନ୍ଦୋଳନ ବ୍ୟାପକ ରୂପ ନେଇଥିଲା । କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ପ୍ରଶ୍ନପତ୍ର ଲିକ୍‌ରେ ସଂପୃକ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଏବଂ ଶିକ୍ଷା କ୍ଷେତ୍ରରେ ସଂସ୍କାର ତାଙ୍କ ଦାବି ଥିଲା । ସୋନମ୍ ଓ୍ୟାଙ୍ଗଚୁକ୍‌ଙ୍କ ପ୍ରମୁଖ ଦାବିସମୂହ (କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ବ୍ୟତୀତ) ସରକାର ମାନିନେବା ଫଳରେ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ଏବଂ ଜିତେନ୍ଦ୍ର ସିଂହଙ୍କ ଉପସ୍ଥିତିରେ ଜୁଲାଇ ୨୪ ତାରିଖରେ ସେ ଅନଶନ ଭଙ୍ଗ କରିବା ସହିତ ଆନ୍ଦୋଳନରୁ ଅବ୍ୟାହତି ନେଇଛନ୍ତି । ସେହି ସମୟରେ ସେ ଘୋଷଣା କରିଛନ୍ତି – ବର୍ତ୍ତମାନ ଆନ୍ଦୋଳନ ଆଉ ଛାତ୍ରସମାଜ ମଧ୍ୟରେ ସୀମିତ ନ ରହି ଦଳୀୟ ରାଜନୈତିକ ସ୍ୱାର୍ଥ ସହିତ ଯୋଡ଼ି ହୋଇ ହିଂସାତ୍ମକ ମାର୍ଗରେ ଯାଉଥିବାରୁ ଏବଂ ସରକାର ପାର୍ଲାମେଣ୍ଟରେ ଏ ସଂପର୍କରେ ଆଲୋଚନା କରିବାକୁ ସମ୍ମତି ପ୍ରଦାନ କରିବାରୁ ସେ ଆନ୍ଦୋଳନରୁ ଓହରି ଯାଉଛନ୍ତି । ସେହି ଦିନ କେନ୍ଦ୍ର ସରକାର କେନ୍ଦ୍ର ଶିକ୍ଷା ସଚିବଙ୍କୁ ଅନ୍ୟ ବିଭାଗକୁ ବଦଳି କରି ଦେଇଥିଲେ ।

> **ଏହାର ପ୍ରାୟ ତିନି ସପ୍ତାହ ପରେ ଜୁନ୍ ୨୮ ତାରିଖରେ ଲଦାଖର ପରିବେଶ ବିଜ୍ଞାନୀ ସୋନମ୍ ଓ୍ୟାଙ୍ଗଚୁକ୍ ଏହି ଆନ୍ଦୋଳନରେ ସାମିଲ ହୋଇଗଲେ । ଶିକ୍ଷା ସଂସ୍କାର, ବୈଷୟିକ ନବସୃଜନ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ସୋନମ୍ ଓ୍ୟାଙ୍ଗଚୁକ୍ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କର ‘ଆଇସ୍ ସ୍ତୁପ ପ୍ରକଳ୍ପ’ ହେଉଛି ଲଦାଖରେ ଏକ ଅଭିନବ ପ୍ରୟୋଗ । ୨୦୧୮ ମସିହାରେ ରମନ୍ ମେଗାସେସେ ପୁରସ୍କାର ସମେତ ସେ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।**

ଏବେ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ଆସିବା । ଯୁବ ପିଢ଼ି ପାଇଁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା କେବଳ ଗୋଟିଏ ଦିନର ଘଟଣା ନୁହେଁ । ଏହା ହେଉଛି ଶୈଶବର ସ୍ୱପ୍ନ, ପରିବାରର ବିଶ୍ୱାସ ଏବଂ ଅସୁମାରୀ ସ୍ୱପ୍ନ ଆଖିରେ ଧରି ଆଗକୁ ବଢ଼ିବାର ପ୍ରଲମ୍ବିତ ମୁହୂର୍ତ୍ତ । ତେଣୁ ପ୍ରଶ୍ନପତ୍ର ଲିକ୍ ଫଳରେ ଯେତେବେଳେ ପରୀକ୍ଷା ବାତିଲ ହୁଏ, ସେତେବେଳେ ବ୍ୟବସ୍ଥା ଉପରୁ ଆସ୍ଥା ତୁଟିଯାଏ, ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ଏବଂ ସେହି ମୁହୂର୍ତ୍ତ ପର୍ଯ୍ୟନ୍ତ ଆସିବା ପାଇଁ ଯେଉଁ ଧୈର୍ଯ୍ୟ ଏବଂ ସାମର୍ଥ୍ୟ ଥାଏ ତାହା ମଧ୍ୟ ଧୂଳିସାତ ହୋଇଯାଏ । କେତେ ସଂଚୟ, କେତେ ଋଣ ପାଣିରେ ଧୋଇଯାଏ । ତେଣୁ ଯୁବପିଢ଼ିର ଅନ୍ତରରେ କ୍ଷୋଭ ସୃଷ୍ଟି ହେବା ସ୍ୱାଭାବିକ, ପ୍ରତିବାଦ କରିବା ମଧ୍ୟ ସ୍ୱାଭାବିକ । କିନ୍ତୁ ଏହି ଧାରଣା ଓ ପ୍ରତିବାଦକୁ ଯେତେବେଳେ ରାଜନୈତିକ ଦଳଗୁଡ଼ିକ ନ୍ୟସ୍ତ ସ୍ୱାର୍ଥ ଉଦ୍ଦେଶ୍ୟରେ ଅପହରଣ କରିନିଅନ୍ତି, ସେତେବେଳେ ଅସଲ ଉଦ୍ଦେଶ୍ୟ ପରାହତ ହୁଏ, ପ୍ରତିବାଦ ବାଟବଣା ହୋଇଯାଏ । ଏହି ଆନ୍ଦୋଳନ ମଧ୍ୟ ସେହି ରୂପ ନେଇଛି । ଛାତ୍ରମାନଙ୍କୁ ସମର୍ଥନ ଦେବା ସ୍ୱାଭାବିକ ଘଟଣା, କିନ୍ତୁ ସେଥିରୁ ରାଜନୈତିକ ସୁବିଧା ହାସଲ କରିବା ଭିନ୍ନ ପ୍ରସଙ୍ଗ ।

ଏହି ଆନ୍ଦୋଳନରେ ତିନୋଟି ପକ୍ଷ ରହିଛନ୍ତି: ଛାତ୍ର ସମାଜ, ସରକାର ଏବଂ ବିରୋଧୀ ଦଳ । ଛାତ୍ରସମାଜର ଦାବି ପୂର୍ଣ୍ଣମାତ୍ରାରେ ନ୍ୟାୟସଙ୍ଗତ– ସେମାନେ ଚାହାନ୍ତି ନିରପେକ୍ଷ ଓ ସ୍ୱଚ୍ଛ ପରୀକ୍ଷା ପରିଚାଳନା ଏବଂ ସଚ୍ଚୋଟ, ନୀତିଗତ ଉତ୍ତରଦାୟିତ୍ୱ । ଦ୍ୱିତୀୟ ପକ୍ଷ ହେଉଛନ୍ତି ସରକାର– ଯାହାଙ୍କ କାର୍ଯ୍ୟଧାରା ଏପର୍ଯ୍ୟନ୍ତ ସ୍ପଷ୍ଟ ରହିଛି । ପ୍ରଶ୍ନପତ୍ର ଲିକ୍ ଘଟଣା ସାମନାକୁ ଆସିବା ପରେ ପରୀକ୍ଷା ବାତିଲ ହୋଇଛି । ଲିକ୍‌ରେ ସଂପୃକ୍ତ କିଛି ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଶିକ୍ଷାମନ୍ତ୍ରୀ ସେହି ସମୟରେ କହିଥିଲେ ଏବଂ ଏବେ ମଧ୍ୟ ଦୋହରାଉଛନ୍ତି– ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି ଏବଂ ସେହି ଆଧାରରେ ପୁନଃ ପରୀକ୍ଷା ଆୟୋଜନ କରାଯାଇଛି । ତ୍ୱରିତ ନ୍ୟାୟ ପାଇଁ ଫାଷ୍ଟଟ୍ରାକ କୋର୍ଟରେ ବିଚାର ହେବା ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ତୃତୀୟ ପକ୍ଷ ସଂପର୍କରେ ଛାତ୍ର ସମାଜ ସଜାଗ ରହିବା ଦରକାର ଯେଉଁମାନେ ହେଉଛନ୍ତି ରାଜନୈତିକ ସୁବିଧାବାଦୀ । ଯେଉଁ ସମୟରେ ଆନ୍ଦୋଳନ ଦିଗହରା ହୋଇ ରାଜନୀତିର କେନ୍ଦ୍ର ପାଲଟିଗଲା, ସେହି ସମୟରେ ସୋନମ୍ ଓ୍ୟାଙ୍ଗଚୁକ୍ ଏହି ଆନ୍ଦୋଳନରୁ ଓହରି ଯାଇଛନ୍ତି । ଆନ୍ଦୋଳନର ସୂତ୍ରପାତ ସମୟରେ ଦାବି ଥିଲା–ପ୍ରଶ୍ନପତ୍ର ଲିକ୍ ସମସ୍ୟାର ସମାଧାନ ଏବଂ ଦୋଷୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ । ପରେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଉଠିଲା । ତାହାପରେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଏବଂ ତାହା ପରେ ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିଦେବା ପାଇଁ ଆହ୍ୱାନ । ଏହା ସ୍ପଷ୍ଟ ହେବା ଆବଶ୍ୟକ– ପ୍ରଶ୍ନପତ୍ର ଲିକ୍ ହେଉଛି ପ୍ରତିଷ୍ଠାନଗତ ବିଫଳତା, ଯାହାର ସଂଶୋଧନ ଓ ସମାଧାନ ଆବଶ୍ୟକ । କିନ୍ତୁ ସରକାରୀ ବ୍ୟବସ୍ଥାରେ ଅରାଜକତା ସୃଷ୍ଟି କରିବା ହେଉଛି ହୀନ ରାଜନୈତିକ ଆଭିମୁଖ୍ୟ । ଏହି ଦୁଇଟି ବିଷୟ ମୌଳିକ ଭାବେ ସଂପୂର୍ଣ୍ଣ ଭିନ୍ନ ।

ପ୍ରଶ୍ନପତ୍ର ଲିକ୍‌ର ତଦନ୍ତ ଓ ବିଚାର ବ୍ୟବସ୍ଥାକୁ ଆସିବା । ଇଣ୍ଡିଆନ ଏକ୍ସପ୍ରେସ୍‌ରେ ଜୁନ୍ ୫ ତାରିଖରେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟରେ ଉଲ୍ଲେଖ ଅଛି – ୨୦୦୨ରୁ ୨୦୨୫ ମସିହା ମଧ୍ୟରେ ଘଟିଥିବା ୪୫ଟି ବଡ଼ ପ୍ରଶ୍ନପତ୍ର ଲିକ୍ ଘଟଣାରେ , ଯେଉଁଥିରେ ଏକ ଲକ୍ଷରୁ ଅଧିକ ଆବେଦନକାରୀ ପ୍ରଭାବିତ ହୋଇଛନ୍ତି, ମାତ୍ର ଦୁଇଟି ମାମଲାରେ ଦୋଷୀଙ୍କୁ ଦଣ୍ଡାଦେଶ ହୋଇଛି । ଏହା ସ୍ପଷ୍ଟ , ଆଇନର ଦ୍ୱାର ଖୋଲା ରହିଛି କିମ୍ବା ତଦନ୍ତ ସଂସ୍ଥାର କାର୍ଯ୍ୟଧାରା ସନ୍ତୋଷଜନକ ନୁହେଁ । ପ୍ରଶ୍ନପତ୍ର ଲିକ ରୋକିବା ଏବଂ ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ କରିବା ନିମନ୍ତେ ୨୦୨୪ ମସିହାରେ ସରକାର ଏକ ଆଇନ ପ୍ରଣୟନ କରିଥିଲେ – Public Examinations (Prevention of Unfair Means) Act, 2024, ଯାହା ୨୧ଜୁନ ୨୦୨୪ ମସିହାରୁ ଲାଗୁ ହେଲା । କିନ୍ତୁ ଯାହା ମନେ ହେଉଛି, ଏ ଆଇନର ହାତ ହୁଏତ ଦୁର୍ବଳ ଥିବାରୁ ଅପରାଧୀ ଖସିଯିବା ପାଇଁ ରାସ୍ତା ପରିଷ୍କାର କରିପାରୁଛନ୍ତି । ତେଣୁ ୨୦୨୬ ମସିହା ଜୁଲାଇ ୨୪ ତାରିଖରେ କେନ୍ଦ୍ର କାବିନେଟରେ ଏହି ଆଇନରେ ସଂଶୋଧନ ଆଣିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏଥିରେ ଦୋଷୀକୁ ୧୦ କୋଟି ଟଙ୍କା ଜୋରିମାନା ଓ ଦଶ ବର୍ଷ ଜେଲର ବ୍ୟବସ୍ଥା ରହିଛି ।

ଏହି ବିଲ୍ ଚଳିତ ଅଧିବେଶନରେ ଆଗତ ହେବ । ଏଥି ସହିତ ସରକାର ୨୪ ଜୁଲାଇରେ ନାସନାଲ ଟେଷ୍ଟିଂ ଏଜେନ୍ସିର ୪୭ ଜଣ ଅଧିକାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ବରଖାସ୍ତ କରିଛନ୍ତି । ସୁପ୍ରିମକୋର୍ଟରେ ଏହି ପ୍ରସଙ୍ଗରେ ଚାଲିଥିବା ଶୁଣାଣୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ – ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରଶ୍ନପତ୍ର ପ୍ରିଣ୍ଟିଂ ଓ ପରିବହନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ । ଗତ ପରୀକ୍ଷାରେ ବାୟୁସେନାକୁ ପ୍ରଶ୍ନପତ୍ର ପରିବହନରେ ନିୟୋଜିତ କରାଯାଇଥିଲା । ତାହା ଥିଲା ଏକ ଅସ୍ଥାୟୀ ପଦକ୍ଷେପ । ସେ ଦିଗରେ ସରକାର ଯତ୍ନବାନ ହେବା ଅତ୍ୟନ୍ତ ଆବଶ୍ୟକ । ସରକାରଙ୍କ ଆଭିମୁଖ୍ୟ ନେଇ ସନ୍ଦେହ କରିବାର ସାମାନ୍ୟତମ ଅବକାଶ ନାହିଁ କିନ୍ତୁ ଏହି ପ୍ରଲମ୍ବିତ ଆନ୍ଦୋଳନ ମାଧ୍ୟମରେ ରାଜନୈତିକ ଦଳ ଛାତ୍ରସମାଜକୁ ସ୍ୱାର୍ଥ ସାଧନର ଢାଲ ଭାବେ ବ୍ୟବହାର ନ କରନ୍ତୁ ।

**ଭଦ୍ରାଣୀ, ସାଳନ୍ଦୀ ନଗର,**
**ଭଦ୍ରକ,ମୋ–୯୪୩୭୧ ୯୧୩୫୦**
email-saiabhay19@gmail.com

# ବଡ଼ଦାଣ୍ଡରେ ଜୀବ ଓ ପରମ



ମନୋରଂଜନ ମହାନ୍ତି

ଜୀବର ଆବେଦନ, ହୃଦୟର ଆବାହନର ଫଳ ହେଉଛି ରତ୍ନବେଦୀରୁ ପରମର ଅବତରଣ, ବଡ଼ଦାଣ୍ଡକୁ ଆଗମନ । ଅବତରଣ, ଆଗମନର ମୁହୂର୍ତ୍ତଗୁଡ଼ିକ ଅପ୍ରକାଶ୍ୟ, କେବଳ ଅନୁଭବ୍ୟ । ଦିବ୍ୟତ୍ୱରେ ପୂର୍ଣ୍ଣ ହୋଇଯାଏ ପଞ୍ଚଭୂତ । ବ୍ୟୋମରୁ ଝରିପଡ଼େ ବରାଭୟର ବିଭୂତି, ବାୟୁମଣ୍ଡଳ ସୁରଭିତ ହୁଏ ସକଳ ସକାରାତ୍ମକ ଶକ୍ତିର ସୁଗନ୍ଧରେ, ଭୂଭାଗରେ ଦୃଶ୍ୟ ହୁଏ ପୁଲକପ୍ଲାବିତ ଅଗଣିତ ନେତ୍ର, ପାରାବାରର ଜଳମଣ୍ଡଳରେ ଆଶିଷର ଅସଂଖ୍ୟ ଜୁଆର । ଜୀବର ଭକ୍ତିଭରା ମନୋମଣ୍ଡଳ ଉତ୍ତୋଳିତ ହୋଇଯାଏ ଅମୃତର ଊର୍ଦ୍ଧ୍ୱତମ ସୋପାନକୁ । କ୍ଷିତି, ଅପ୍, ତେଜ, ବ୍ୟୋମ, ମରୁତର ଉଲ୍ଲାସମୟ ଉତ୍ତରଣ ସତରେ ଅପୂର୍ବ, ଅନିର୍ବଚନୀୟ ।

ଚତୁର୍ଦ୍ଧାମୂର୍ତ୍ତିଙ୍କର ମଧୁର ଯାତ୍ରା ଭକ୍ତକୁଳର ମନୋଲୋଭା, ଏକ ବୈଶ୍ୱିକ, ବ୍ରହ୍ମାଣ୍ଡୀୟ ଶୋଭା ଏବଂ ମାନବ–ସମୁଦାୟର ବିପୁଳ ଜୀବନୀଶକ୍ତିର ସମନ୍ୱିତ ଆଭା । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରାଙ୍କ ରଥତ୍ରୟ ସତେ ଯେମିତି ଆହ୍ୱାନ ଦେଉଛି ଐଶୀଶକ୍ତିର ଅନ୍ତହୀନ ସ୍ରୋତରେ ହାର୍ଦ୍ଦିକ ସ୍ନାନ, ଆତ୍ମିକ ଅବଗାହନ ନିମିତ୍ତ । ଜଳ, ସ୍ଥଳ, ଆକାଶର ଅମାପ ପରିସର ଭଳି ମଣିଷର ଜୀବନ ଅମାପ । ମଣିଷର ଅନ୍ତଃକରଣ ଅନନ୍ତ ଶକ୍ତିର ଉଜ୍ଜ୍ୱଳ ଉତ୍ସ । ପରମ ପୁରୁଷଙ୍କ ଜାଗତିକ ଐଶ୍ୱର୍ଯ୍ୟକୁ ଉପଲବ୍ଧି କରିବା ପାଇଁ ମଣିଷର ହୃଦୟଟିଏ ଅଛି ।

ବଡ଼ଦାଣ୍ଡରେ ଏବେବି ଭକ୍ତମାନେ ଖୋଜନ୍ତି ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସଙ୍କୁ, ଯାହାଙ୍କ ହୃଦୟରୁ ଦିନେ ଝରିଆସିଥିଲା, ‘ଯୋହି ରାମ ସୋୟି ଜଗଦୀଶା, ତୁଳସୀ, ୟହ ତନୁ କ୍ଷେତ ହୟ / ମନ ବଚ କର୍ମ କିଷାନ୍ / ପାପ ପୁଣ୍ୟ ଦୁଇ ବୀଜ ହୟ ।’ ସନ୍ଥ କବୀର ଦାସଙ୍କ ହୃଦୟରେ ଦିନେ ଝଙ୍କାର ତୋଳିଥିଲା ଅମୃତମୟ ଶବ୍ଦ କେତୋଟି, ‘କବୀରା, ସୋୟି ପୀର୍ ହୟ ଯୋ ଜାନେ ପର୍ ପୀର୍ ।’ ଗୁରୁ ନାନକଙ୍କ ହୃଦୟରୁ ଉଦାତ୍ତ ସ୍ୱରରେ ସ୍ଫୁରିତ ହେଲା, ‘ନାନକ୍, ନାନ୍ହି ରହୋ ଯୈସେ ନାନ୍ ହି ଦୁବ୍ ।’

ଅତଏବ୍ ମଣିଷର ହୃଦୟଟିଏ ଅଛି ପରମ ପୁରୁଷଙ୍କ ସୂକ୍ଷ୍ମ ସତ୍ତାକୁ ଅନୁଭବ କରି ସତ୍ତା ସମକ୍ଷରେ ସ୍ୱୟଂ ସମର୍ପିତ ହୋଇଯିବା ପାଇଁ, ଶୁକ୍ଳକର୍ମ ନିର୍ବାହ ନିମିତ୍ତ ଶୁଦ୍ଧ ସଂକଳ୍ପ ଗ୍ରହଣ କରିବା ପାଇଁ, ବ୍ୟକ୍ତିସତ୍ତାକୁ ବିଶ୍ୱଜୀବନର ସମଗ୍ର ସତ୍ତା ସହିତ ସମ୍ମିଳିତ କରାଇ ସେବା, ସହାବସ୍ଥାନର ଅନ୍ତରଙ୍ଗ ସାଧନାରେ ଅଭିନିବିଷ୍ଟ ହବା ପାଇଁ । ଶ୍ରୀକ୍ଷେତ୍ରର ଶ୍ରୀସମ୍ପନ୍ନ ବଡ଼ଦାଣ୍ଡ ଆମକୁ ସେହି ସମର୍ପଣ, ସଂକଳ୍ପ, ସାଧନାର ସାତ୍ତ୍ୱିକ ସଂକେତ ଦେଉଛି କେବଳ ଦାରୁଭୂତ, ଲୀଳାମୟ ପୁରୁଷୋତ୍ତମଙ୍କ ନଅଦିନ ଯାତ୍ରାରେ ନୁହଁ, ଦୈନନ୍ଦିନ ଆମ ପାର୍ଥିବ ଜୀବନର ପ୍ରତି ମୁହୂର୍ତ୍ତ ଯାତ୍ରାରେ ।

ବଡ଼ଦାଣ୍ଡରେ ଭକ୍ତ ସ୍ମରଣ କରନ୍ତି ଶ୍ରୀଚୈତନ୍ୟଙ୍କ ଭକ୍ତିରସାଣିତ ଚିନ୍ତା ଚେତନା ଚରିତକୁ, ବିଷ୍ଣୁନାମ କୀର୍ତ୍ତନ କାଳରେ ଭକ୍ତିବିଭୋର ମୁହୂର୍ତ୍ତଗୁଡ଼ିକୁ । ଭକ୍ତର ମନୋଭୂମି ଆଚ୍ଛନ୍ନ ହୋଇଯାଏ ମାଧ୍ୱାଚାର୍ଯ୍ୟ, ସାୟଣାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ରାୟ ରାମାନନ୍ଦଙ୍କ ଅନ୍ତରର ଦିବ୍ୟ ଆନନ୍ଦ ପ୍ରାଚୁର୍ଯ୍ୟରେ । ବଡ଼ଦାଣ୍ଡରେ ସ୍ପଷ୍ଟ ଶୁଭୁଥାଏ ତନ୍ତ୍ର ସାଧନାର ତପସ୍ୱୀ, ଯୋଗ ସାଧନାର ଯାଜ୍ଞିକ, ଜ୍ଞାନ ସାଧନାର ଅଗ୍ନିହୋତ୍ରୀ, ପ୍ରେମ ସାଧନାର ପରମାର୍ଥୀ, ଋଷି ନିଗମାନନ୍ଦଙ୍କ ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମ ପ୍ରଚାରର ଉଦ୍‌ଘୋଷଣା ।

ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥଗୁଡ଼ିକ ବଡ଼ଦାଣ୍ଡରେ ଗଡ଼ି ଗଡ଼ି ଯାଉଥିଲାବେଳେ ଭକ୍ତମାନଙ୍କ କର୍ଣ୍ଣକୁହରରେ ସତେ ଯେମିତି କେହି କହିଦେଉଥାଏ ମହର୍ଷି ବାଲ୍ମୀକିଙ୍କ କରୁଣାର କାଳଜୟୀ ବାଣୀ (ମା ନିଷାଦ ପ୍ରତିଷ୍ଠାଂ ...) କିମ୍ବା ପରମ ପୁରୁଷଙ୍କ ସ୍ତୁତିପାଠ (ଆରାଧେୟ ଜଗନ୍ନାଥଃ ଇକ୍ଷ୍ୱାକୁ କୁଳ ଦୈବତମ୍), କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ବିନୟବ୍ୟଞ୍ଜିତ ଶବ୍ଦାବଳୀ (କରୌ ହରେର୍ମନ୍ଦିର ମାର୍ଜନାଦିଷୁ ...), ବିଲ୍ୱମଙ୍ଗଳଙ୍କ ପ୍ରାର୍ଥନା ‘ହେ ଦେବ, ହେ ଦୟିତ, ହେ ଭୁବନୈକ ବନ୍ଧୋ,’ ଜୟଦେବଙ୍କ କାନ୍ତ କୋମଳ ପଦଟିଏ ‘ପ୍ରଭୁ ତୁମେ ଦିନମଣି ମଣ୍ଡଳ ମଣ୍ଡନ’, ସାଲବେଗଙ୍କ ‘ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ’, ଉପେନ୍ଦ୍ର ଭଞ୍ଜଙ୍କ ସେ ‘କମ୍ଭୁକଟକ ରାଜା ନାମ ଜଗନ୍ନାଥ’, ଦୀନକୃଷ୍ଣଙ୍କ ‘ଯୁଗ ଯୁଗର ସାଥୀ ଅଭେଦ ତାର ପ୍ରୀତି ତା ଛନ୍ଦାଚରଣେ ମୁହିଁ ଦାସୀ / ମୋ ପ୍ରଭୁ ଜଗନ୍ନାଥ ସେ ଯେ କମଳାକାନ୍ତ ପୁରୁଷୋତ୍ତମ କ୍ଷେତ୍ରବାସୀ’, ସାତଲହଡ଼ି ମଠର ମହନ୍ତ, ଓଡ଼ିଆ ଭାଗବତକାର, ପୁଣ୍ୟଶ୍ଳୋକ ଜଗନ୍ନାଥ ଦାସଙ୍କ ଦୁଇଟି ଧାଡ଼ି ’ଯାହାର ନାହିଁ ଆଦି ଅନ୍ତ / ଧ୍ୟାନେ ଚିନ୍ତନ୍ତି ମୁନି ସନ୍ଥ ।’

ଯାହାର ଆଦି ନାହିଁ, ଅନ୍ତ ନାହିଁ, ଯିଏ ଅନାଦି, ଅନନ୍ତ, ଅକ୍ଷୟ, ଅଚ୍ୟୁତ, ଅବ୍ୟୟ ପୁରୁଷ, ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ, ମହୀମଣ୍ଡଳର ମହାନାୟକ, ବିଶ୍ୱଚିନ୍ତାମଣି ପରମ ପୁରୁଷ, ଯାହାଙ୍କୁ ମୁନି ସନ୍ଥମାନେ ଧ୍ୟାନରେ ଚିନ୍ତା କରନ୍ତି, ସେ ସ୍ୱୟଂ କଣ ଭକ୍ତ କାନରେ କହିଦିଅନ୍ତି କି ଏସବୁ କଥା ! ଏହିପରି ହିଁ ବୋଧ ହେଉଥାଏ ।

ରଥଗୁଡ଼ିକ ଘର୍ଘର ନାଦ କରି ଭକ୍ତମାନଙ୍କୁ ସତେ ଯେପରି କହୁଥାଆନ୍ତି, ତୁମ ପ୍ରତ୍ୟେକଙ୍କ ଜୀବନରେ କେତେ ଜ୍ୱାଳା, ଜଂଜାଳ, ଯନ୍ତ୍ରଣା ଭରି ରହିଛି । ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ଗାମ୍ଭୀର୍ଯ୍ୟର ସହିତ ଜୀବନ–ଯାତ୍ରାରେ ଅଗ୍ରସର ହୁଅ । ତୁମ ପ୍ରତ୍ୟେକଙ୍କ ଘର ଗୋଟିଏ ଗୋଟିଏ ଶ୍ରୀମନ୍ଦିର । ଘର ହେଉଛି ସକଳ ଜାଗତିକ ରମଣୀୟତାର ଘନୀଭୂତ ରୂପ । ଘର ଭିତର ପରିଷ୍କାର, ବାହାର ପରିଚ୍ଛନ୍ନ ରହୁ । ଘରେ ରହୁଥିବା ମଣିଷମାନଙ୍କର ଅନ୍ତଃକରଣ ପରିଷ୍କାର, ବାହ୍ୟ ଆବରଣ ପରିଚ୍ଛନ୍ନ ହେଉ । ଅର୍ଥାତ୍ ତୁମେ ଉଭୟ ଅନ୍ତରଙ୍ଗ ଓ ବହିରଙ୍ଗ ସୌନ୍ଦର୍ଯ୍ୟର ସାଧନାରେ ନିରତ ହୁଅ । ତୁମେ ଆଦର୍ଶ ଗୃହସ୍ଥ ହୁଅ । ଘରେ ଓ ବାହାରେ ବଡ଼ ସାନ ଜ୍ଞାନ ରହୁ, ବଡ଼ ଅର୍ଥାତ୍ ବରିଷ୍ଠମାନଙ୍କୁ ସମ୍ମାନ, ସାନ ଅର୍ଥାତ୍ କନିଷ୍ଠମାନଙ୍କୁ ଶ୍ରଦ୍ଧାର ଭାବ ରଖ । ପରସ୍ପରକୁ ଉର୍ଜା ବା ଶକ୍ତି ଯୋଗାଅ, ଜଣେ ତଳେ ପଡ଼ିଗଲେ ଆଉ ଜଣେ ତାକୁ ଉପରକୁ ଉଠାଇନିଅ, ଅର୍ଥାତ୍ ପରସ୍ପର ପ୍ରତି ସହାୟତାର ହାତ ବଢ଼ାଇଦିଅ । ପ୍ରତ୍ୟେକେ ହିତାହିତ ବିଚାର ରଖ, ଅର୍ଥାତ୍ ଯାହା ସମସ୍ତଙ୍କ ପାଇଁ ହିତ ତାହା କର, ଯାହା ଅହିତ ତାହା କର ନାହିଁ । ଘରେ ଯେଉଁ ଦେବ–ଆସନ ପ୍ରତିଷ୍ଠା କରିଛ ତାହା ନିତ୍ୟ ଆନନ୍ଦର ସ୍ୱରୂପ ବୋଲି ବୁଝ । ଅନ୍ତରରେ ପବିତ୍ରତାର ଉତ୍ତରଣ ହେଲେ, ଘରେ ଓ ବାହାରେ ଆନନ୍ଦର ଜାହ୍ନବୀ ପ୍ରବାହିତ ହେବ, ତାହାହିଁ ହେବ ଦେବ–ଆସନର ଯଥାର୍ଥ ପୂଜା । ଏତିକି ସ୍ମରଣ ରଖିଲେ ଘରଟି ରୂପାନ୍ତରିତ ହୋଇଯିବ ଗୋଟେ ଶ୍ରୀମନ୍ଦିରରେ । ପ୍ରତ୍ୟେକ ମଣିଷର ଜୀବନ–ରଥ ଗଡ଼ିଚାଲିବ ନିର୍ବିଘ୍ନରେ, ନିରାପଦରେ ।

ମହାତ୍ମାମାନେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି ନୀଳାଦ୍ରିବିହାରୀଙ୍କ ଦର୍ଶନ ନିମିତ୍ତ । ବଡ଼ଦାଣ୍ଡ କୋଳେଇ ନେଇଛି ସମସ୍ତଙ୍କୁ ଆଦରରେ, ଆନନ୍ଦରେ । ସେହି ଆଦର, ଆନନ୍ଦର ଆକର୍ଷଣରେ ଭକ୍ତକୁଳ ସବୁ କାଳରେ ଆସୁଛନ୍ତି ଶ୍ରୀକ୍ଷେତ୍ରକୁ, ସବୁଠି ଧ୍ୱନିତ ହେଉଛି ଗୋଟିଏ ସ୍ୱର ମୁଁ କ୍ଷେତ୍ର ଯିବି ... । ଶ୍ରୀକ୍ଷେତ୍ରରେ ନେତ କହୁଛି ମୁକ୍ତ ସମୀରଣର ମୃଦୁଳ କମ୍ପନକୁ ଅନୁଭବ କର, ମନ୍ଦିର କହୁଛି, ହୃଦୟରେ ମମତାର ଦ୍ୱାର ଉନ୍ମୁକ୍ତ କର, ଦିଅଁମାନେ କହୁଛନ୍ତି, ଦେବତ୍ୱରେ ଅଧିରୂଢ଼ ହୁଅ, ବାଇଶି ପାହାଚ କହୁଛି, ଆରୋହଣ, ଅବରୋହଣର ପ୍ରତିଟି ମୁହୂର୍ତ୍ତରେ ଜଗତ୍ ବା ବ୍ରହ୍ମାଣ୍ଡ ଈଶଙ୍କୁ ସ୍ମରଣ କର, ଆନନ୍ଦବଜାର କହୁଛି, ସାତ୍ତ୍ୱିକ ଖାଦ୍ୟରେ ଦିବ୍ୟ ଆନନ୍ଦର ଅମୃତକୁ ଆକଣ୍ଠ ପାନ କର, ଭକ୍ତ ଗରୁଡ଼, ଅରୁଣ କହୁଛନ୍ତି, ଜୀବନରେ ଭଗବତ୍ ଭାବ ବିଭବ ଅର୍ଜନ କର, ବଡ଼ଦାଣ୍ଡ କହୁଛି, ମନୋଭୂମିକୁ ପ୍ରଶସ୍ତ କରି ପୁରୁଷୋତ୍ତମଙ୍କୁ ସଂସ୍ଥାପନ କର, ରଥମାନେ କହୁଛନ୍ତି, ଐଶୀ ଚେତନାରେ ସ୍ଥିତ ହୋଇ ଜୀବନ ଓ ଜଗତ୍‌କୁ ରମଣୀୟ କର, ଜୀବନ–ଯାତ୍ରାକୁ ମଧୁମଂଜୁଳ କର, ସମୁଦ୍ର କହୁଛି, ମମତା ଓ ଦୟାର ସଲିଳରେ ହୃଦୟକୁ ସିକ୍ତ କର । ବଡ଼ଦାଣ୍ଡରେ ଜୀବ ଓ ପରମର ମିଳନ ବେଳାରେ ଭକ୍ତମାନଙ୍କ କର୍ଣ୍ଣରେ ଧ୍ୱନିତ ହେଉଛି ଏହି ଆହ୍ୱାନସବୁ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ–୯୮୫୩୨୮୨୯୬୨**

# ତେଲରେ ଅପମିଶ୍ରଣ ଅଭିଯୋଗ

ତିହିଡି,(ସବ୍ୟୁ):ତିହିଡି ବଜାରସ୍ଥିତ ଇଣ୍ଡିଆନ ଅଏଲର ଏକ ପେଟ୍ରୋଲ ପମ୍ପରେ ତେଲରେ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ପେଟ୍ରୋଲ ପମ୍ପ ସାମ୍ନାରେ ଶତାଧିକ ଗ୍ରାହକ ହୋହାଲ୍ଲା କରି ପମ୍ପ ବନ୍ଦ କରିଦେବା ପାଇଁ ଦାବି ଜଣାଇଛନ୍ତି । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ତିହିଡି ପୋଲିସ ଘଟଣା ସ୍ଥଳରେ ପହଂଚି ଉତ୍ତେଜିତ ଲୋକମାନଙ୍କୁ ବୁଝାସୁଝା କରିଥିଲେ । ଗ୍ରାହକମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ,ସେଠାରେ ତେଲରେ ଅପମିଶ୍ରଣ କରାଯାଉଛି । ଯାହା ଫଳରେ ସେମାନଙ୍କ ଗାଡ଼ି ଓ ବାଇକ ଅଚଳ ହୋଇ ଯାଉଛି । ଯାତ୍ରୀବାହୀ ଗାଡ଼ି ଓ ଅନ୍ୟ ୪ଚକିଆ ଯାନ ଅପମିଶ୍ରିତ ତେଲ ପାଇଁ ବିଭିନ୍ନ ସମସ୍ୟାରେ ପଡୁଥିବା କେତେକ ଗାଡ଼ି ମାଲିକ ଦର୍ଶାଇଥିଲେ । କେତେକ ଲୋକ ମଧ୍ୟ ଅପମିଶ୍ରିତ ତେଲ ଧରି ଟାଙ୍କିରେ ପହଂଚି ଯାଂଚ ପାଇଁ ଦାବି ଜଣାଇଥିଲେ । ତେବେ ଏହି ଉତ୍ତେଜନା ଖବରପାଇ ଟାଙ୍କି ମାଲିକ ମଧୁସ୍ମିତା ମଲିକ ଘଟଣାସ୍ଥଳରେ ପହଂଚି ଲୋକଙ୍କ ସହ ଆଲୋଚନା କରିବା ସହ ପମ୍ପରେ କୌଣସି ଅପମିଶ୍ରଣ କରାଯାଉନଥିବା କହିଥିଲେ । ତେବେ ଇଣ୍ଡିଆନ ଅଏଲ କର୍ତ୍ତୃପକ୍ଷ ତେଲ ନମୁନା ପରୀକ୍ଷା ପାଇଁ ନେଇଥିବା ବେଳେ ପମ୍ପ ବନ୍ଦ ଥିବା ଜଣାଯାଇଛି । ଏହି ଘଟଣାଟି ସମଗ୍ର ଅଂଚଳରେ ବେଶ ଚର୍ଚ୍ଚାର ବିଷୟ ସାଜିଛି ।

# ରଣପୁର ରଥଯାତ୍ରା : ସିଂହ ଦ୍ୱାରରେ ୩ ରଥ
## ଲକ୍ଷ୍ମୀ ନାରାୟଣ ଭେଟ ପରେ ବାହୁଡିଲେ ମହାବାହୁ




ରଣପୁର, (ସବ୍ୟୁ): ଓଡିଶାର ଦ୍ୱିତୀୟ ଶ୍ରୀ କ୍ଷେତ୍ର ରଣପୁର ରଥଯାତ୍ରାରେ ଆଜି ଲକ୍ଷ୍ମୀନାରାୟଣ ଭେଟ ସମ୍ପନ ହେବାସହ ତିନି ରଥ ସିଂହ ଦ୍ୱାର ନିକଟରେ ପହଞ୍ଚିଛି । ବାହୁଡା ଦିନ ବଳଭଦ୍ରଙ୍କ ତାଳଧ୍ୱଜ ରଥ ସିଂହଦ୍ୱାର ନିକଟରେ ପହଂଚିଥିବାବେଳେ ମା ସୁଭଦ୍ରାଙ୍କ ଦେବିଦଳନ ରଥ ଓ ମହାବାହୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ଅଟକି ରହିଥିଲା । ପବିତ୍ର ବଡ ଏକାଦଶୀରେ ରଥଟଣା ବନ୍ଦ ରହିଥିବା ବେଳେ , ପଟ୍ଟଂଦୋଳ ପଡ଼ିଆଠାରେ ଓଡିଶାର ପ୍ରତିଷ୍ଠିତ କଣ୍ଠ ଶିଳ୍ପୀମାନଙ୍କୁ ନେଇ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ରବିବାର ଦିନ ରଣପୁରରେ ଅପରାହ୍ନ ୧ଟାରେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳମାନେ ଟାଣିଥିଲେ । ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ଟଣାଯାଇଥିଲା । ଅପରାହ୍ନ ୫ ଟାରେ ନନ୍ଦିଘୋଷ ଦୋଳମଣ୍ଡପ ନିକଟରେ ଆସି ପହଚିଂଥିଲା । ପରେ ଏକ ସୁସଜ୍ଜିତ ବିମାନରେ ମନ୍ଦିରରୁ ମା ମହାଲକ୍ଷ୍ମୀ ଯାଇ ଜଗନ୍ନାଥଙ୍କ ରଥ ସମ୍ମୁଖରେ ପହଚିଂଥିଲେ । ରଥ ଚାରିପଟେ ନିରୀକ୍ଷଣ କଲାପରେ ସେଠାରେ ଆଳତି ଅନୁଷ୍ଠିତ ହୋଇଥିଲା । ପରେ ଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ମା ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ଗମନ କରିଥିଲେ । ଲକ୍ଷ୍ମୀ ନାରାୟଣଙ୍କର ଏହି ଭେଟ ନୀତି ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହେବାସହ ହରିବୋଲ ହୁଳହୁଳିରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ମହାଲକ୍ଷ୍ମୀ ମନ୍ଦିର ଆସି ଚାହାଣୀ ମଣ୍ଡପରେ ଉପସ୍ଥିତ ହୋଇଥିଲେ । ସେଠାରେ ଆଳତି ସମାପନ ପରେ ନନ୍ଦିଘୋଷ ସିଂହଦାର ନିକଟରେ ସନ୍ଧ୍ୟା ପ୍ରାୟ ୬ଟାରେ ଘ ଲାଗିଥିଲା । ଅଧର ପଣା ନୀତି ସଂମ୍ପନ୍ନ ପରେ ସକାଳ୧୦ଟାରେ ତିନି ଠାକୁରଙ୍କୁ ନିଳାଦ୍ରିବିଜେ କରାଯିବ ବୋଲି ମନ୍ଦିର ପ୍ରଶାସନ ଠାରୁ ଜଣାଯାଇଛି ।

# ବଡ଼ାଶ ଡାକ୍ତରଖାନାରେ ସ୍ୱାସ୍ଥ୍ୟକର୍ମୀ ନଥିବାରୁ

ବାଲେଶ୍ୱର, (ସବ୍ୟୁ): ବାଲିଆପାଳ ବ୍ଲକ୍ ବଡ଼ାଶ ପଞ୍ଚାୟତରେ ରହିଛି ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ୯ଟି ଗ୍ରାମର ପ୍ରାୟ ୧୦ ହଜାରୁ ଅଧିକ ଲୋକ ଏହି ଉପକ୍ରେନ୍ଦ ଉପରେ ନିର୍ଭର କରିଥାନ୍ତି । ମହିଳା ସ୍ୱାସ୍ଥ୍ୟକର୍ମୀ ଅନ୍ନପୂର୍ଣ୍ଣା କବାଟ ଗତ ମାର୍ଚ୍ଚ ୩୧ ତାରିଖ ଦିନ ଅବସର ନେବା ପରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉବେଶ ଦଣ୍ଡସେନା ଏହି କେନ୍ଦ୍ର ଦାୟିତ୍ୱ ତୁଲାଇଥିଲେ । ମାତ୍ର ତାଙ୍କର ବଦଳି ହୋଇଯିବା ପରେ ବଡ଼ାଶ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଫାଙ୍କା ପଡ଼ିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି । ଖାସ୍କରି ପ୍ରସୂତି, ନବଜାତ ଶିଶୁଙ୍କ ଟିକାକରଣ, ଗର୍ଭ କାଳୀନ ପଞ୍ଜୀକରଣ କାମ ହୋଇପାରୁନି । ଏନେଇ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଥିଲେ । ଏହାପରେ ନିଖିରା ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିଲା । ହେଲେ ୪ ମାସ ହେବାକୁ ବସିଲାଣି, କାହାରିକୁ ନିଯୁକ୍ତି ଦିଆଯାଇନାହିଁ ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି । ଯଦି ଦୁଇ ଦିନ ମଧ୍ୟରେ ଏଠାରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନ ହୁଏ ତାହାଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଫୁଲ୍ଲ ସାହୁ, ଜୟନ୍ତ ପରିଡା, ରବୀନ୍ଦ୍ର ସାହୁ, ଯଦୁନାଥ କର, ଭାଗିରଥ କର, ଗୌରିଶଙ୍କର ଦେ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏନେଇ ଡାକ୍ତରଖାନା ଅଧିକାରୀ ପ୍ରୀତମ ସାହୁ କହିଛନ୍ତି । ଜିଲ୍ଲାପାଳ ଓ ସିଡିଏମଓଙ୍କୁ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ଲିଖିତ ଭାବେ ଅବଗତ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ଗଭୀର...

ଉତ୍ତର-ପଶ୍ଚିମ ଆଡକୁ ଗତି କରୁଛି । ଏହା ପଶ୍ଚିମବଙ୍ଗର ସାଗରଦୀପ ଠାରୁ ୬୦ କିମି, ଦକ୍ଷିଣ-ପୂର୍ବ ଦିଘା ଠାରୁ ୮୦ କିମି ଓଡ଼ିଶାର ବାଲେଶ୍ୱରର ପୂର୍ବ-ଦକ୍ଷିଣ-ପୂର୍ବ ଦିଗରୁ ୧୩୦ କିମି ଦୂରରେ ରହିଥିଲା । କ୍ରମଶଃ ଏହା ଉତ୍ତର-ପଶ୍ଚିମ ଆଡକୁ ଗତି କରି ସୋମବାର ସକାଳ ସୁଦ୍ଧା ଗଭୀର ଅବପାତରେ ପରିଣତ ହେବ । ଏହା ଉତ୍ତର-ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ମଧ୍ୟରେ ଯଥା, ପାରାଦୀପ ଏବଂ ସାଗରଦ୍ୱୀପ ମଧ୍ୟରେ ସୋମବାର ଅପରାହ୍ଣ ସୁଦ୍ଧା ଅତିକ୍ରମ କରିବାର ସମ୍ଭାବନା ଅଛି ।

ଅବପାତ ପ୍ରଭାବରେ ଶନିବାର ବରଗଡ଼ରେ ୯୮.୮ ମିଲିମିଟର ବର୍ଷା ହୋଇଥିବା ବେଳେ ଅନୁଗୋଳରେ ୯୬ ମିମି , ଜଗତସିଂହପୁରରେ ୯୦.୪ ମିମି, ବଲାଙ୍ଗୀରରେ ୮୭ ମିମି, ସୁବର୍ଣ୍ଣପୁରରେ ୮୪ ମିମି, କେନ୍ଦ୍ରାପଡ଼ାରେ ୮୫ ମିମି, ବୌଦ୍ଧରେ ୭୨ ମିମି, ଚାନ୍ଦବାଲିରେ ୬୭.୯ ମିମି, ପୁରୀରେ ୬୪.୯ ମିମି, ଯାଜପୁରରେ ୫୮.୪ ମିମି, ଖୋର୍ଦ୍ଧାରେ ୪୩ ମିମି, ଦେବଗଡ଼ରେ ୪୬.୬.ମିମି, ସମ୍ବଲପୁରରେ ୩୬ ମିମି, ଫୁଲବାଣୀରେ ୩୫ ମିମି, ଭଦ୍ରକରେ ୨୮ ମିମି, ହୀରାକୁଦରେ ୨୯ ମିମି, ଟିଟିଲାଗଡ଼ରେ ୨୬ ମିମି, ଦାରିଙ୍ଗିବାଡିରେ ୩୦ ମିମି ବର୍ଷା ରେକର୍ଡ କରାଯାଇଛି । ରବିବାର ସନ୍ଧ୍ୟା ୫.୩୦ ସୁଦ୍ଧା କେନ୍ଦ୍ରାପଡ଼ାରେ ସର୍ବାଧିକ ୭୮ ମିମି, ବାଲେଶ୍ୱରରେ ୩୩.୮ ମିମି, କଟକରେ ୩୩.୧ ମିମି, ଯାଜପୁରରେ ୨୮.୬ ମିମି, ଚାନ୍ଦବାଲିରେ ୨୨ ମିମି, ବାରିପଦାରେ ୨୦ ମିମି, କୋରାପୁଟରେ ୧୮ ମିମି, ବୌଦ୍ଧରେ ୧୫ ମିମି ବର୍ଷା ହୋଇଥିବା ଜଣାପଡିଛି ।

ଗଭୀର ଅବପାତଟି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଦେଇ ଅତିକ୍ରମ କରୁଥିବାରୁ ଏହିସବୁ ଜିଲ୍ଲାରେ ଭାରି ବର୍ଷା ହୋଇପାରେ । ଏଥିପାଇଁ ଏହି ୩ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ବହୁ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ସେହିପରି ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଘଡଘଡି ସହ ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

୨୮ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ , ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାକୁଥିବା ବେଳେ ବାକି ଜିଲ୍ଲାରେ ବଡ଼ ବର୍ଷା ନଥିବା ସୂଚନା ଦିଆଯାଇଛି ।

## ଆଜି ମୟୂରଭଞ୍ଜ...

ନିର୍ଦ୍ଦେଶନାମା ଜାରି କରିଛନ୍ତି । ପିଲାମାନଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ସେହିପରି ଆସନ୍ତାକାଲି ଅର୍ଥାତ ୨୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ସମସ୍ତ ସ୍କୁଲ ଛୁଟି ମଧ୍ୟ ଘୋଷଣା କରାଯାଇଛି । ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ସହ ଉଚ୍ଚ ମାଧ୍ୟମିକ ସ୍କୁଲ ବନ୍ଦ ରହିବ । ଅବପାତ ପାଇଁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଜିଲ୍ଲାପାଳଙ୍କ ଏହି ନିଷ୍ପତ୍ତି ନେଇଛନ୍ତି ।

## ଅଧର ପଣା...

ଶ୍ରୀଜଗନ୍ନାଥ ପରମ୍ପରା ଅନୁଯାଇ ବିଗ୍ରହମାନେ ନିଳାଦ୍ରୀ ବିଜେ ପୂର୍ବ ଦିନ ରଥ ଚାରି ପଟେ ଥିବା ପାର୍ଶ୍ୱ ଦେବା ଦେବୀଙ୍କ ଶାନ୍ତି କରିବା ପାଇଁ ଅଧର ପଣା ଭୋଗ କରାଯାଏ । ଯାହାକୁ ପାଇ ଦେବା ଦେବୀ ଚଣ୍ଡି ଚାମୁଣ୍ଡା ମାନେ ମୁଖ୍ୟ ହୋଇ ଥାଆନ୍ତି । ମହାପ୍ରଭୁଙ୍କ ସେବକମାନେ ଏହି ପଣା ଭୋଗ ପ୍ରସ୍ତୁତ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ ଓଡ଼ିଆ ମଠର ସହଯୋଗରେ ଏହି ନୀତି ସମ୍ପନ୍ନ ହୋଇଥିଲା । ପାରମ୍ପରିକ କୁମ୍ଭକାରମାନେ ଏଥିପାଇଁ ମୋଟ ୯ଟି ଅଧର ହାଣ୍ଡି ପ୍ରସ୍ତୁତ କରିଥିଲେ । ରବିବାର ମଧ୍ୟାହ୍ନ ଧୂପ ନୀତି ପରେ ଅଧରପଣା ଭୋଗ ଅର୍ପଣ କରାଯାଇଥିଲା ଏବଂ ପରବର୍ତ୍ତୀ ନୀତିଗୁଡ଼ିକ ସମ୍ପନ୍ନ କରାଯାଇଥିଲା । ଆସନ୍ତା କାଲି ସୋମବାର ତ୍ରୟୋଦଶୀ ତିଥିରେ ବିଗ୍ରହମାନେ ରାତ୍ରୀରେ ଗୋଟି ପହଣ୍ଡି ରେ ନିଳାଦ୍ରୀ ବିଜେ କରିବେ ।

## ସ୍ୱର୍ଣ୍ଣ ଜିତିଲେ...

୨୦୧୦, ୨୦୧୪, ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ଜିତିଥିଲେ । ସେହିଭଳି ମହିଳା କୁସ୍ତିଯୋଦ୍ଧା ଭିନେସ୍ ଫୋଗତ ୨୦୧୪, ୨୦୧୮ ଏବଂ ୨୦୨୨ରେ ସ୍ୱର୍ଣ୍ଣ ଜିତିଥିଲେ । ସେ ୨୦୧୪ ଗ୍ଲାସଗୋ ସଂସ୍କରଣରେ ସ୍ୱର୍ଣ୍ଣ ଜିତି ଚର୍ଚ୍ଚାକୁ ଆସିଥିଲେ । ପୁଣି ଏହାର ୧୨ ବର୍ଷ ପରେ ଗ୍ଲାସଗୋରେ ହିଁ ସଫଳତା ଦୋହରାଇଛନ୍ତି । ସେତେବେଳେ ସେ ମୋଟ ୧୭୦ କେଜି ଭାର ଉଠାଇ ସ୍ୱର୍ଣ୍ଣ ଜିତିଥିଲେ । ପୁଣି ୨୦୧୮ ଗୋଲ୍ଡ କୋଷ୍ଟ ସଂସ୍କରଣରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ । ୨୦୨୨ ସଂସ୍କରଣରେ ସେ ଭାଗ ନେଇନଥିଲେ । ତେବେ ୨୦୨୬ ସଂସ୍କରଣରେ ପୁଣି ସ୍ୱର୍ଣ୍ଣ ସଫଳତା ଦୋହରାଇଛନ୍ତି । ଅଲିମ୍ପିକ୍ସରେ ରୌପ୍ୟ ଜିତିଥିବା ମୀରାବାଇ ଏବେ ସମ୍ପୂର୍ଣ୍ଣ ଲୟରେ ରହି ଦେଶ ପାଇଁ ସ୍ୱର୍ଣ୍ଣିମ ଗୌରବ ଆଣିଛନ୍ତି ।

## ବୀର ଯୋଦ୍ଧାଙ୍କୁ...

ନିଜ ଜୀବନର ବଳିଦାନ ଦେଇଥିବା ବୀର ଯୋଦ୍ଧାମାନଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି । ସେମାନଙ୍କର ଅତୁଳନୀୟ ବୀରତ୍ୱ, ଅଟଳ ସଂକଳ୍ପ ଏବଂ ଅତୁଳନୀୟ ଦେଶପ୍ରେମ ଆମ ସେନାର ଗୌରବମୟ ପରମ୍ପରାର ଅନୁକରଣୀୟ ଉଦାହରଣ । ଦେଶ ସର୍ବଦା ସେମାନଙ୍କ ନିକଟରେ ଋଣୀ ରହିବ । ସେହି ସାହସୀ ଯୋଦ୍ଧାମାନଙ୍କ ବୀରତ୍ୱର ଗାଥା ନୂଆ ପିଢ଼ିଙ୍କୁ ଜାତୀୟ ସେବା ଏବଂ କର୍ତ୍ତବ୍ୟ ନିଷ୍ଠାର ପଥ ଅନୁସରଣ କରିବାକୁ ପ୍ରେରଣା ଦେଇ ଚାଲିବ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଗିଲ ଦିବସରେ ଲେଖିଛନ୍ତି, କାର୍ଗିଲ ବିଜୟ ଦିବସରେ , ଆମର ଦେଶ ଆମର ସାହସୀ ସୈନିକମାନଙ୍କୁ ସେମାନଙ୍କର ଅସାଧାରଣ ସାହସ ଏବଂ ଭାରତର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଉଛି । ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ ସେମାନଙ୍କର ବୀରତ୍ୱ ସର୍ବଦା ଜାତୀୟ ଗର୍ବର ଉତ୍ସ ହୋଇ ରହିବ । ସେମାନଙ୍କର ଅଟଳ ଦେଶପ୍ରେମ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପିଢ଼ିଙ୍କୁ ପ୍ରେରଣା ଦେଇ ଚାଲିବ ।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭାରତୀୟ ସେନାର ବୀରତ୍ୱ ଉପରେ ଲେଖିଛନ୍ତି, କାର୍ଗିଲ ବିଜୟ ଦିବସ ଭାରତୀୟ ସେନାର ଅଦମ୍ୟ ସାହସ ଏବଂ ଅସାଧାରଣ ବୀରତ୍ୱର ପ୍ରତୀକ । ୧୯୯୯ ମସିହାରେ, ହିମାଳୟର ଦୁର୍ଗମ ବରଫ ଆଚ୍ଛାଦିତ ଶିଖରରେ ଥିବା ଶତ୍ରୁଙ୍କ ଦୃଢ଼ ସ୍ଥିତି ଏବଂ କଷ୍ଟକର ପରିସ୍ଥିତି ସତ୍ତ୍ୱେ, ଆମର ବୀର ସୈନିକମାନେ ଅପରେସନ୍ ବିଜୟ ମାଧ୍ୟମରେ ଶତ୍ରୁଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲେ । କାର୍ଗିଲ ବିଜୟ ଦିବସରେ, ମୁଁ ରାଷ୍ଟ୍ରର ଅଖଣ୍ଡତା ବଜାୟ ରଖିବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସେହି ସମସ୍ତ ସାହସୀ ପୁଅମାନଙ୍କୁ ମନେ ପକାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।କାର୍ଗିଲ ଦିବସରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦ୍ରାସରେ କାର୍ଗିଲ ବିଜୟ ଦିବସ ପୂର୍ବ ସନ୍ଧ୍ୟାରେ ଆୟୋଜିତ 'ଶୌର୍ଯ୍ୟ ସନ୍ଧ୍ୟା'ରେ ଯୋଗ ଦେଇ ରବିବାର କାର୍ଗିଲ ଯୁଦ୍ଧ ସ୍ମାରକୀରେ ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, କାର୍ଗିଲ ବିଜୟ ଦିବସ ଅବସରରେ, ମୁଁ ଆମ ମାତୃଭୂମିର ରକ୍ଷା ପାଇଁ ନିଜ ଜୀବନ ବଳିଦାନ ଦେଇଥିବା ସମସ୍ତ ସାହସୀ ସୈନିକଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି । ୧୯୯୯ ମସିହାରେ କାର୍ଗିଲର ଦୁର୍ଗମ ଅଞ୍ଚଳରେ ଅସାଧାରଣ ସାହସ ପ୍ରଦର୍ଶନ କରିଥିବା ସମସ୍ତ ସାହସୀ ସୈନିକଙ୍କ ପ୍ରତି ଦେଶ ସର୍ବଦା କୃତଜ୍ଞ ଏବଂ ଋଣୀ ରହିବ । ଭାରତୀୟ ସେନାର ଅଦମ୍ୟ ସାହସ, ତ୍ୟାଗ ଏବଂ ଅଟଳ ସଂକଳ୍ପ ଆଗାମୀ ପିଢ଼ିକୁ ଦେଶପ୍ରେମ, କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ ମାତୃଭୂମି ପାଇଁ ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରେରଣା ଦେଇ ଚାଲିବ ।

# ବାଟବଣା ହେଲା ସାଢେ ତିନି କୋଟିର ପ୍ରକଳ୍ପ
## ହେଉନି ଜଳ ନିଷ୍କାସନ : ଚାଷ ଜମିର ୮ ଫୁଟର ପାଣି

ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ତାମିଲ ସୁଆଁ ଠାରେ ଗମେଇ ନଦୀର ଜଳ ନିଷ୍କାସନ ମାର୍ଚ୍ଚ ମାସରେ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କା ବ୍ୟୟରେ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ବାଟବଣା ହୋଇଯାଇଛି । ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଓ ଦିକ୍ଷିତବିନ୍ଧା ଗ୍ରାମର ଚାଷ ଜମିର ଆଠ ଫୁଟ ଉଚ୍ଚରେ ଜଳ ଜମିରହିଛି । ଲଘୁଚାପ ଜନିତ ବର୍ଷା ଯୋଗୁଁ ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଖସୁଛି ଉପର ମୁଣ୍ଡର ବର୍ଷା ପାଣି । ତଳ ମୁଣ୍ଡରେ ବନ୍ୟା ସୃଷ୍ଟି ହୋଇଛି । ଚାଷ ଜମିର ଆଠ ଦଶ ଫୁଟ ଉଚ୍ଚତାରେ ବନ୍ୟା ପାଣି ଲହରୀ ଭାଙ୍ଗୁଛି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଗ୍ରାମ ଗୁଡିକ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବେଶ ପ୍ରଭାବିତ ହୋଇଛି । କାଂଶବାଂଶ ନଦୀ ଓ ଗମେଇ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡିବାରୁ ଫୁଲୁଛି କାଂଶବାଂଶ ଓ ଗମେଇ ନଦୀ । ଜଳ ନିଷ୍କାସନ ହୋଇ ନପାରିବାରୁ ଚାଷ ଜମିର ସମୁଦ୍ରର ଭ୍ରମ ସୃଷ୍ଟି କରିଛି ।ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଅଞ୍ଚଳର ଚାଷ ଜମି ବୁଡିଥିବା ବେଳେ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର ଅଞ୍ଚଳର ତଳିଆ ଚାଷ ଜମି ବୁଡି ରହିଛି । ଘଣ୍ଟାକୁ ଘଣ୍ଟା ତୁହାକୁ ତୁହା ବର୍ଷା ଲାଗି ରହୁଛି । ରାସ୍ତା ଉପରେ ବନ୍ୟା ପାଣି ଚାଲୁଛି । ତଳିଆ ଅଞ୍ଚଳର ଘର ଗୁଡିକର ଚତୁଃପାର୍ଶ୍ୱରେ କାନ୍ଥରେ ବନ୍ୟା ପାଣି ଲାଗିଯାଇଛି । ଗାଁ ରାସ୍ତାର ଆଣ୍ଠୁଏ ପାଣି ଠିଆ ହୋଇଛି । ଗମେଇ ନଦୀର ତଳ ମୁଣ୍ଡ ପୋତି ଯାଇ ଥିବାରୁ ଜଳନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଭଦ୍ରକ ଶାଖା ପକ୍ଷରୁ ତିନି କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କାର ବ୍ୟୟରେ ଖନନ କରିବା ପାଇଁ ମାର୍ଚ୍ଚ ମାସ ୫ ତାରିଖରେ ଶିଳାନ୍ୟାସ ହୋଇଥିଲା । ଗମେଇ ନଦୀର ଶାଖା ନଦୀ ଖୋଳା ହୋଇଥିଲେ ବନ୍ୟା ପାଣି ସହଜରେ ନିଷ୍କାସନ ହୋଇଥାନ୍ତା । କାମ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇ ନଥିବାରୁ ଠିକାଦାର ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଛି । ଚଳିତ ବର୍ଷ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦୁଇ ଥର ବନ୍ୟା ଦେଖା ଦେଇଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ଜଳ ନିଷ୍କାସନ ପାଇଁ ପ୍ରକଳ୍ପ ଶିଳାନ୍ୟାସ ହୋଇ ଅଧାପନ୍ତରିଆ ହୋଇ ପଡି ରହିଛି । ସମସ୍ତ ଚାଷୀଙ୍କ ଆଶା ଥିଲା ନଦୀ ଖନନ ହେଲେ ସହଜରେ ଜଳ ନିଷ୍କାସନ ହୋଇଯିବ । ଦୀର୍ଘ ଦିନର ସମସ୍ୟା ଦୂର ହେବ । ଦୂର ଦୃଷ୍ଟି ବିହିନ କାମ ଯୋଗୁଁ ବରଣ୍ଡୁଆ ପଞ୍ଚାୟତ, ସୁଦର୍ଶନପୁର ପଞ୍ଚାୟତ ଓ ପାଖ ପଡୋଶୀ ବାଲେଶର ଜିଲ୍ଲାର ଚାଲୁଣୀଗାଁ ପଞ୍ଚାୟତ ଓ କ୍ଷୀରକୋଣା ପଞ୍ଚାୟତ (ଆଂଶିକ)ର ଶହଶହ ହେକଟର ଚାଷ ଜମି ଜଳମଗ୍ନ ହୋଇ ରହିଛି । ଚାଷୀର ବର୍ଷକର ଭାତ ହାଣ୍ଡି ଉଜୁଡି ଯାଇଛି ।

# ସନ୍ତୋଷ ମିଶ୍ରଙ୍କ ଅବସର ଅବସରରେ ପତ୍ରିକା -'ମଧ୍ୟାନ୍ତର' ଉନ୍ମୋଚିତ




କରଞ୍ଜିଆ / ଠାକୁରମୁଣ୍ଡା (ସବ୍ୟୁ) : ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ ମିଶ୍ରଙ୍କ ଅବସର ଅବସରରେ ଏକ ନିଆରା କାର୍ଯ୍ୟକ୍ରମ ଆଜି ଆପଣ ଏକା ନୁହନ୍ତି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସନ୍ତୋଷ ମିଶ୍ରଙ୍କ କର୍ମମୟ ଜୀବନ, ସାଧନା, ଶିକ୍ଷାଦାନ ଓ ସଂଗ୍ରାମକୁ ନେଇ ପ୍ରସ୍ତୁତ ପତ୍ରିକା ମଧ୍ୟାନ୍ତର କୁ ଅତିଥି ମାନେ ଲୋକାର୍ପିତ କରିଥିଲେ । ସନ୍ତୋଷ କୁମାର ମିଶ୍ର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରି ଗତ ଜୁନ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତି ।ଜୁଲାଇ ୨୬ ତାରିଖରେ କରଞ୍ଜିଆ ସ୍ଥିତ ସାଇ ସାଗର କନକ୍ଲେଭରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଯୋଗଦେଇ କହିଲେ ଯେ ଜଣେ ଶିକ୍ଷକ, ଗୁରୁର କେବେ ମୃତ୍ୟୁ ହୁଏ ନାହିଁ । ସେ କାଳ ଜୟୀ । ତିଆରି କରିଥିବା ମଣିଷ ଭିତରେ ସେ ବଞ୍ଚି ରହେ ।ବଞ୍ଚି ରହେ ତାର ଆଦର୍ଶ । ତେଣୁ ଯଥାର୍ଥରେ ଆପଣ ଏକା ନୁହନ୍ତି ଆପଣଙ୍କ ସାଙ୍ଗରେ ଆମେ ଅନେକ ଅଛୁ । ସମାଜକୁ ସେବା ଦେବାର ପ୍ରକୃତ ସମୟ ଏବେ ଆରମ୍ଭ ହେଲା ।ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର କିଶୋର କୁମାର ପୃଷ୍ଟି ଯୋଗଦେଇ ସନ୍ତୋଷଙ୍କ ଜୀବନ ଦର୍ଶନ ତ୍ୟାଗ, ନିଷ୍ଠା, ସଚ୍ଚୋଟ, ଭୟଶୂନ୍ୟତା ଉପରେ ପର୍ଯ୍ୟବେଶିତ ବୋଲି ବର୍ଣ୍ଣନା କରିଥିଲେ ।ସମ୍ମାନିତ ଅତିଥି ଭାବେ ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ରାଜ୍ୟ ସଭାପତି ଲକ୍ଷ୍ମଣ ମହାନ୍ତି ଯୋଗଦେଇ ଶିକ୍ଷକ ସଂଘକୁ ମଜବୁତ ଏବଂ କାର୍ଯ୍ୟଦକ୍ଷ କରିବାରେ ସନ୍ତୋଷ ମିଶ୍ରଙ୍କ ଅବଦାନକୁ ସ୍ମରଣ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର ସନ୍ତୋଷଙ୍କୁ ବନ୍ଧୁ ଭଳି ବନ୍ଧୁଟିଏ ବୋଲି ଆଖ୍ୟାୟିତ କରିଥିଲେ ।ଏହି ଅବସରରେ ପରିବାର ସଦସ୍ୟ ଭାଇ, ଭିଣୋଇ, ପୁତୁରା, ଝିଅ, ଜ୍ୱାଇଁ, ଶିକ୍ଷକ, ଶିକ୍ଷୟତ୍ରୀ,ସାଙ୍ଗ ସାଥି ନିଜ ନିଜର ଅଭିଜ୍ଞତାରୁ ସନ୍ତୋଷ ମିଶ୍ରଙ୍କ ଜୀବନବ୍ୟାପୀ ସାଧନାକୁ ବର୍ଣ୍ଣନା କରିଥିଲେ ।ନିଜ ଉତ୍ତରରେ ବକ୍ତବ୍ୟ ରଖି ସନ୍ତୋଷ ମିଶ୍ର କହିଥିଲେକି ଆଦର୍ଶ ସର୍ବଦା କଣ୍ଟକିତ । ତଥାପି ଜୀବନରେ ବିଚ୍ୟୁତ ହୋଇନି । କେବେ ହାରିନି କେବଳ ସଓ୍ୱଚ୍ଛତା ପାଇଁ । ବିଶ୍ୱାସ, ଭରସାକୁ ଗୁରୁତ୍ୱ ଦେଇଛି ଏବଂ ଦେଉଥିବି ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ ଓ ଶେଷରେ ଶତପ୍ରଜ୍ଞା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ଭୀଷ୍ମ କୁମାର ମହାନ୍ତ, ଦୀପକ କୁମାର ବାରିକ, ମନମୋହନ ନାଏକ, ନରୋତ୍ତମ ନାଏକ, ସଞ୍ଜୟ କୁମାର ବେହେରା, ଯସପାଲ ସେଠୀ ଆକାଂକ୍ଷା ମିଶ୍ର, ସମୀକ୍ଷା ମିଶ୍ର, ବିଶ ମୋହନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ଲକ୍ଷ୍ମୀଧର ନାୟକଙ୍କ ସ୍ମୃତିସଭା: "ଲୋକପ୍ରିୟ ଲକ୍ଷ୍ମୀଧର'ଉନ୍ମୋଚିତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ମୁନ୍ସୀ ମେଳଣ କମିଟି,ଭଣ୍ଡାରିପୋଖରୀ ମହୋତ୍ସବ ଓ ବରିଷ୍ଠ ନାଗରିକ ମଂଚର ସଭାପତି,ବିଜେଡ଼ିର ପୂର୍ବତନ ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଥିଲେ ଜଣେ ଅଦମ୍ୟ ସାହସୀ ଓ କର୍ମଠ ବ୍ୟକ୍ତି । ଭଣ୍ଡାରିପୋଖରୀର ବିଭିନ୍ନ ଅନୁଷ୍ଠାନର ମୁରବୀ ଭାବେ ସେ କାର୍ଯ୍ୟକରି ସାମାଜିକ,ସାଂସ୍କୃତିକ ଅଭ୍ୟୁଦୟ ପାଇଁ ପ୍ରେରଣା ଯୋଗାଉଥିବାରୁ ତାଙ୍କ ବିୟୋଗ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଲକ୍ଷ୍ମୀଧର ବାବୁ ଓରଫ ବୁଲୁ ସାରଙ୍କ ଦ୍ୱାଦଶାହ ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଛି । ଶିକ୍ଷାବିତ ନରହରି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ,ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ,ରାଜ୍ୟ ଯୋଜନାବୋର୍ଡର ପୂର୍ବତନ ସଦସ୍ୟ ସୁଧାକର ନନ୍ଦ,ବିଜେପି ନେତା ବଦ୍ରିନାରାୟଣ ଧଳ ପ୍ରମୁଖ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପ୍ରକାଶିତ "ଲୋକପ୍ରିୟ ଲକ୍ଷ୍ମୀଧର' ସ୍ମୃତି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ ।

9001/110/2627
ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା **୨୭.୦୭.୨୦୨୬ ରିଖ ସୋମବାର ଦିନ ସକାଳ ୦୮:୦୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ କରିବେ ।
ଏଥିନିମନ୍ତେ ପଞ୍ଜୀକରଣ କରିଥିବା ଆଗ୍ରହୀ ଜନସାଧାରଣ ନିଜର ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡକୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣୀ ସ୍ଥଳରେ ପହଞ୍ଚି ପାରିବେ ।
ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR : 9001/9001/1/26-27/0052

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. SNTPBBSTELE-072026-FMS
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ଜୋନାଲ ମୁଖ୍ୟାଳୟ/ଭୁବନେଶ୍ୱର ଠାରେ ପୁରୁଣା ଅଣ୍ଡରଗ୍ରାଉଣ୍ଡ ଟେଲିଫୋନ କେବୁଲ (PIJF), OFCର ପୁନଃସ୍ଥାପନ/ସମୃଦ୍ଧୀକରଣ ତଥା ଫାଇବର ମନିଟରଙ୍ଗ ସିଷ୍ଟମର ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 3,03,14,235.30, EMD (ଟଙ୍କାରେ) : 6,06,300/-, ଶେଷ ହେବା ଅବଧି: 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.07.08.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.08.2026 ରିଖ 1500 ଘଟିକା ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
ଉପ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ଭଣ୍ଡାର/ମୁଖ୍ୟାଳୟ/ଭୁବନେଶ୍ୱର
PR-153/CJ/26-27

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. CAOCRSPBBS-30-2026
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ରୋଡ୍ ଓଭର ବ୍ରିଜ୍ / ରୋଡ୍ ଅଣ୍ଡର ବ୍ରିଜ୍, ଫୁଟ୍ ଓଭର ବ୍ରିଜ୍‌ର ନିର୍ମାଣ, DPRର ପ୍ରସ୍ତୁତି, ଜଳ ନିଷ୍କାସନର ଉନ୍ନୟନ, ରୋଡ୍ ଓଭର ବ୍ରିଜ୍ / ରୋଡ୍ ଅଣ୍ଡର ବ୍ରିଜ୍ ଏବଂ ଅନ୍ୟାନ୍ୟ ପୁନଃନିର୍ମାଣ ଦ୍ୱାରା 32 ସଂଖ୍ୟକ ଲେଭେଲ କ୍ରସିଙ୍ଗର ଅପସାରଣ ସମ୍ବନ୍ଧୀୟ କାର୍ଯ୍ୟକାରିତା ଅଧ୍ୟୟନ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR), ବିସ୍ତୃତ ଡିଜାଇନ କାର୍ଯ୍ୟ (ଭାଗ-1) ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 9,00,13,351.68, EMD (ଟଙ୍କାରେ): 18,00,300/-, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.04.08.2026 ରିଖ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.08.2026 ରିଖ 1200 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.inରେ ଉପଲବ୍ଧ ଅଟେ ।
ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/RSP/ ଭୁବନେଶ୍ୱର
PR-151/CJ/26-27

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର
ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୯, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### କଳିଙ୍ଗ କୁସୁମ ଫାଉଣ୍ଡେସନ୍ ପକ୍ଷରୁ

# ଆନ୍ତର୍ଜାତୀୟ ମ୍ୟାଙ୍ଗ୍ରୋଭ୍ ପରିବେଶ ସଂରକ୍ଷଣ ଦିବସ

ଭୁବନେଶ୍ୱର, (ସବ୍ୟୁ): କଳିଙ୍ଗ କୁସୁମ ଫାଉଣ୍ଡେସନ୍ (କେକେଏଫ୍) ପକ୍ଷରୁ ଆନ୍ତର୍ଜାତୀୟ ମ୍ୟାଙ୍ଗ୍ରୋଭ୍ ପରିବେଶ ସଂରକ୍ଷଣ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର ଆଇଏମ୍ଏଜିଇ ସଭାଗୃହରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ "ମ୍ୟାଙ୍ଗ୍ରୋଭ୍କୁ ସୁରକ୍ଷା କରନ୍ତୁ, ଆମର ଭବିଷ୍ୟତକୁ ସୁରକ୍ଷା କରନ୍ତୁ" ରଖାଯାଇଥିଲା। କଳିଙ୍ଗ କୁସୁମ ଫାଉଣ୍ଡେସନ୍ର ଟ୍ରଷ୍ଟି ଇଂ. ସଞ୍ଜିତ କୁମାର ବେହେରା "ଆନ୍ତର୍ଜାତୀୟ ମ୍ୟାଙ୍ଗ୍ରୋଭ୍ ପରିବେଶ ସଂରକ୍ଷଣ ଦିବସର ଗୁରୁତ୍ୱ" ବିଷୟରେ ଉପସ୍ଥାପନା ପ୍ରଦାନ କରିଥିଲେ। ସେ ମ୍ୟାଙ୍ଗ୍ରୋଭ୍ର ପରିବେଶଗତ, ଆର୍ଥିକ ଓ ସାମାଜିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର (ଡଃ) ମହେନ୍ଦ୍ର କୁମାର ମହାନ୍ତି, କୁଳପତି, ଏମ୍.ଏସ୍.ସି.ବି. ବିଶ୍ୱବିଦ୍ୟାଳୟ, ବାରିପଦା, କହିଥିଲେ ଯେ, ମ୍ୟାଙ୍ଗ୍ରୋଭ୍ ଉପକୂଳୀୟ ବିପର୍ଯ୍ୟୟ ଜନିତ ବିପଦକୁ ହ୍ରାସ କରିବା, ଜଳବାୟୁ ସହନଶୀଳତା ବୃଦ୍ଧି, କାର୍ବନ ସଂରକ୍ଷଣ ଏବଂ ଉପକୂଳବର୍ତ୍ତୀ ଜନସାଧାରଣଙ୍କ ଜୀବିକା ସୁରକ୍ଷାରେ ଅପରିହାର୍ଯ୍ୟ । ସେ ମ୍ୟାଙ୍ଗ୍ରୋଭ୍ର ଦୀର୍ଘମିଆଦି ସଂରକ୍ଷଣ ଓ ସ୍ଥାୟୀ ପରିଚାଳନା ପାଇଁ ବୈଜ୍ଞାନିକ ଗବେଷଣା, ସମୁଦାୟର ସକ୍ରିୟ ଅଂଶଗ୍ରହଣ ଏବଂ ସରକାରୀ ନୀତିଗତ ସହଯୋଗର ସମନ୍ୱୟ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର (ଡଃ) ମନୋଜ କୁମାର ତ୍ରିପାଠୀ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓଟିଇଞ୍ଜ, ଭୁବନେଶ୍ୱର, "ମ୍ୟାଙ୍ଗ୍ରୋଭ୍ରେ ସମନ୍ୱିତ କୀଟ ପରିଚାଳନା: କୀଟ ନିୟନ୍ତ୍ରଣ, ପରିବେଶ ସ୍ୱାସ୍ଥ୍ୟ ଏବଂ ଉପକୂଳୀୟ ସହନଶୀଳତା ମଧ୍ୟରେ ସନ୍ତୁଳନ" ବିଷୟରେ ବୈଷୟିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ଏହାପରେ ଆୟୋଜିତ ମୁକ୍ତ ଆଲୋଚନାରେ ଅଂଶଗ୍ରହଣକାରୀମାନେ ମ୍ୟାଙ୍ଗ୍ରୋଭ୍ ପୁନରୁଦ୍ଧାର, ଜୈବ ବିବିଧତା ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇବା, ସମୁଦାୟର ଅଂଶଗ୍ରହଣ ଏବଂ ଉପକୂଳୀୟ ପ୍ରାକୃତିକ ସମ୍ପଦର ସ୍ଥାୟୀ ପରିଚାଳନା ଉପରେ ମତବିନିମୟ କରିଥିଲେ। ପ୍ରକୃତି-ଭିତ୍ତିକ ସମାଧାନ ମାଧ୍ୟମରେ ଜଳବାୟୁ ସହନଶୀଳତା ବୃଦ୍ଧି ପାଇଁ ସରକାର, ଗବେଷଣା ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ସମୁଦାୟ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ଶେଷରେ କଳିଙ୍ଗ କୁସୁମ ଫାଉଣ୍ଡେସନ୍ର ପରିଚାଳନା ଟ୍ରଷ୍ଟି ଇଂ. ଦିବ୍ୟଚାନ୍ଦ ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀଗାଁରେ ଗଞ୍ଜେଇ ଜବତ: ବେପାରୀ ଗିରଫ

ସୋର,(ସବ୍ୟୁ) :ସୋର ଥାନା ଅଧୀନ ନଦୀଗାଁ ପଞ୍ଚାୟତ ଅନ୍ତର୍ଗତ ନଦୀଗାଁ ଛକରେ ବହୁତ ଦିନ ଧରି ଚୋରାରେ ଗଞ୍ଜେଇ, ଡ୍ରଗ୍ସ ଏବଂ ମଦ ବେପାର ଚାଲୁ ଥିଲାବେଳେ ଯୁବପୀଢ଼ି ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି । ଏ ନେଇ ଅଭିଯୋଗ ହେବା ପରେ ଅବକାରୀ ଉପଅଧିକ୍ଷକ ସ୍ୱପ୍ନାରାଣୀ ସାହୁ ଓ ନୀଳଗିରି ରେଞ୍ଜ ନିରୀକ୍ଷକ କେଶବ ଦାସ ନିର୍ଦ୍ଦେଶରେ ଏକ ଟିମ ଅଚାନକ ନଦୀଗାଁ ଛକରେ ଚଢ଼ଉ କରି, ଗଞ୍ଜେଇ ବେପାରୀ ସତ୍ୟନାରାୟଣ ସେଠୀଙ୍କ ନିକଟରୁ ୬୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ସତ୍ୟନାରାୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ସୋର ଓ ଖଇରା ଅବକାରୀ ଥାନାର କର୍ମଚାରୀମାନେ ସାମିଲ ଥିଲେ । ସୂଚନା ଯୋଗ୍ୟ ଗଞ୍ଜେଇ ସହିତ ଏଠାରେ ଚରସ କାରବାର ହେଉଥିବା ବେଳେ କମ୍ ବୟସର ପିଲାମାନେ ଏଥିରେ ସାମିଲ ହେଉଛନ୍ତି । ଏହାକୁ ବିରୋଧ କରି ମହିଳାଗ୍ରୁପମାନେ ମିଳିତ ଭାବେ ପଞ୍ଚାୟତକୁ ମଦ ମୁକ୍ତ କରିବା ପାଇଁ ଦାବି କରିଥିଲେ । ସବୁଠାରୁ ବଡ଼ କଥା ଏହି ଛକର ମାତ୍ର ୫୦ମିଟର ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ, ମହିଳା ମହାବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ପ୍ରାର୍ଥମିକ ବିଦ୍ୟାଳୟ, ବ୍ୟାଙ୍କ, କୁଢ଼େଇ ଉଚ୍ଚ ବିଦ୍ୟାଳୟ ଥିଲାବେଳେ ଏପରି ଅସାମାଜିକ କାର୍ଯ୍ୟ ସ୍ଥାନୀୟ ପ୍ରଭାବଶାଳି ବ୍ୟକ୍ତିଙ୍କ ପ୍ରୋତ୍ସାହନରେ ଚାଲୁଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହାକୁ ପ୍ରଶାସନ ତରଫରୁ ତୁରନ୍ତ ବନ୍ଦ୍ ପାଇଁ ଦାବି ହୋଇଛି ।

### ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ

# "ନୈତିକତା" ନାମରେ ରାଜନୀତି ବନ୍ଦ କରନ୍ତୁ କଂଗ୍ରେସ, ବିଜେଡି : ବିରଞ୍ଚି

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ବର୍ତ୍ତମାନ ଲୋକଙ୍କ ସହିତ ନାହିଁ। ତାଙ୍କ ଦଳକୁ ଲୋକେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏବେ ଦେଶର ଯୁବବର୍ଗଙ୍କୁ ଢ଼ାଲ କରି ନିଜର ରାଜନୈତିକ ରୋଟି ସେକିବା ପାଇଁ କଂଗ୍ରେସ ପ୍ରଳାପ କରୁଛି। ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ କଂଗ୍ରେସ ସରକାରରେ ଥିଲା। ସେତେବଳେ ପ୍ରତିବର୍ଷ ପ୍ରଶ୍ନପତ୍ର ଲିକ୍ ହେଉଥିଲା। ମାତ୍ର କେତେଜଣ ତାଙ୍କ ଦଳର ନେତା ଉକ୍ତ ଘଟଣାରେ ଇସ୍ତଫା ଦେଇଥିଲେ ତାହା ସ୍ପଷ୍ଟ କରନ୍ତୁ। ଏହାପରେ ୨୦୦୪ ରୁ ୨୦୧୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ କଂଗ୍ରେସ ସରକାରରେ ଥିଲା। ସେତେବେଳେ କଂଗ୍ରେସ ଦଳର ଦୁର୍ନୀତି ଚର୍ଚ୍ଚାର ବିଷୟ ପାଲଟିଥିଲା। ମାତ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାଙ୍କ ଦଳର ଅନ୍ୟ କୌଣସି ନେତାଙ୍କ ପାଖରେ ନୈତିକତା ବୋଲି କିଛି ନ ଥିଲା। ସେ ସମୟରେ ପ୍ରତିବର୍ଷ ଶିକ୍ଷା ବ୍ୟବସ୍ଥା ନାଁରେ ଅନେକ ଅନିୟମିତତା ହେଉଥିଲା। ଏପରିକି ଜଣେ ତତ୍କାଳୀନ ଶିକ୍ଷାମନ୍ତ୍ରୀଙ୍କ ନାଁରେ ଏଚ୍ଆର୍‌ଡି କୋଟାରେ ସେଂଟ୍ରାଲ୍ ସ୍କୁଲର ଆଡ୍‌ମିଶନ ଉପରେ ଦୁର୍ନୀତିର ଛିଟା ଲାଗିଥିଲା। ଝିଅମାନଙ୍କ ଦ୍ୱାରା ଏହି କାର୍ଯ୍ୟ ପାଇଁ ଟଙ୍କା ଆଦାୟ କରାଯାଉଥିବା ଜଣାପଡ଼ିଥିଲା। ସେତେବେଳେ କଂଗ୍ରେସ କେଉଁଠି ଶୋଇଥିଲା? ଏବେ କର୍ଣ୍ଣାଟକରେ କଂଗ୍ରେସର ସରକାର ଥିଲାବେଳେ ସେଠାରେ ପ୍ରଶ୍ନପତ୍ର ଲିକ୍ ହୋଇଛି। ଏପ୍ରସଙ୍ଗରେ କଂଗ୍ରେସର ନେତାମାନେ



ମୁହଁ ଖୋଲୁନାହାନ୍ତି କାହିଁକି? କୁଆଡେ ଗଲା ସେମାନଙ୍କ ନୈତିକତା? ସେହି ସମାନ ଘଟଣା ମଧ୍ୟ ହିମାଚଳ ପ୍ରଦେଶରେ ଘଟିଛି। ସେଠାରେ କଂଗ୍ରେସ ଚୁପ୍ ବସିଛି କାହିଁକି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। "ନୈତିକତା" କଥା କହୁଥିବା ପ୍ରଦେଶ କଂଗ୍ରେସର ସମ୍ପୃକ୍ତ ନେତା ନାମରେ ଯେଉଁ ଅଭିଯୋଗ ଅଛି ତା'ଉପରେ ରାଜ୍ୟବାସୀଙ୍କୁ ପ୍ରଥମେ ସେ ସ୍ପଷ୍ଟୀକରଣ ଦିଅନ୍ତୁ। ୨୦୨୪ ମସିହା ନିର୍ବାଚନରେ ତାଙ୍କ ଦଳରେ ଯେଉଁ ନେତାମାନେ ବିଜୟୀ ହୋଇଥିଲେ, ସେମାନେ ମଧ୍ୟ ସମ୍ପୃକ୍ତ ନେତାଙ୍କ ନୈତିକତା ଓ ନିୟତ ଉପରେ ପ୍ରଶ୍ନ ଉଠାଇଥିଲେ। ସେ ତେଲେଙ୍ଗାନା ନିର୍ବାଚନରେ ଦଳର ପ୍ରଭାରୀ ଥିଲାବେଳେ କଂଗ୍ରେସର ନେତାମାନେ ଏକାଠି ହୋଇ ତାଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ଟଙ୍କା ନେଇ ସମ୍ପୃକ୍ତ ନେତା ଓ ତାଙ୍କ ପୁଅ ଟିକେଟ ବାଂଟୁଥିବା ନେଇ କଂଗ୍ରେସ ନେତାମାନେ ସେତେବେଳେ ଅଭିଯୋଗ ଆଣିଥିଲେ। ସେହିପରି ବିଜୁ ଜନତା ଦଳ ସରକାରରେ ଥିଲାବେଳେ ଅନେକ ଦୁର୍ନୀତି ହୋଇଥିଲେ ମଧ୍ୟ କେତେଜଣ ନେତା ନୈତିକତା ଆଧାରରେ ଇସ୍ତଫା ଦେଇଥିଲେ ତାହା ସ୍ପଷ୍ଟ କରନ୍ତୁ। ଏନେଇ ଉଭୟ ଦଳ "ନୈତିକତା" ନାମରେ ରାଜନୀତି ବନ୍ଦ କରି ପ୍ରଥମେ ନିଜର ନୈତିକତା ସଜାଡନ୍ତୁ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି।

# ନିଟ୍ ପରୀକ୍ଷାରେ ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଜସ୍ମିନର ସଫଳତା

ବେତନଟୀ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଉପକଣ୍ଠ ବରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଜସ୍ମିନ ସାହୁ ନିକଟରେ ପ୍ରକାଶିତ ୟୁଜି ନିଟ୍ ପରୀକ୍ଷାରେ ସଫଳତା ମିଳିଛି। ସୂଚନା ମୁତାବକ ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବେନାପୁରା ଗ୍ରାମର ଅଜୟ କୁମାର ସାହୁ ଏବଂ ମନିଷା ବେହେରାଙ୍କ ସୁଯୋଗ୍ୟା କନ୍ୟା ଜସ୍ମିନ ସାହୁ ବୈଶିଙ୍ଗା ଶିଶୁ ମନ୍ଦିରରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ । ଛୋଟ ବେଳରୁ ସେ ଜଣେ ମେଧାବୀ ଛାତ୍ରୀ ଅଟନ୍ତି । ସେ ୨୦୨୧ ମସିହାରେ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ପରେ ସିଦ୍ଧିବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢିଥିଲେ । ତା ପରେ ସେ ବିଭିନ୍ନ ଏଣ୍ଟ୍ରାନ୍ସ ଭିତ୍ତିକ ଅନୁଷ୍ଠାନରେ ପଢିଥିଲେ । ଚଳିତ ବର୍ଷ ୟୁଜି ନିଟ୍ ପରୀକ୍ଷାରେ ସେ ୭୨୦ ନମ୍ବରରୁ ଜସ୍ମିନ ୬୨୨ ନମ୍ବର ରଖି ବିଦ୍ୟାଳୟ ପାଇଁ ଗର୍ବ ଗୌରବ ଅର୍ଜନ କରିଛନ୍ତି । ଶନିବାର ଅପରାହ୍ନ ସମୟରେ ଏନେଇ ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର କୁମାର ପଣ୍ଡା, କୋଷାଧକ୍ଷ ସରୋଜ କୁମାର ପତି, ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ , ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜସ୍ମିନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ଶତାଧିକ ଅଭିଭାବକ / ଅଭିଭାବିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ଜସ୍ମିନ ନିଜର ସଂଘର୍ଷର କାହାଣୀ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ ଭବିଷ୍ୟତରେ ଜଣେ ଭଲ ଡାକ୍ତର ଭାବେ ଜନସାଧାରଣଙ୍କ ସେବା କରିବେ ବୋଲି ପ୍ରକାଶ କରିଛନ୍ତି ।

## ଓଡ଼ିଆ ଭାଷା ସାହିତ୍ୟ, ସାମ୍ବାଦିକତାର ମହାନ ବ୍ୟକ୍ତିତ୍ୱ ଥିଲେ ନୀଳମଣି ବିଦ୍ୟାରତ୍ନ

ଭୁବନେଶ୍ୱର, (ସବ୍ୟୁ): ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତାର ମହାନ ବ୍ୟକ୍ତିତ୍ୱ ନୀଳମଣି ବିଦ୍ୟାରତ୍ନଙ୍କ ୧୦୨ତମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ତଥା ବିଜେଡି ସାଂସ୍କୃତିକ ସାମୁଖ୍ୟ ପକ୍ଷରୁ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ବିଜେଡି ସାଂସ୍କୃତିକ ସାମୁଖ୍ୟ ସଂଯୋଜକ, କବି ପ୍ରବୀର ମହାନ୍ତିଙ୍କ ଉପସ୍ଥିତରେ ପୁଷ୍ପମାଲ୍ୟ ଅର୍ପଣସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସାମ୍ବାଦିକତାର ମୁଖ୍ୟ ପୁରୋଧା ସହିତ ସ୍ୱାଧୀନତା ସଂଗ୍ରାମର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଥିଲେ ବୋଲି ଶ୍ରୀଯୁକ୍ତ ଶତପଥୀ ମତବ୍ୟକ୍ତ କରିଥିଲେ। ଉତ୍କଳ ଦୀପିକା, ପ୍ରଜାବନ୍ଧୁ ପ୍ରମୁଖ ପତ୍ରିକାର ସମ୍ପାଦନ କରିବା ସହିତ ଉତ୍କଳ ସମ୍ମିଳନୀର ପରିକଳ୍ପନା କରିଥିଲେ।




ଜଣେ ପ୍ରକୃତ ଦେଶପ୍ରେମୀ, ସାହିତ୍ୟିକ, ସମ୍ପାଦକ ପ୍ରମୁଖ ଥିଲେ ବୋଲି ପ୍ରବୀର ମହାନ୍ତି ମତରଖିଥିଲେ। ଉକ୍ତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ବରିଷ୍ଠ କବି, ଭାଷାପ୍ରାଣ କାମଦେବ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଜିର ପୀଢ଼ି ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ଅନ୍ୟ ସାରସ୍ୱତ ପ୍ରତିଭାମାନଙ୍କ ଭିତରେ ଲକ୍ଷ୍ମୀଧର ବେହେରା, ରମେଶ ପାତାଳ ସିଂ, ଗିରିଜା ଶଙ୍କର ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିବା ସହ ସ୍ମୃତିଚାରଣ କରିଥିଲେ । ଅମିତ ପାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

### ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବୀ ଜୋର୍ ଧରିଲା

# ସଦର ବ୍ଲକ୍ କଂଗ୍ରେସର ବିକ୍ଷୋଭ




କଟକ ,(ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଛାତ୍ର ଓ ଯୁବ ସମାଜର ସଂଘର୍ଷ ର ବିଜୟ ବୋଲି ଦର୍ଶାଇବା ସହ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ତୁରନ୍ତ ଇସ୍ତଫା ଦାବିରେ "କଟକ ସଦର ବ୍ଲକ୍ କଂଗ୍ରେସ କମିଟି" ପକ୍ଷରୁ ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ କନ୍ଦରପୁର ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ ଓ ରାମଚନ୍ଦ୍ର ଗୋଛାୟତ ଯୋଗଦେଇ ଛାତ୍ର ସମାଜର ଐକ୍ୟବୋଧ ଆନ୍ଦୋଳନ ଏବଂ ଗଣତାନ୍ତ୍ରିକ ସଂଘର୍ଷ ଫଳରେ ଶିକ୍ଷା କ୍ଷେତ୍ରରେ ପ୍ରସଙ୍ଗ ଗୁଡ଼ିକ ଜାତୀୟ ସ୍ତରରେ ଗୁରୁତ୍ୱ ପାଇଛି ଓ ଛାତ୍ର ଶକ୍ତି ରାଷ୍ଟ୍ର ଶକ୍ତି ର ବିଜୟର ପ୍ରତୀକ ବୋଲି କହିଥିଲେ । ବର୍ତ୍ତମାନ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏହାର ନୈତିକ ଦାୟିତ୍ୱ ଗ୍ରହଣ କରି ରାଜ୍ୟ ଶିକ୍ଷାମନ୍ତ୍ରୀ ଅବିଳମ୍ବେ ଇସ୍ତଫା ଦେଇଦେବା ଉଚିତ୍ ବୋଲି ବକ୍ତା ମାନେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ କଟକ ନଗର (ଜିଲ୍ଲା) ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଳବ ଶିଳାଦିତ୍ୟ ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି ଓ ବିଶ୍ୱଜିତ୍ ଦାସ, ମାନସ ପରିଡ଼ା, ଶିଶିର ରଥ ଓ ରାଜେଶ୍ ସ୍ୱାଇଁ,ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରିତିଛନ୍ଦା କୈବଲ୍ୟ ନାୟକ,ବରିଷ୍ଠ ନେତ୍ରୀ ନଳିନୀ ଉଦଗାତା, ଉଗ୍ରସେନ ଭୂୟାଁ,ନିର୍ମଳ ସ୍ୱାଇଁ ଓ ବିପନ ପଶାୟତ,ନାରୀନେତ୍ରୀ ନୀଳିମା ତ୍ରୀପାଠୀ, ମମତା ସିଂହ ପ୍ରମୁଖ କଂଗ୍ରେସ କର୍ମୀ ଯୋଗଦେଇ ବିଜେପି ସରକାର ର ଛାତ୍ର ମାରଣ ନିତିକୁ କଡ଼ା ସମାଲୋଚନା କରିବା ସହ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି କହିଥିଲେ ।

## ଘୁଗୁନି ବେପାରୀଙ୍କୁ ଛୁରାମାଡ


ଭୁବନେଶ୍ୱର, (ସବ୍ୟୁ) : ଶନିବାର ବିଳମ୍ବିତ ରାତିରେ କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଘୁଗୁନି ବ୍ୟବସାୟୀଙ୍କୁ ଦୁର୍ବୃତ୍ତ ଛୁରାମାଡ କରିଛନ୍ତି । ଛୁରାମାଡ ହେବା ପରେ ପେଟରେ ଛୁରିଥିବା ଅବସ୍ଥାରେ ଘୁଗୁନି ବ୍ୟବସାୟୀ କ୍ୟାପିଟାଲ ଥାନାକୁ ଦଉଡି ଯାଇଥିଲେ । ଥାନାରେ ପଡିଯିବା ପରେ ପୋଲିସ ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା । ଗୁରୁତର ଆହତ ଘୁଗୁନି ବେପାରୀଙ୍କ ସଠିକ୍ ପରିଚୟ ମିଳିନାହିଁ । ଏକ ନମ୍ବର ହାଟରେ ଘୁଗୁନି ବ୍ୟବସାୟ କରନ୍ତି ଜନୈକ ବ୍ୟକ୍ତି । ଶନିବାର ବିଳମ୍ବିତ ରାତିରେ ସେ ବେପାର ବନ୍ଦ କରି ଯିବାବେଳେ କିମ୍ବା ହାଟ ମଧ୍ୟରେ ତାଙ୍କୁ ଦୁର୍ବୃତ୍ତ କୌଣସି କାରଣକୁ ନେଇ ଛୁରାମାଡ କରିଥିଲେ । ରାଜମହଲ ଛକ ପାଖରେ ଛୁରାମାଡ ହୋଇଥିବା ପୋଲିସ ସନ୍ଦେହ କରିଛି । ପେଟରେ ଛୁରି ଥାଇ ସମ୍ପୃକ୍ତ ବେପାରୀ ଦଉଡି ଦଉଡି କ୍ୟାପିଟାଲ ଥାନାରେ ପହଞ୍ଚିଥିଲେ । ବିଳମ୍ବିତ ରାତିରେ ଡିସିଓ ଏବଂ ସେଣ୍ଟ୍ରି ଥିବା କନଷ୍ଟେବଲ ଏହା ଦେଖି ବ୍ୟସ୍ତ ହୋଇପଡିଥିଲେ । ରକ୍ତାକ୍ତ ଅବସ୍ଥାରେ ଛୁରି ସହ ଜଣେ ଥାନାରେ ପହଞ୍ଚିବା ଦେଖି ସେ ପିସିଆର୍‌କୁ ଡାକି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ଅବସ୍ଥା ଗୁରୁତର ଥିବା ଦେଖି କ୍ୟାପିଟାଲ ହସ୍ପିଟାଲରୁ ଘୁଗୁନି ବେପାରୀଙ୍କୁ ଚିକିତ୍ସା ପାଇଁ କଟକ ବଡମେଡିକାଲକୁ ପଠାଯାଇଛି । ଥାନା ପାଖାପାଖି ଥିବା ସିସି କ୍ୟାମେରା, ଏକନମ୍ବର ହାଟ ଓ ରାଜମହଲ ଛକ ଅଞ୍ଚଳରେ ଥିବା କ୍ୟାମେରାକୁ ପୋଲିସ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବାକୁ ପ୍ରୟାସ କରିଛି । ଆହତ ବେପାରୀ ସୁସ୍ଥ ହେବା ପରେ ଦୁର୍ବୃତ୍ତଙ୍କ ସମ୍ପର୍କରେ ତଥ୍ୟ ମିଳିପାରେ ବୋଲି ପୋଲିସ କହିଛି ।

## ବନ୍ଧୁକ ଦେଖାଇ ଗହଣା ଦୋକାନୀଠୁ ଅଳଙ୍କାର ବ୍ୟାଗ ଲୁଟ

କୁଳିଅଣା , (ସବ୍ୟୁ): କୁଳିଅଣା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥ ନିକଟ କୁଳିଅଣା ଛକରେ ଥିବା ମାନସ ଜ୍ୱେଲରୀ ନାମକ ଏକ ଗହଣା ଦୋକାନ ମାଲିକ ମାନସ ପାଇରାଙ୍କୁ ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ ହୋଇଛି । ଶନିବାର ରାତି ପ୍ରାୟ ୯ ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯିବା ରାସ୍ତା ରେ ମାଙ୍କଡ଼ାହୁଡି ଠାରେ ମାସ୍କ ପିନ୍ଧି ୪ ଜଣ ଦୁର୍ବୃତ୍ତ ବାଇକ ଯୋଗେ ଆସି ବନ୍ଧୁକ ଦେଖାଇ ଗହଣା ଓ ଟଙ୍କା ଥିବା ବ୍ୟାଗ ଟିକୁ ଛଡ଼ାଇବା ପାଇଁ ଉଦ୍ୟମ କରିଥିଲେ ।ବ୍ୟବସାୟୀ ଜଣକ ବ୍ୟାଗ ନ ଦେବାରୁ ଗୁଳି ଫୁଟାଇ ଭୟଭୀତ କରି ଦୋକାନୀ ଠାରୁ ଅଳଙ୍କାର ବ୍ୟାଗ ଝାମ୍ପି ନେଇ ଦ୍ରୁତଗତିରେ ପଳାଇଥିଲେ । ଏଥିରେ ସୁନା ବ୍ୟବସାୟୀ ଆହତ ହୋଇଯାଇଥିଲେ । ଖବର ପାଇ କୁଳିଅଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କଣ୍ଟ୍ରୋଲ ରୁମକୁ ଖବର ଦେଇଥିଲେ । ଚୋରି ହୋଇଥିବା ସୁନା ପ୍ରାୟ ୨୦ ଗ୍ରାମ, ରୁପା ପ୍ରାୟ ୫କେଜି ଓ ୨୦ ହଜାର ଟଙ୍କା ଥିଲାବୋଲି ଜଣାପଡ଼ିଛି । ରବିବାର ଦିନ ଦୋକାନୀ କୁଳିଅଣା ଥାନା ରେ ଲିଖିତ ଅଭିଯୋଗ କରିବା ପରେ ଏ ସଂକ୍ରାନ୍ତ ରେ ପୋଲିସ ଏକ କେସ ରୁଜୁ କରି ଘଟଣା ଟିର ତଦନ୍ତ କରୁଛନ୍ତି ।

## ଅଧିକ ଷ୍ଟାଇଲ୍, ଅଧିକ ସ୍ୱତନ୍ତ୍ରତା: ସ୍ଲାଭିଆ ମଣ୍ଟେ କାର୍ଲୋର ରଙ୍ଗ ବିକଳ୍ପକୁ ବଢ଼ାଇଲା ସ୍କୋଡା ଅଟୋ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ସ୍କୋଡା ଅଟୋ ଇଣ୍ଡିଆ ନିଜର ସ୍ଲାଭିଆ ରେଞ୍ଜକୁ ସମ୍ପ୍ରସାରିତ କରିଛି, ଯେଉଁଥିରେ ସ୍ଲାଭିଆ ମଣ୍ଟେ କାର୍ଲୋ ଦୁଇଟି ନୂତନ ଏକ୍ସକ୍ଲୁସିଭ୍ ରଙ୍ଗ ବିକଳ୍ପ ପାଇଛି – ଶିମଲା ଗ୍ରୀନ୍ ଏବଂ ଷ୍ଟିଲ୍ ଗ୍ରେ। ଏହି ଦୁଇଟି ଯାକ ରଙ୍ଗ ଏକ ଆକର୍ଷଣୀୟ ଡୁଆଲ୍-ଟୋନ୍ ଫିନିସରେ ଉପଲବ୍ଧ। କେବଳ ୨୦୦ ୟୁନିଟ୍ ମଧ୍ୟରେ ସୀମିତ, ସ୍ଲାଭିଆ ମଣ୍ଟେ କାର୍ଲୋର ଏହି ସୀମିତ ସଂସ୍କରଣଗୁଡିକ ସେଡାନର ଡାଇନାମିକ୍ ଡିଜାଇନ୍ ଏବଂ ଆକର୍ଷଣୀୟ ଡ୍ରାଇଭିଂ ଅଭିଜ୍ଞତା ସହିତ ବ୍ରାଣ୍ଡର ରାଲି ମଣ୍ଟେ କାର୍ଲୋ ଐତିହ୍ୟକୁ ଏକତ୍ରିତ କରିଥାଏ। ଏହି ନୂତନ ଯୋଗଦାନ ଗାଡିକୁ ଆହୁରି ଅଧିକ ଆକର୍ଷଣୀୟ କରିବା ସହ ଅଧିକ ସ୍ୱତନ୍ତ୍ର ଅଭିଜ୍ଞତା ଖୋଜୁଥିବା ଗ୍ରାହକମାନଙ୍କୁ ଲକ୍ଷ୍ୟ କରି ଅଣାଯାଇଛି। ଏହି ନୂତନ




ଉପସ୍ଥାପନା ଉପରେ ମତବ୍ୟକ୍ତ କରି ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଆଶିଷ ଗୁପ୍ତା କହିଛନ୍ତି, "ସ୍ଲାଭିଆ ମଣ୍ଟେ କାର୍ଲୋ ଏହାର ଆକର୍ଷଣୀୟ ଡିଜାଇନ୍, ପ୍ରିମିୟମ୍ ଆବେଦନ, ଚମତ୍କାର ଡ୍ରାଇଭିଂ ଡାଇନାମିକ୍ସ ଏବଂ ଆମର ମୋଟରସ୍ପୋର୍ଟସ୍ ଐତିହ୍ୟ ସହିତ ଦୃଢ଼ ସମ୍ପର୍କ ପାଇଁ ଗ୍ରାହକମାନଙ୍କ ଦ୍ୱାରା ବହୁଳ ଭାବରେ ପ୍ରଶଂସିତ ହୋଇଛି। ଆମେ ମଣ୍ଟେ କାର୍ଲୋ ରେଞ୍ଜର ସ୍ୱତନ୍ତ୍ରତା ଏବଂ ଆକର୍ଷଣକୁ ଆହୁରି ବଢ଼ାଉଛୁ ଏବଂ ଗ୍ରାହକମାନଙ୍କୁ ଅଧିକ ବିକଳ୍ପ ପ୍ରଦାନ କରୁଛୁ। ସ୍ଲାଭିଆ ମଣ୍ଟେ କାର୍ଲୋ ଷ୍ଟାଇଲ୍, ପ୍ରଦର୍ଶନ ଏବଂ ଆଧୁନିକତାର ଏକ ଉପଯୁକ୍ତ ମିଶ୍ରଣ ହୋଇ ରହିଛି। ଆମର ଗ୍ରାହକମାନଙ୍କ ବଢୁଥିବା ଆକାଂକ୍ଷାକୁ ଦୃଷ୍ଟିରେ ରଖି ଆମେ ଆମର ସେଡାନ୍ ପୋର୍ଟଫୋଲିଓକୁ ଆହୁରି ମଜବୁତ କରିବା ଜାରି ରଖିବୁ।"

### ହିନ୍ଦୁସ୍ଥାନ ହେଲପିଙ୍ଗ ହ୍ୟାଣ୍ଡସ ଓ ଅଭିଷେକ ମେମୋରିଆଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ

# ସାତ ଏକର ଜମିରେ ୭ ହଜାର ଚାରା ରୋପଣ

କଟକ,(ସବ୍ୟୁ): କଟକ ଜିଲ୍ଲାର ସାମାଜିକ ସଂଗଠନ ହିନ୍ଦୁସ୍ଥାନ ହେଲ୍‌ପିଙ୍ଗ ହ୍ୟାଣ୍ଡସ୍ ଅର୍ଗାନାଇଜେସନ୍ ଓ ଇଂ ଅଭିଷେକ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ବ୍ଲକ ଅନ୍ତର୍ଗତ କାଠଯୋଡି ନଦୀ ପଠାରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଆୱାକି ପଦ୍ଧତିରେ "ଅଟଳ ବନ" ନାମରେ ନାମିତ ପ୍ରକଳ୍ପରେ ପ୍ରାୟ ୭ ଏକର ନଦୀ ପଠାରେ ତାରବାଡ ବୁଲାଯାଇ ୭ ହଜାରରୁ ଉର୍ଦ୍ଧ୍ୱ 'ଜାମୁ ଚାରା' ରୋପଣ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଦେଷ୍ଟା ଶ୍ରୀସନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଯୁବ ସାମ୍ବାଦିକ ଡ. ମାନସ କୁମାର ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚାରାରୋପଣ କରିବା ସହ ଅନାବଶ୍ୟକ ବୃକ୍ଷ କାଟିବାକୁ ବିରୋଧ କରିବା ସମସ୍ତ ସାମାଜିକ ଅନୁଷ୍ଠାନର କର୍ତ୍ତବ୍ୟବୋଧ ରହିବା ଆବଶ୍ୟକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଏସ୍‌ଭି ନିର୍‌ତାର ନିର୍ଦ୍ଦେଶକ ଡ. ପତିତପାବନ




ମହାନ୍ତି, କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, କଟକ ବାର୍ ଆସୋସିଏସନ୍‌ର ସଂପାଦକ ଦିଲ୍ଲିପ ମହାପାତ୍ର, ଯୁଗ୍ମ ସଂପାଦକ ମହେନ୍ଦ୍ରଲାଲ ଜେନା, ରୋଟାରୀ କ୍ଲବ୍ ଅଫ୍ ହେରିଟେଜ୍ ରାଜନାରାୟଣ ତ୍ରିପାଠୀ ଉକ୍ତ ଗ୍ରାମର ସଦାଶିବ ସ୍ୱାଇଁ, ରନୋଜ ସ୍ୱାଇଁ ସରଶ୍ମିରଂଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ନିଜସ୍ୱ ଖର୍ଚ୍ଚରେ ୧୦ଟି ଜଙ୍ଗଲ ପୂର୍ଣ୍ଣାଙ୍ଗ କରିସାରିବା ପରେ ଚଳିତ ବର୍ଷ ୧୧ଦଶ ତମ ଜଙ୍ଗଲ ସୃଷ୍ଟି ନିମନ୍ତେ ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ପାଲ ଓ ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା କାନନ ବିହାରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ପ୍ରଭାସ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ମନ କି ବାତ' କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର

ବାରଙ୍ଗ, (ସବ୍ୟୁ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାଢ଼ା ପଞ୍ଚାୟତର ପଦାସାହିସ୍ଥିତ ବୁଥ ନମ୍ବର୩ ଠାରେ ଆୟୋଜିତ ୧୩୬ତମ 'ମନ କି ବାତ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରେରଣାଦାୟକ ସମ୍ବୋଧନ ଶ୍ରବଣ କରିଥିଲେ ।ଏହି ଅବସରରେ ଶ୍ରୀ ମହାପାତ୍ର କହିଥିଲେ ଯେ, 'ମନ କି ବାତି' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଦେଶର ସାଢ଼େ ଏକଶେ କୋଟିରୁ ଅଧିକ ନାଗରିକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସିଧାସଳଖ ସଂଳାପର ଏକ ସଶକ୍ତ ମାଧ୍ୟମ । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ।ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ ଆହ୍ୱାନ ଜନସାଧାରଣଙ୍କୁ ଦେଶହିତରେ ସକାରାତ୍ମକ ଚିନ୍ତାଧାରା ସହ ଆଗକୁ ବଢ଼ିବା, ସମାଜସେବାରେ ନିଜକୁ ସମର୍ପିତ କରିବା ଏବଂ 'ବିକଶିତ ଭାରତ' ଗଠନରେ ସକ୍ରିୟ ସହଭାଗୀ ହେବା ପାଇଁ ଉତ୍ସାହିତ କରୁଛି । ଏହି କାର୍ଯ୍ୟକ୍ରମରେ ବୁଥ କାର୍ଯ୍ୟକର୍ତ୍ତା, ଦଳୀୟ ପଦାଧିକାରୀ, ସ୍ଥାନୀୟ ବାସିନ୍ଦା ଏବଂ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି 'ମନ କି ବାତ' କାର୍ଯ୍ୟକ୍ରମକୁ ଶ୍ରବଣ କରିଥିଲେ ।

# କାର୍ଗିଲ ବିଜୟ ଦିବସ ଦେଶର ବୀରତ୍ୱ, ବଳିଦାନର ଅମର ଗାଥା : ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର 'ମନ୍ କି ବାତ୍'ର ୧୩୬ତମ ଏପିସୋଡରେ ସମ୍ବୋଧିତ କରି କାର୍ଗିଲ ବିଜୟ ଦିବସ ସମ୍ପର୍କରେ କହି ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ, କାର୍ଗିଲ ବିଜୟ ଦିବସ ଏପରି ଏକ ତାରିଖ ଯାହାକୁ ମନେ ରଖିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ।ପ୍ରଧାନମନ୍ତ୍ରୀ କହିଛନ୍ତି, କଠିନ ଚ୍ୟାଲେଞ୍ଜ ସତ୍ତ୍ୱେ, ଭାରତୀୟ ସୈନିକମାନେ ହାର ମାନି ନଥିଲେ ଏବଂ ଦେଶକୁ ବିଜୟ ଆଡ଼କୁ ନେଇଯାଇଥିଲେ। ଏଥର, ଏହି ସାହସୀ ସୈନିକମାନଙ୍କ ସ୍ମୃତିରେ ଚଳିତ ବର୍ଷ ଦିଲ୍ଲୀରୁ ଦ୍ରାସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୌର୍ଯ୍ୟ ଯାତ୍ରା ଆୟୋଜନ କରାଯାଉଛି। ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ବର୍ଷ ଆଇଏନଏସ ମହେନ୍ଦ୍ରଗିରିକୁ ନୌସେନାରେ ସାମିଲ କରାଯାଇଛି ଏବଂ ପିନାକା କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷଣ କରାଯାଇଛି। ସେ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ଜଳ ସଂରକ୍ଷଣ ଏବଂ କ୍ୟାଚ୍ ଦି ରେନ୍ ଅଭିଯାନ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଯେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେଉଛି। ଜଳ ସଂରକ୍ଷଣ ପାଇଁ ଏକ ଦେଶବ୍ୟାପୀ ଅଭିଯାନ ଚାଲିଛି, ଏବଂ



ମଧ୍ୟପ୍ରଦେଶରେ ୪,୦୦୦ ପୋଖରୀ ନିର୍ମାଣ କରାଯାଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କିଛି ଦିନ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହୋଇଛି। ଆମର ଯୁବପିଢ଼ି ସମ୍ପ୍ରତି କ୍ରୀଡ଼ାରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପିଭି ସିନ୍ଧୁ ଜାପାନ ଓପନ୍ ବ୍ୟାଡମିଣ୍ଟନ୍ ଟାଇଟଲ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ସମଗ୍ର ଦେଶ ତାଙ୍କ ସଫଳତା ପାଇଁ ଗର୍ବିତ। ଭାରତୀୟ ମହିଳା କ୍ରିକେଟ୍ ଦଳ ଲଣ୍ଡନର ଲର୍ଡସ୍ ଷ୍ଟାଡିୟମରେ ମଧ୍ୟ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଥିଲା। ଏହା ଏକ ଐତିହାସିକ ବିଜୟ। କିଛି ଛୋଟ ପ୍ରୟାସ ଅଛି ଯାହାର ଅର୍ଥ ବହୁତ କିଛି। ମୁଁ କେରଳର ଏର୍ନାକୁଲମ୍ର ଦକ୍ଷିଣ ଚିତ୍ତୁରରେ ଏକ କ୍ରୀଡ଼ା ପଦକ୍ଷେପ ବିଷୟରେ ଜାଣିଲି। ସେଠାରେ ଏକ ସ୍କୁଲରେ ଏକ ସଂସ୍କୃତ କ୍ଲବ୍ ଅଛି। ପ୍ରଫେସର ଅଭିଲାଷ ଜୀ ସଂସ୍କୃତକୁ ଏକ ଅନନ୍ୟ ଉପାୟରେ ଲୋକପ୍ରିୟ କରୁଛନ୍ତି। ଏହି ପ୍ରକଳ୍ପକୁ 'ଅକ୍ଷରକନ୍ଦୁକଦ ନାମ ଦିଆଯାଇଛି। ଏହି ପ୍ରକଳ୍ପରେ, ଫୁଟବଲ୍ରେ ବ୍ୟବହୃତ ଶବ୍ଦ ସହିତ ସଂସ୍କୃତ ଅକ୍ଷରଗୁଡ଼ିକୁ ସଂଯୋଗ କରି ସହଜ ଉପାୟରେ ବୁଝାଯାଇଛି। ଏହା ଶିଖିବାକୁ ଉପଭୋଗ୍ୟ କରୁଛି।

ବିକ୍ରମ-୧ର ସଫଳ ଉତ୍କ୍ଷେପଣ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଗର୍ବରେ ଭରି ଦେଇଛି। ଆମେ ସମସ୍ତେ ଭାରତୀୟ ମହାକାଶ କ୍ଷେତ୍ର ପାଇଁ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ। ଏହା ଘରୋଇ କ୍ଷେତ୍ର ଦ୍ୱାରା ବିକଶିତ ଭାରତର ପ୍ରଥମ ରକେଟ୍। ଆମର ଯୁବ ଉଦ୍ଭାବକମାନେ ଯାହା କଳ୍ପନା କରିବା ମଧ୍ୟ କଷ୍ଟକର ଥିଲା ତାହା ହାସଲ କରିଛନ୍ତି। ସେମାନେ ଆଶ୍ଚର୍ଯ୍ୟଜନକ ଦକ୍ଷତା, ଆଗ୍ରହ ଏବଂ ଧୈର୍ଯ୍ୟ ଦେଖାଇଛନ୍ତି। ଦୀର୍ଘ ସମୟ ଧରି, ଆମର ମହାକାଶ କ୍ଷେତ୍ର ଘରୋଇ କ୍ଷେତ୍ର ପାଇଁ ବନ୍ଦ ରହିଥିଲା, କିନ୍ତୁ ଯୁବପିଢ଼ିଙ୍କ ଆଗ୍ରହକୁ ଧ୍ୟାନରେ ରଖି, ଆମର ଘରୋଇ କ୍ଷେତ୍ର ମହାକାଶ ପାଇଁ ଖୋଲା ଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଆମର ସମସ୍ତ ପାଞ୍ଚ ଜଣ ଛାତ୍ର ପଦାର୍ଥ ବିଜ୍ଞାନ ଅଲିମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ଭାରତ ପ୍ରଥମ ସ୍ଥାନ ହାସଲ କରିଥିଲା। ଗତ ଦଶନ୍ଧିରେ ଅନୁଷ୍ଠିତ ପ୍ରତ୍ୟେକ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡରେ, ଆମ ଦେଶର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବରେ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ଜିତିଛନ୍ତି। ଆମର ସମସ୍ତ ଛାତ୍ର ରସାୟନ ବିଜ୍ଞାନ ଅଲିମ୍ପିଆଡରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଏପର୍ଯ୍ୟନ୍ତ ସର୍ବୋତ୍ତମ ପ୍ରଦର୍ଶନ। ଆମର ସମସ୍ତ ଛାତ୍ର ଜୀବ ବିଜ୍ଞାନ ଅଲିମ୍ପିଆଡରେ ମଧ୍ୟ ପଦକ ଜିତିଥିଲେ, ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ପଦକ ମଧ୍ୟ ଅନ୍ତର୍ଭୁକ୍ତ। ଯେତେବେଳେ ଗଣିତ ଅଲିମ୍ପିଆଡରେ, ଆମର ଛାତ୍ରଛାତ୍ରୀମାନେ ଦୁଇଟି ସ୍ୱର୍ଣ୍ଣ ଏବଂ ଚାରୋଟି ରୌପ୍ୟ ପଦକ ଜିତିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯେତେବେଳେ ଦକ୍ଷତା ଏବଂ କିଛି କରିବାର ଆଗ୍ରହ ଥାଏ, ପ୍ରତ୍ୟେକ ପଥ ସହଜ ହୋଇଯାଏ। ଏହା ଆଜି କାଶ୍ମୀରର ପାରମ୍ପରିକ ଚଟେଇ 'ୱାଗୁଦ ସମ୍ପର୍କରେ କରାଯାଉଥିବା ପ୍ରୟାସରେ ପ୍ରତିଫଳିତ ହୁଏ। ଏହା ନଳ ଏବଂ ଧାନ ନଡ଼ାରୁ ତିଆରି। ଏହି ଗଦି ତିଆରି କରିବାର ପରମ୍ପରା ବହୁ ବର୍ଷ ପୁରୁଣା। ଶ୍ରୀନଗରର ଗୁଲାମ ହୁସେନ ଜୀ ଏବଂ ତାଙ୍କ ଝିଅ ତାଞ୍ଜିଲା ଜୀ ଏକ ପ୍ରତିଜ୍ଞା ନେଇଥିଲେ। ଉଭୟ 'ୱାଗୁଦ ହସ୍ତଶିଳ୍ପର ପରମ୍ପରାକୁ ଏକ ନୂତନ ଜୀବନ ଦେବା ପାଇଁ ବାହାରିଥିଲେ।

# 'ପ୍ରଥମ ଦିନରୁ ହିଁ ଇସ୍ତଫା ଦେବାକୁ ଚାହୁଁଥିଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ : ନିଟ୍ ପ୍ରଶ୍ନପତ୍ର ଲିକ୍କୁ ନେଇ ହୋଇଥିବା ଛାତ୍ର ଆନ୍ଦୋଳନର ପ୍ରଥମ ଦିନରୁ ହିଁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା



ଦେବାକୁ ପ୍ରସ୍ତାବ ଦେଇଥିଲେ। ସେ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେବାର ଗୋଟିଏ ଦିନ ପରେ ବିଜେପି ନେତା କୈଳାସ ବିଜୟବର୍ଗୀୟ ଏହି ଦାବି କରିଛନ୍ତି । ମଧ୍ୟପ୍ରଦେଶ ସରକାରରେ ମନ୍ତ୍ରୀ ଥିବା ବିଜୟବର୍ଗୀୟ କହିଛନ୍ତି ଯେ ସେ ଛାତ୍ର ରାଜନୀତି ଦିନରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜାଣିଛନ୍ତି। ତାଙ୍କ ନିଷ୍ଠା ଓ ସାଧୁତା ପାଇଁ ସେ ପ୍ରଶଂସାର ଯୋଗ୍ୟ। ସେ କହିଛନ୍ତି, ଆନ୍ଦୋଳନର ପ୍ରଥମ ଦିନରୁ ହିଁ ସେ (ଧର୍ମେନ୍ଦ୍ର) ଦଳୀୟ ଅଧ୍ୟକ୍ଷଙ୍କୁ କହିଥିଲେ, 'ଯଦି ଆପଣ ଅନୁଭବ କରୁଛନ୍ତି ଯେ ମୋର ଇସ୍ତଫା ଦେବା ଉଚିତ୍, ତେବେ ମୁଁ ଦେଇଦେବି।' କିନ୍ତୁ ଦଳୀୟ ଅଧ୍ୟକ୍ଷ ମନା କରିଦେଇଥିଲେ। ହେଲେ ଯେତେବେଳେ ପରିସ୍ଥିତି ଏପରି ହେଲା ଯେ ଦଳ ତାଙ୍କର ଇସ୍ତଫା ଦେବା ନିଷ୍ପତ୍ତି ନେଲା, ସେ ନିମିଷକ ମଧ୍ୟରେ ଇସ୍ତଫା ଦେଇଦେଲେ। ଜଣେ ଭଲ ଦଳୀୟ କାର୍ଯ୍ୟକର୍ତ୍ତାଙ୍କର ଏହା ହିଁ ମୁଖ୍ୟ ପରିଚୟ ବୋଲି ବିଜୟବର୍ଗୀୟ ଜୋର୍ ଦେଇ କହିଛନ୍ତି। କକ୍ରୋଚ୍ ଜନତା ପାର୍ଟି ନେତୃତ୍ୱରେ ଯନ୍ତର ମନ୍ତରଠାରେ ମାସେ ଧରି ଚାଲିଥିବା ବିକ୍ଷୋଭ ଏବଂ ଦେଶସାରା ଛାତ୍ରମାନଙ୍କର ବିରାଟ ପ୍ରତିବାଦ ପରେ ଗତକାଲି ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ। ସେ କହିଥିଲେ ଯେ 'ଦେଶବିରୋଧୀ ଶକ୍ତି'ଗୁଡ଼ିକୁ ଏହି ଆନ୍ଦୋଳନର ଅନୁଚିତ ଫାଇଦା ଉଠାଇବାରୁ ରୋକିବା ପାଇଁ ସେ ନିଜ ପଦବୀ ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ମତକୁ ଦୋହରାଇ ବିଜୟବର୍ଗୀୟ ଦାବି କରିଛନ୍ତି ଯେ, ବାଂଲାଦେଶ ଏବଂ ଶ୍ରୀଲଙ୍କା ପରି ହିଂସା କରି ଭାରତକୁ ଅସ୍ଥିର କରିବାକୁ ଚାହୁଁଥିବା 'ବୈଦେଶିକ ଶକ୍ତି'ଗୁଡ଼ିକର ଯୋଜନାକୁ ପ୍ରଧାନଙ୍କ ଇସ୍ତଫା ପଣ୍ଡ କରିଦେଇଛି। ସେ କହିଛନ୍ତି, ଛାତ୍ରମାନେ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ କଂଗ୍ରେସ କେବଳ ସେମାନଙ୍କ ପଛରେ ଛିଡ଼ା ହୋଇଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ବିରୋଧୀ ଦଳ ସମ୍ପୂର୍ଣ୍ଣ ହତାଶ ହୋଇପଡ଼ିଥିଲେ ଏବଂ ସେହି ନିରାଶାଜନକ ସ୍ଥିତିରେ ସେମାନେ ସିଜେପି ମଧ୍ୟରେ ଆଶାର ଏକ କିରଣ ଦେଖିବାକୁ ପାଇଥିଲେ।

# ପଡ଼ୋଶୀ ପାକିସ୍ତାନ, ନେପାଳ, ଶ୍ରୀଲଙ୍କାରେ ଭାରତୀୟ 'ଜେନ୍ ଜେଡଙ୍କୁ ପ୍ରଶଂସା

ନୂଆଦିଲ୍ଲୀ: ଭାରତର ଜେନ୍ ଜେଡ୍ ଆନ୍ଦୋଳନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାର କାରଣ ହୋଇଥିଲା। ଏହି ଆନ୍ଦୋଳନ କେବଳ ଦେଶର ଆକର୍ଷଣ ନୁହେଁ ବରଂ ସୀମା ଡେଇଁ ପଡ଼ୋଶୀ ପାକିସ୍ତାନ, ନେପାଳ ଓ ଶ୍ରୀଲଙ୍କାର ଯୁବପିଢ଼ିଙ୍କୁ ପ୍ରଭାବିତ କରିଛି। ଭାରତୀୟ ଯୁବପିଢ଼ି କିପରି ମାସକ ଧରି ଦିଲ୍ଲୀର ଜନ୍ତର ମନ୍ତରଠାରେ ଗୋଟିଏ ପ୍ରସଙ୍ଗରେ ଆନ୍ଦୋଳନ କରି ସେମାନଙ୍କ ଲକ୍ଷ୍ୟ ହାସଲ କରିଥିଲେ ତାଦର ପ୍ରଶଂସା କରାଯାଇଥିଲା। ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ନେପାଳରେ ପୂର୍ବରୁ ଜେନ୍ ଜେଡ୍ ଆନ୍ଦୋଳନ ଦେଖିବାକୁ ମିଳିଥିଲାନ୍ତ କିନ୍ତୁ ଭାରତରେ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ପଡ଼ୋଶୀ ଦେଶମାନଙ୍କ ଯୁବପିଢ଼ିଙ୍କୁ ଅଧିକ ପ୍ରଭାବିତ କରିଛି। 'ବିବିସିଦକୁ ପାକିସ୍ତାନର ଜଣେ ମହିଳା କହିଛନ୍ତି, 'କହିଁଧ ପ୍ୟାର୍ ନା ହୋ ଯାଏ.... ତୁମେମାନେ ଯଦି ଏତେ ଭଲ କରିବ ତାହାହେଲେ ମୁଁ ତୁମକୁ କେମିତି ଘୃଣା କରିବି?ଦ ନେପାଳ ଓ ଶ୍ରୀଲଙ୍କାର ମଧ୍ୟ ଭାରତୀୟ ପ୍ରତିବାଦକାରୀଙ୍କୁ ପ୍ରଶଂସା କରିଛନ୍ତି। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟକୁ ନେଇ ୨୦୨୨ରେ ଛାତ୍ର ଆନ୍ଦୋଳନ ଦେଖାଯାଇଥିଲା। ଏବେ ଶ୍ରୀଲଙ୍କାରେ କାର୍ଟୁନ ଓ ଇନଷ୍ଟାଗ୍ରାମ କାହାଣୀ ମାଧ୍ୟମରେ ଭାରତର କକ୍ରୋଚ ଜନତା ପାର୍ଟିର ପ୍ରତିବାଦ ପ୍ରତିଧ୍ୱନିତ ହୋଇଛି।



ଚଳିତ ସପ୍ତାହର ଆରମ୍ଭରେ ଶ୍ରୀଲଙ୍କାର କାର୍ଟୁନିଷ୍ଟ ଅବନ୍ତ ଆର୍ଟିଗାଲା କକ୍ରୋଚକୁ ନିୟନ୍ତ୍ରଣ କରିବା ପାଇଁ ସରକାର କିପରି ସଂଘର୍ଷ କରୁଛନ୍ତି ତାହାର ଏକ କାର୍ଟୁନ ପୋଷ୍ଟ କରିଥିଲେ। କକ୍ରୋଚ ପାର୍ଟି ନେତୃତ୍ୱାଧୀନ ଛାତ୍ର ଆନ୍ଦୋଳନର ଗୋଟିଏ ଛବି ଭାରତ ବାହାରେ ଅଧିକ ପସନ୍ଦ କରାଯାଇଥିଲା, ତାହା ହେଉଛି ମୁମ୍ବାଇରେ ଜଣେ ଯୁବତୀ କିପରି ରାସ୍ତା ଉପରେ ପୁଲିସ ଭ୍ୟାନ ଉପରେ ଗୋଟିଏ ହାତ ରଖି ଏହାକୁ ରୋକିବାକୁ ଚେଷ୍ଟା କରୁଥିଲେ। ଆନ୍ଦୋଳନକାରୀଙ୍କୁ ଗିରଫ କରି ନେଇଯାଉଥିବା ପୁଲିସ ଭ୍ୟାନକୁ ଅଟକାଇବାରେ ରିୟା ଅହିରଙ୍କ ଚିତ୍ର ଯୁକ୍ତିଯୁକ୍ତ ଭାବରେ ଛାତ୍ର ଆନ୍ଦୋଳନକୁ ପରିଭାଷିତ କରିଛି। ଅନେକ ଏହାକୁ ଚୀନର ତିଆନାନମେନ ସ୍କୋୟାର ନିକଟରେ ୧୯୮୯ ମସିହାରେ ନିର୍ମିତ ପ୍ରତୀକାତ୍ମକ "ଟ୍ୟାଙ୍କ୍ ମ୍ୟାନ୍" ଫଟୋଗ୍ରାଫ ସହିତ ତୁଳନା କରିଛନ୍ତି। ନେପାଳ ମଧ୍ୟ ଭାରତର ଜେନ୍ ଜେଡଙ୍କ ସମର୍ଥନରେ ବାହାରିଛି। କାଠମାଣ୍ଡୁରେ ରହୁଥିବା କଣ୍ଟେଣ୍ଟ କ୍ରିଏଟର ଅଭିନାଶ ମିଶ୍ର କହିଛନ୍ତି ଯେ, ପ୍ରତିବାଦକାରୀଙ୍କ କ୍ରୋଧ ଓ ଭାବନା ଯଥାର୍ଥ ଥିଲା। ସେହିପରି ଭାରତର ଛାତ୍ର ଆନ୍ଦୋଳନକୁ ନେଇ ଜଣେ ପାକିସ୍ତାନୀ ଯୁବକ କହିଥିଲେ, ଯଦି ଆମକୁ କେବେ ସୁଯୋଗ ମିଳେ, ଆମେ ମଧ୍ୟ ଏହିପରି ରାସ୍ତାରେ ଓହ୍ଲାଇବା ଉଚିତ। କକ୍ରୋଚ ଜନତା ପାର୍ଟି... ପ୍ରକୃତରେ ମହାନ୍। ଅନ୍ୟ ଜଣେ ଯୁବକ ପାକିସ୍ତାନର ଜେନ୍ ଜେଡଙ୍କୁ ଭାରତୀୟ ଛାତ୍ରମାନଙ୍କଠାରୁ ଶିଖିବାକୁ ଅନୁରୋଧ କରିଥିଲେ। ଭାରତୀୟ ଛାତ୍ରମାନେ କିପରି ଧର୍ମ ଓ ଜାତି ବିଭାଜନକୁ ଅଣଦେଖା କରି ଏକାଠି ଠିଆ ହୋଇଥିଲେ ତାହା ଦର୍ଶାଇଛନ୍ତି। ସେ କହିଛନ୍ତି, ସେମାନଙ୍କର ଏକତା ସବୁଠାରୁ ବଡ଼ ପ୍ରୟାସ ଥିଲା। ଏହା ପାକିସ୍ତାନରେ ବଡ଼ ଚ୍ୟାଲେଞ୍ଜ କାରଣ ଆମେ ପଞ୍ଜାବୀ, ପସ୍ତୁନ୍, ସୁନ୍ନି ଓ ସିଆରେ ବିଭାଜିତ ବୋଲି ଉକ୍ତ ଯୁବକ ଦର୍ଶାଇଥିଲେ। ମୁଁ ଭାବୁନାହିଁ ଯେ ପାକିସ୍ତାନର ଜେନ ଜେଡ୍ ଏପରି ଏକତ୍ରିତ ହୋଇପାରିବେ ବୋଲି ସେ ସ୍ପଷ୍ଟ ଭାବରେ କହିଥିଲେ।

# ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିଜେପି, କଂଗ୍ରେସ

ନୂଆଦିଲ୍ଲୀ : ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ପଞ୍ଜାବରେ ଏକ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ବିଜେପି ଏବଂ ଆପ୍ ମଧ୍ୟରେ ଏକ ନୂଆ ବିବାଦ ଆରମ୍ଭ ହୋଇଛି। ପଞ୍ଜାବ ଶିକ୍ଷାମନ୍ତ୍ରୀ ହରଜୋତ୍ ସିଂହ ବୈନସଙ୍କ ଇସ୍ତଫା ଦାବି କରିବା ଆରମ୍ଭ କରିଛି ବିଜେପି। ତେବେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କୌଣସି ପ୍ରଶ୍ନପତ୍ର ଲିକ୍ ହୋଇଥିବା କଥାକୁ ଅସ୍ୱୀକାର କରିଛନ୍ତି। "ପଞ୍ଜାବର ଶିକ୍ଷାମନ୍ତ୍ରୀ କେବେ ଇସ୍ତଫା ଦେଉଛନ୍ତି? ନୈତିକତା ଦୃଷ୍ଟିରୁ ଅରବିନ୍ଦ କେଜ୍ରିୱାଲ କେବେ ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବେ?" ବୋଲି ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ପ୍ରଶ୍ନ କରିଛନ୍ତି। ପଞ୍ଜାବ ଅଧସ୍ତନ ସେବା ଚୟନ ବୋର୍ଡ ଗ୍ରୁପ୍-ବି ଏବଂ ମିଳିତ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ବ୍ୟତୀତ ଦ୍ୱାଦଶ ଶ୍ରେଣୀ ଇଂରାଜୀ ବୋର୍ଡ ପରୀକ୍ଷା, ପଞ୍ଜାବ ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଏବଂ କୃଷି ବିକାଶ ଅଧିକାରୀ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଶ୍ରୀ ଭଣ୍ଡାରୀ ଅଭିଯୋଗ କରିଛନ୍ତି। ଅବକାରୀ ଏବଂ କର ନିରୀକ୍ଷକ ମେଧା ତାଲିକାରେ ଜାଲ୍ ନାମ ମିଳିବା ବ୍ୟତୀତ, ନାଏବ ତହସିଲଦାର ଏବଂ ଫାର୍ମାସିଷ୍ଟ ଅଫିସର ନିଯୁକ୍ତି ପରୀକ୍ଷାରେ ବ୍ୟାପକ କପି (ଜାଲିଆତି) ହୋଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ମଧ୍ୟ ଗତ ଚାରି ବର୍ଷ ମଧ୍ୟରେ ୬ଟି ବଡ଼ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପଞ୍ଜାବ ଶିକ୍ଷାମନ୍ତ୍ରୀ ହରଜୋତ୍ ବୈନସ କେବେ ଇସ୍ତଫା ଦେବେ? ଚାରି ବର୍ଷ। ୬ଟି ବଡ଼ ପ୍ରଶ୍ନପତ୍ର ଲିକ୍। ଅଗଣିତ ସ୍ୱପ୍ନ ଭାଙ୍ଗି ଚୁରମାର୍। କାହାରି ଉତ୍ତରଦାୟିତ୍ୱ ନାହିଁ। ପଞ୍ଜାବର ଛାତ୍ରଛାତ୍ରୀମାନେ ଉତ୍ତର ପାଇବାକୁ ଯୋଗ୍ୟ। ସେମାନେ ଉତ୍ତରଦାୟିତ୍ୱ ଦାବି କରନ୍ତି। ସେମାନେ ଏକ ଶ୍ରେଷ୍ଠ ଭବିଷ୍ୟତ ପାଇବାକୁ ଯୋଗ୍ୟ। ଆପ୍ ଏଗୁଡ଼ିକୁ ମିଥ୍ୟା ଖବର ବୋଲି କହିଛି। ଗତ ସାଢ଼େ ଚାରି ବର୍ଷ ମଧ୍ୟରେ କୌଣସି ପ୍ରଶ୍ନପତ୍ର ଲିକ୍ ହୋଇନଥିବା ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ କହିଛନ୍ତି। ତେବେ ଦୁଇଟି ସ୍ଥାନରେ ପରୀକ୍ଷା ସମୟରେ କପି କରିବାକୁ ଚେଷ୍ଟା କରାଯାଇଥିବା କଥା ସେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଗତ ୪.୫ ବର୍ଷ ମଧ୍ୟରେ ପଞ୍ଜାବରେ ଗୋଟିଏ ହେଲେ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ମୁଁ ଆପଣଙ୍କୁ ଆଶ୍ୱାସନା ଦେଉଛି ଯେ ପଞ୍ଜାବରେ କୌଣସି ପ୍ରଶ୍ନପତ୍ର ଲିକ୍ ହେବ ନାହିଁ। ଏହା ମୋର ଗ୍ୟାରେଣ୍ଟି। ଦୁଇଟି ସ୍ଥାନରୁ କପି ହେବାର ଖବର ମିଳିଥିଲା, କିନ୍ତୁ ପଞ୍ଜାବରେ ଗୋଟିଏ ହେଲେ ପ୍ରଶ୍ନପତ୍ର ଲିକ୍ ହୋଇନଥିଲା। ଆମେ କପି ଘଟଣାର ମାତ୍ର ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲୁ। ଆମେ କପି କରାଉଥିବା ଗ୍ୟାଙ୍ଗଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ। ଆପ୍ର ଅନ୍ୟ ଜଣେ ପଞ୍ଜାବ ନେତା ବଲତେଜ୍ ପନ୍ନୁ କହିଛନ୍ତି ଯେ ଏଗୁଡ଼ିକ ମିଥ୍ୟା ଅଭିଯୋଗ। କପି ହୋଇଥିବା ଗୋଟିଏ ଘଟଣାରେ ପରୀକ୍ଷାର୍ଥୀମାନେ ଇଲେକ୍ଟ୍ରୋନିକ୍ ଉପକରଣ ବ୍ୟବହାର କରୁଥିବା ବେଳେ ଧରାପଡ଼ିଥିଲେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କିନ୍ତୁ ପ୍ରଶ୍ନପତ୍ର ଲିକ୍ ହୋଇନଥିଲା ବୋଲି ସେ ଦୃଢ଼ତାର ସହ କହିଛନ୍ତି। ସେ କହିଛନ୍ତି, ମନଇଚ୍ଛା ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆଣି ବିଜେପି ଓ କଂଗ୍ରେସ ସେମାନଙ୍କ କାର୍ଯ୍ୟକାଳ ସମୟର ସମସ୍ୟାଗୁଡ଼ିକରୁ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛନ୍ତି। କେନ୍ଦ୍ରରେ ବିଜେପି ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ୯୦ରୁ ଅଧିକ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ସେମାନେ ଏବେ ଅନ୍ୟମାନଙ୍କୁ ଦୋଷ ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଜନସାଧାରଣ ସତ୍ୟ ଜାଣିଛନ୍ତି। ଅନ୍ୟ ପକ୍ଷରେ କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ କହିଛନ୍ତି ଯେ ସେ ପଞ୍ଜାବ ଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଂପର୍କରେ ଅବଗତ ଅଛନ୍ତି। କାଗଜପତ୍ର ଅନୁଧ୍ୟାନ କରାଯାଉଛି। ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ।

# ଫ୍ରାନ୍ସର ଭୟଙ୍କର ଜଙ୍ଗଲ ନିଆଁ : ୨.୨୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର

ପ୍ୟାରିସ: ଦକ୍ଷିଣ-ପଶ୍ଚିମ ଫ୍ରାନ୍ସରେ ଲାଗିଥିବା ଭୟଙ୍କର ଜଙ୍ଗଲ ନିଆଁ ଯୋଗୁଁ ପରିସ୍ଥିତି ଆହୁରି ଗମ୍ଭୀର ହୋଇଛି। ଫ୍ରାନ୍ସ ସରକାରଙ୍କ ସୂଚନା ଅନୁସାରେ, ବୋର୍ଦୋ ସହର ନିକଟବର୍ତ୍ତୀ ଅଞ୍ଚଳରୁ ଏବେ ସୁଦ୍ଧା ୨ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନିଆଁ ବେଗରେ ବ୍ୟାପୁଥିବାରୁ ବୋର୍ଦୋ ଆଖପାଖର ଗ୍ରାମଗୁଡ଼ିକରୁ ରବିବାର ରାତିରେ ଆହୁରି ୫୦ ହଜାରରୁ ଅଧିକ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ପବନ ଓ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଆଁ ଅନିୟନ୍ତ୍ରିତ ଭାବେ ବ୍ୟାପୁଛି। ଏହା ଯୋଗୁଁ ବୋର୍ଦୋରୁ ସ୍ପେନ୍ ସୀମା ପର୍ଯ୍ୟନ୍ତ ଯାଇଥିବା ପ୍ରମୁଖ ଏ-୬୩ ଜାତୀୟ ରାଜପଥର ପ୍ରାୟ ୬୦ କିଲୋମିଟର



ଅଂଶ ବନ୍ଦ କରାଯାଇଛି। ସେହିପରି ବୋର୍ଦୋର ଦକ୍ଷିଣ ଅଞ୍ଚଳକୁ ଯାଉଥିବା ରେଳ ଚଳାଚଳ ମଧ୍ୟ ସାମୟିକ ଭାବେ ବନ୍ଦ ରହିଛି। ଫ୍ରାନ୍ସର ଗୃହମନ୍ତ୍ରୀ ଲରେଣ୍ଟ ନୁନେଜ୍ କହିଛନ୍ତି, ଏହି ନିଆଁକୁ ନିୟନ୍ତ୍ରଣକୁ ଆଣିବାକୁ ବହୁତ ସମୟ ଲାଗିବ। ଯେପର୍ଯ୍ୟନ୍ତ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ, ସେପର୍ଯ୍ୟନ୍ତ ସ୍ଥାନାନ୍ତର ହୋଇଥିବା ଲୋକ ଓ ପର୍ଯ୍ୟଟକମାନଙ୍କୁ ଘରକୁ ଫେରିବାକୁ ଅନୁମତି ମିଳିବ ନାହିଁ। ଏହି ନିଆଁରେ ଏବେ ସୁଦ୍ଧା ପ୍ରାୟ ୪୨ ହଜାର ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଫ୍ରାନ୍ସରେ ଲାଗିଥିବା ସବୁଠାରୁ ବଡ଼ ଜଙ୍ଗଲ ନିଆଁ ମଧ୍ୟରୁ ଏହା ଅନ୍ୟତମ। ଅଗ୍ନିକାଣ୍ଡକୁ ଆୟତ୍ତ କରିବା ପାଇଁ ଶହ ଶହ ଅଗ୍ନିଶମ କର୍ମଚାରୀଙ୍କ ସହ ଫ୍ରାନ୍ସ ସେନାର ୧,୫୦୦ ଯବାନଙ୍କୁ ନିୟୋଜିତ କରାଯାଇଛି। ଅଗ୍ନିଶମ ବିମାନ, ହେଲିକପ୍ଟର ଓ ସାମରିକ ସହାୟତାରେ ନିଆଁ ଲିଭାଇବା ପ୍ରୟାସ ଜାରି ରହିଛି।

# ନ୍ୟୁଜିଲାଣ୍ଡକୁ ଚାଲାଣ ହେଉଥିବା ୫ କୋଟିର ଡ୍ରଗ୍ସ ଜବତ

ମୁମ୍ବାଇ: ଅନ୍ତର୍ଜାତୀୟ ସ୍ତରରେ ନିଷେଧାଦେଶ ପ୍ରାପ୍ତ ଡ୍ରଗ୍ସ ଚୋରା ଚାଲାଣ କରୁଥିବା ଏକ ବଡ଼ ସିଣ୍ଡିକେଟ୍ର ପର୍ଦ୍ଦାଫାଶ କରିଛି ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) ର ମୁମ୍ବାଇ ଜୋନାଲ୍ ୟୁନିଟ୍। ନ୍ୟୁଜିଲାଣ୍ଡକୁ ପଠାଯାଉଥିବା ୩ଟି ଆନ୍ତର୍ଜାତୀୟ କୋରିୟର୍ ପାର୍ସଲରୁ ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ୧୦.୯୯ କିଲୋଗ୍ରାମ "ଏଫିଡ୍ରିନ୍" ଜବତ କରାଯିବା ସହ ଏହି ଘଟଣାରେ ଚେନ୍ନାଇରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଓ ରବିବାର ଏନସିବି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗୁପ୍ତ ସୂଚନା ଆଧାରରେ ଏନସିବି ଗତ ଜୁଲାଇ ୨୧ ତାରିଖରେ ଦୁଇଟି ଏବଂ ଜୁଲାଇ ୨୫ ତାରିଖରେ ଆଉ ଗୋଟିଏ କୋରିୟର୍ ପାର୍ସଲକୁ ଜବତ କରିଥିଲା। ପ୍ରଥମ ଦୁଇଟି ପାର୍ସଲକୁ ଯାଞ୍ଚ କରିବା ପରେ ଫ୍ଲୋର୍ ମ୍ୟାଟ୍



ଏବଂ ଲୁଗା ରୋଲଗୁଡ଼ିକ ମଝିରେ ଗୁପ୍ତ ଭାବେ ଲୁଚାଯାଇଥିବା ୭ କିଲୋଗ୍ରାମ ଏଫିଡ୍ରିନ୍ ମିଳିଥିଲା। ପାର୍ସଲ୍ଗୁଡ଼ିକରେ ଥିବା ସମସ୍ତ କାଗଜପତ୍ର ଓ ଜାଲ୍ ପରିଚୟପତ୍ର ବ୍ୟବହାର କରାଯାଇଥିବା ଜଣାପଡ଼ିଥିଲା। ଏହି ତଥ୍ୟ ଆଧାରରେ ଏନସିବି ଟିମ୍ ଚେନ୍ନାଇର ଟ୍ରିପ୍ଲିକେନ୍ ଅଞ୍ଚଳରେ ଚଢ଼ାଉ କରି ଜୁଲାଇ ୨୩ ତାରିଖରେ "ଏସ୍ ହମିଦ୍" ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ପ୍ୟାକିଂ ସାମଗ୍ରୀ, ଡିଜିଟାଲ୍ ଓଜନ ମେସିନ୍, ସିଲିଂ ମେସିନ୍, ଜାଲ୍ ଆଇଡି କାର୍ଡ ଓ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଥିଲା। ହମିଦଙ୍କୁ ଜେରା କରିବା ପରେ ଏନସିବି ମହାରାଷ୍ଟ୍ରର କଲ୍ୟାଣ ଅଞ୍ଚଳରୁ ଜୁଲାଇ ୨୫ ତାରିଖରେ ତୃତୀୟ କୋରିୟର୍ ପାର୍ସଲକୁ ଜବତ କରିଥିଲା। ବେଡ୍ସିଟ୍ ଏବଂ ଫୋଟୋ ଫ୍ରେମ୍ ଭିତରୁ ଆଉ ୩.୯୯ କିଲୋଗ୍ରାମ ଏଫିଡ୍ରିନ୍ ଜବତ କରାଯାଇଥିଲା। ଏଜେନ୍ସି ଅନୁଯାୟୀ, ଏହି ନେଟୱର୍କଟି ଚେନ୍ନାଇରୁ ପରିଚାଳିତ ହେଉଥିଲା ଏବଂ ସେମାନେ ଧରାପଡ଼ିବା ଭୟରେ ମୁମ୍ବାଇ, ପୁଣେ ଭଳି ଭିନ୍ନ ଭିନ୍ନ ସହରକୁ ଯାଇ ପାର୍ସଲ୍ ବୁକ୍ କରୁଥିଲେ। ଏଥିରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ତଦନ୍ତ ଜାରି ରହିଛି।

# ରେଲୱେ ଲଣ୍ଡ୍ରିକୁ ଆସିଲା ଏଆଇ କ୍ୟାମେରା

ନୂଆଦିଲ୍ଲୀ: ଅନେକ ସମୟରେ ରେଳରେ ଯାତ୍ରା କରୁଥିବା ଯାତ୍ରୀମାନେ ଅଭିଯୋଗ କରିଥାନ୍ତି ଯେ, ରେଲଓ୍ୱେ ସେମାନଙ୍କୁ ମଇଳା ଓ ଦାଗ ଥିବା ଚାଦର ବ୍ୟବହାର ପାଇଁ ଦେଉଛି । ଏବେ ରେଲଓ୍ୱେ ଏହି ସମସ୍ୟାକୁ ଦୂର କରିବାକୁ ଏଆଇ କ୍ୟାମେରା ସ୍ଥାପନ କରିବାକୁ ଯାଉଛି । ଟ୍ରେନ୍ରେ ଯାତ୍ରୀଙ୍କୁ ଦିଆଯାଉଥିବା ଚାଦର ଓ ତକିଆ ଭଲ ଭାବରେ ସଫା ହେଉଛି କି ନାହିଁ ସେନେଇ ଲଣ୍ଡ୍ରିରେ ଧୂଳି ଚାଦର ଓ ତକିଆର ସଫେଇର ଯାଞ୍ଚ ଏଆଇ କରିବ ବୋଲି ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ତେବେ ପୁଣେ, ଜୟପୁର ଓ ଯୋଧପୁର ମଣ୍ଡଳର ଲଣ୍ଡ୍ରିରେ ଏହାକୁ ପ୍ରଥମେ ସ୍ଥାପନା କରାଯାଇଛି । ଏହା ବ୍ୟତୀତ ମ୍ୟାକେନାଇଜଡ୍ ଲଣ୍ଡ୍ରିରେ କପଡାର ସଫା ଓ ଚମକ ମାପିବା ପାଇଁ ଘhiଟଞ-Meଟଟerଟ ମଧ୍ୟ ବ୍ୟବହାର ମଧ୍ୟ କରାଯାଉଛି । ଏହା ଏକ ପ୍ରକାର ଡିଭାଇସ୍, ଯାହାଦ୍ୱାରା କପଡା ଧଳା ଓ ସଫେଇ ମପା ଯାଇଥାଏ । ପକ୍ରିୟା ଉପରେ ନଜର ରଖିବା ପାଇଁ ଲଣ୍ଡ୍ରିରେ ସିସିଟିଭି କ୍ୟାମେରା ବି ଲଗାଯାଇଛି । ଏହି ସିଷ୍ଟମ ବହୁତ ସହଜରେ ଚା ଦାଗ, ତେଲ, ଜଙ୍କ୍ ଫୁଡ୍ ଏବଂ ଅନ୍ୟ ଜିନିଷର ଛୋଟ ଦାଗ ବି ଚିହ୍ନଟ କରିପାରିବ। ଏଭଳି ସ୍ଥିତିରେ ଯଦି କୌଣସି କପଡା ଧାର୍ଯ୍ୟ ଷ୍ଟାଣ୍ଡାର୍ଡଠାରୁ କମ୍ ସଫା ମିଳେ, ତେବେ ସିଷ୍ଟମ ତାକୁ ରିଜେକ୍ଟ କରିଦିଏ। ଏହାର ଲାଭ ଏହା ଯେ, ଖରାପ କପଡା ନିଜକୁ ନିଜେ ସିଷ୍ଟମରୁ ବାହାର ହୋଇଯିବ। ଏଆଇ କ୍ୟାମେରା କପଡାର ସଫା ଚେକ୍ କରିବା ପାଇଁ କ୍ୟାମେରାକୁ ଓ୍ୱାଶିଂ ଓ ଫିନିଶିଂ ଲାଇନ୍ ଲଗାଯିବ। ସଫେଇ ପରେ ଯେତେବେଳେ ଚାଦର କିମ୍ବା ତକିଆ କନଭେୟର ବେଲ୍ଟ ଦେଇ ଯାଇଥାଏ ତେବେ ଏହି କ୍ୟାମେରା ପ୍ରତି କପଡାର ହାଇ-ରିଜୋଲ୍ୟୁସନ୍ ଫଟୋ ନେଇଥାଏ । ଏହାପରର କାମ ଏଆର ରହିଥାଏ, ଯାହାକୁ ହଜାର ହଜାର ସଫା ଓ ଧଳା ଦାଗ ଥିବା କପଡାର ଡାଟା ଉପରେ ଟ୍ରେନିଂ ମିଳିଥିବ।

# ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ : ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ସୁପାରିଶ କରିବାକୁ ଇନଫୋସିସ୍ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକନିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଥିବା ନେଇ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏକ୍ସ (X) ରେ ଶେଆର କରାଯାଇଥିବା ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି।



ସେ କହିଛନ୍ତି ଯେ ଯେଉଁମାନେ "ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିଛନ୍ତି" ସେମାନେ ଏବେ ଜେଲ୍ରେ ଅଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସରକାର ପୂର୍ବରୁ ଏକ ଫାଷ୍ଟ-ଟ୍ରାକ୍ କୋର୍ଟ କୋଡ୍ ଆରମ୍ଭ କରିସାରିଛନ୍ତି ଏବଂ ପରୀକ୍ଷା ସମ୍ବନ୍ଧୀୟ ଅନିୟମିତତାଗୁଡ଼ିକର ମୁକାବିଲା ପାଇଁ କଠୋର ପ୍ରାବଧାନ ଥିବା ଏକ ନୂଆ ଆଇନ ସଂସଦରେ ଆଣିବାକୁ ମଧ୍ୟ ଆଗେଇ ଚାଲିଛନ୍ତି। ଦୀର୍ଘକାଳୀନ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରଯୁକ୍ତିବିଦ୍ୟାର ଅଧିକ ବ୍ୟବହାର ନିଶ୍ଚିତ କରିବା ସହ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ଭରସାଯୋଗ୍ୟ ଏବଂ ସ୍ୱଚ୍ଛ କରିବା ଉପରେ ଧ୍ୟାନ ଦେଉଛନ୍ତି। ଏହି ଲକ୍ଷ୍ୟଗୁଡ଼ିକୁ ଦୃଷ୍ଟିରେ ରଖି, ପ୍ରଧାନମନ୍ତ୍ରୀ ମୋଦି ଇନଫୋସିସ୍ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକନିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିବା ନିଷ୍ପତ୍ତି ବିଷୟରେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କହିବାନୁସାରେ, ଏହି ଟାସ୍କଫୋର୍ସ ପରୀକ୍ଷା ସଂସ୍କାର ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବ ଏବଂ ଯଥାଶୀଘ୍ର ନିଜର ସୁପାରିଶ ଦାଖଲ କରିବ। ଆଗାମୀ ପରୀକ୍ଷାଗୁଡ଼ିକର ବିଶ୍ୱସନୀୟତା ନିଶ୍ଚିତ କରିବା ପାଇଁ ସରକାର ଏହି କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡା

# ରୌପ୍ୟ ଜିତିଲେ ରିଷିକାନ୍ତ

ଭୁବନେଶ୍ୱର , ୨୬।୭(ସବ୍ୟୁ) : ଗ୍ଲାସଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡାର ଚତୁର୍ଥ ଦିନରେ ଭାରତୀୟ ଭାରତ୍ତୋଳକ ରିଷିକାନ୍ତ ସିଂ ରୌପ୍ୟ ଜିତି ଗୌରବ ଆଣିଛନ୍ତି । ପୁରୁଷ ୬୦ କିଲୋଗ୍ରାମ ବର୍ଗରେ ରିଷିକାନ୍ତ ସ୍ନାଚ୍ ବିଭାଗରେ ନୂଆ ରାଜ୍ୟଗୋଷ୍ଠୀ କ୍ରୀଡା ରେକର୍ଡ ସୃଷ୍ଟି କରିଛନ୍ତି । ମଣିପୁରର ୨୮ ବର୍ଷୀୟ ଭାରତ୍ତୋଳକ ରିଷିକାନ୍ତ ସିଂ ମୋଟ ୨୬୪ କିଲୋଗ୍ରାମ ଓଜନ ଉଠାଇ ଏହି ସଫଳତା ହାସଲ କରିଛନ୍ତି । ରିଷିକାନ୍ତ ନିଜର ପ୍ରଥମ ପ୍ରୟାସରେ ୧୧୬ କିଗ୍ରା ଏବଂ ଦ୍ୱିତୀୟରେ ୧୧୯ କିଗ୍ରା ସଫଳତାର ସହ ଉଠାଇଥିଲେ । ତୃତୀୟ ପ୍ରୟାସରେ ରିଷିକାନ୍ତ ୧୨୧ କିଲୋଗ୍ରାମ ଓଜନ ଉଠାଇ ପୂର୍ବର ୧୨୦ କେଜି ରାଜ୍ୟଗୋଷ୍ଠୀ କ୍ରୀଡା ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ବିଭାଗରେ ସେ ପ୍ରଥମ ପ୍ରୟାସରେ ୧୪୩ କିଲୋଗ୍ରାମ ଉଠାଇଥିଲେ । ପରବର୍ତ୍ତୀ ୧୫୧ କିଗ୍ରା ପ୍ରୟାସରେ ସେ ବିଫଳ ହୋଇଥିଲେ ।୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡାରେ ଏହା ଭାରତ ପାଇଁ ପ୍ରଥମ ରୌପ୍ୟ ପଦକ । ସମୁଦାୟ ଦ୍ୱିତୀୟ ପଦକ । ଏହା ପୂର୍ବରୁ ପାରା ପାୱାର ଲିଫ୍ଟିଂରେ ଝଣ୍ଟୁ କୁମାର ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ । ଆର୍ମି ସ୍ପୋର୍ଟ୍ସ ଇନଷ୍ଟିଚ୍ୟୁଟରୁ ତାଲିମପ୍ରାପ୍ତ



ରିଷିକାନ୍ତ ୨୦୧୯ ଭାରତ୍ତୋଳନ ଚାମ୍ପିଅନସିପରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ । ନିଜର ପ୍ରଥମ ରାଜ୍ୟଗୋଷ୍ଠୀ କ୍ରୀଡାରେ ସେ ଐତିହାସିକ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି ।

# ଶୃଙ୍ଖଳା ପୋଛିନେଲା ଭାରତ

ହରାରେ, ୨୬।୭(ଏଜେନ୍ସି) : ୨୦୨୬ ବର୍ଷରେ ଭାରତୀୟ ଦଳ ଶୃଙ୍ଖଳା କ୍ଲିନ୍ ସୁଇପ୍ କରିବାର ଗୌରବ ପାଇଛି । ଜିମ୍ବାୱେ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଟି -୨୦ ରେ ଭାରତ ୩୫ ରନ ବ୍ୟବଧାନରେ ବିଜୟ ଲାଭ କରି ୩-୦ରେ ଶୃଙ୍ଖଳା ପୋଛି ନେଇଛି । ହରାରେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭାରତ ୨୦ ଓଭରରେ ୫ ୱିକେଟ ହରାଇ ୧୯୨ ରନ କରିଥିଲା । ୧୫ ବର୍ଷୀୟ ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଭୈରବ ବ୍ୟାଟିଂ ଯୋଗୁ ଭାରତ ବଡ ସ୍କୋର କରିବାକୁ ସଫଳ ହୋଇଥିଲା । ବୈଭବ ୪୯ ବଲରୁ ୮୧ ରନର ଇନିଂସ ଖେଳିଥିଲେ । ଜବାବ୍‌ରେ ଜିମ୍ବାୱେ ୨୦ ଓଭରରେ ୭ ୱିକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା ।

ଭାରତୀୟ ଅଧିନାୟକ ଶ୍ରେୟାସ ଆୟର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ପାଇଁ ଅନୁକୂଳ ହରାରେ ପିଚ୍‌ରେ ବୈଭବଙ୍କ ସହ ମୁଜରବାନିଙ୍କ ଶିକାର ହୋଇଥିଲେ । ୧.୫ ଓଭରରେ ଦଳୀୟ ସ୍କୋର ୨୦ ରନ ବେଳେ ପ୍ରଥମ ୱିକେଟ ଝଡିଥିଲା । କିନ୍ତୁ ବୈଭବଙ୍କ ବ୍ୟାଟ ଥମିନଥିଲା ।




ଅଭିଶେକ ଶର୍ମା ଇନିଂସ ଓପନ କରିଥିଲେ । ପୂର୍ବ ମ୍ୟାଚ ଗୁଡିକ ଭଳି ଅଭିଶେକ ପୁଣି ବ୍ୟାଟିଂରେ ଫେଲ ମାରିଛନ୍ତି । ସେ ମାତ୍ର ୨ ରନ କରି ସେ ପଡିଆର ଚର୍ତୁଦିଗକୁ ସଟ୍ ଲଗାଇ ଜିମ୍ବାୱେ ବୋଲରଙ୍କୁ ଅଣନିଶ୍ୱାସୀ କରିଥିଲେ । ୪୯ ବଲର ସମ୍ମୁଖୀନ ହୋଇ ୮ ଟି ଚୌକା ଓ ୪ ଟି ବିଶାଳ ଛକା ସହାୟତାରେ ୮୧ ରନର ଧୂଆଁଧାର ଇନିଂସ ଖେଳିଥିଲେ । ୱିକେଟ ରକ୍ଷକ ଇଶାନ କିଶାନ ୨୬ ବଲରୁ ୨୯, ଅଧିନାୟକ ଶ୍ରେୟାସ ଆୟର ୧୮ ବଲରୁ ୨୭, ତିଲକ ବର୍ମା ଅପରାଜିତ ୧୧ ଏବଂ ରିଙ୍କୁ ସିଂ ୧୪ ବଲରୁ ୨୫ ରନ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୧୯୨/୫ ରନରେ ପହଞ୍ଚିଥିଲା । ଜିମ୍ବାୱେର ବ୍ରାଡ ଇଭାନ୍ସ ୨ ଟି, ସିକନ୍ଦର ରାଜା, ବ୍ଲେସିଙ୍ଗ ମୁଜରବାନି ଓ ୱେସଲି ମାଧେବିରେ ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୧୯୩ ରନର ବିଜୟ ଲକ୍ଷ୍ୟକୁ ଜିମ୍ବାୱେ ପିଛା କରିଥିଲା । ଘରୋଇ ଦଳ ଶୃଙ୍ଖଳା କ୍ଲିନ୍ ସୁଇପରୁ ବର୍ତ୍ତିବା ପାଇଁ ଯଥା ସାଧ୍ୟ ଲଢିଥିଲା । ବ୍ରିୟାନ ବେନିଟ୍‌ଙ୍କ ସହ ବେନ୍ କୁରନ ଇନିଂସ ଓପନ କରିଥିଲେ । ମୟଙ୍କ ଯାଦବଙ୍କ ପ୍ରଥମ ବଲରେ ବେନିଟ୍ ବୈଭବ ସୂର୍ଯ୍ୟବଂଶୀଙ୍କ ହାତରେ ଧରାପଡି ପାଭିଲିୟନ ଫେରିଥିଲେ । ବିନା ସ୍କୋରରେ ଜିମ୍ବାୱେ ପ୍ରଥମ ୱିକେଟ ହରାଇଥିଲା । ଏହାପରେ ବେନ୍ କୁରନ ୧୯ ବଲରୁ ୨୦, ଡିଅନ ମେୟର୍ସ ୧୫ ବଲରୁ ୧୯, ଅଧିନାୟକ ସିକନ୍ଦର ରାଜା ୦, ରିଆନ ଗୁରି ଅପରାଜିତ ୫୪, ୱେସଲି ମାଧେବିରୋ ୨୮, ଏବଂ ବ୍ରାଡ ଇଭାନ୍ସ ୧୪ ରନ କରିବା ସତ୍ତ୍ୱେ ଜିମ୍ବାୱେ ବିଜୟ ଲକ୍ଷ୍ୟଠାରୁ ୩୫ ରନ ପଛରେ ରହିଯାଇଥିଲା । ଭାରତର ମୟଙ୍କ ଯାଦବ ୪ ଓଭରରେ ୨୯ ରନ ଦେଇ ୩ଟି, ଯଶ୍ ଠାକୁର ୨ଟ, ଅଶୋକ ଶର୍ମା ଏବଂ ରବି ବିଷ୍ଣୋଇ ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ଚଳିତ ଶୃଙ୍ଖଳାରେ ବୈଭବ ୩ ଟି ଇନିଂସରେ ୧୫୧ ରନ କରି ପ୍ଲେୟାର ଅଫ ଦ ସିରିଜ ଏବଂ ତୃତୀୟ ମ୍ୟାଚରେ ୮୧ ରନ ପାଇଁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ ।

# ଓଡିଶା ବାହୁକୁସ୍ତି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର, ୨୬।୭(ସବ୍ୟୁ) : ଓଡିଶା ବାହୁକୁସ୍ତି ସଂଘର ସାଧାରଣ ବୈଠକ ଏବଂ ଆସନ୍ତା ୪ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବାହୁକୁସ୍ତି ସଂଘ ଅଧିନସ୍ଥ ସମସ୍ତ ଜିଲ୍ଲା ବାହୁକୁସ୍ତି ସଂଘ, ପ୍ରତିଷ୍ଠାତା ସଦସ୍ୟ ଓ ବିଶେଷ ନିମନ୍ତ୍ରିତ ସଦସ୍ୟଙ୍କୁ ନେଇ ଏକ ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଛନ୍ତି । ଏହା ସହ ବିଭିନ୍ନ କମିଟି, ପୃଷ୍ଠପୋଷକ ଓ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଛି । ସୁନିଲ ରାଜ ସଭାପତି, ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି । ଅଧ୍ୟକ୍ଷ ଶିବବ୍ରତ ମଲିକ, ପୃଷ୍ଠପୋଷକ ସଞ୍ଜୟ ଶର୍ମା ଓ ବିଶ୍ୱଜିତ ସେଠୀ, ଉପଦେଷ୍ଟା ମଣ୍ଡଳୀରେ ହୁକୁମ ସିଂ, ତାରାକାନ୍ତ ମହାପାତ୍ର, ରାଜକିଶୋର ସାହୁ, ଚିତ୍ତରଞ୍ଜନ ସ୍ୱାଇଁ, ଶିବ ଦାସ, ପୂର୍ଣ୍ଣଚନ୍ଦ୍ର ସିଂ ଅଛନ୍ତି । କାର୍ଯ୍ୟକାରୀ ସଭାପତି ଭାବେ ବିଜୟ କୁମାର ଶର୍ମା, ଉପସଭାପତି ସୁଶାନ୍ତ କୁମାର ପାତ୍ର ଓ ସଞ୍ଜିବ କୁମାର ଚିନ୍ନାରା, ନିର୍ବାଚିତ ହୋଇଛନ୍ତି । ମିଡିଆ ସଂଯୋଜକ ପୀୟୁଷ ମହାନ୍ତି, ଆଇନ ପରାମର୍ଶଦାତା ଅନିଲ ନାୟକ, ଆଥଲେଟିକ୍ କମିଟି ସଭ୍ୟ ଗଜାନନ ଶର୍ମା, ପ୍ରବୀର ଷଡଙ୍ଗୀ,




ଯୁଗ୍ମ ସମ୍ପାଦକ ସାଗର ନାୟକ, ଗୌରାଙ୍ଗ ପାତ୍ର, ସହସମ୍ପାଦକ ସଶିକାନ୍ତ ଜେନା, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଦସ୍ୟ ଚନ୍ଦନ ବେହେରା, ହିମାଂଶୁ ଶେଖର ଦାସ, ପ୍ରମୋଦ ମୁଖି, ସନ୍ନତ ମାହାରା, ମୀର ଅହମ୍ମଦ ଅଲି ଓ ଦେବାଶିଷ ଆଚାର୍ଯ୍ୟ ଧନେଶ୍ୱରା ସାହୁ, ଲକିରାଣୀ ପାତ୍ର, ସତ୍ୟରଞ୍ଜନ ମହାନ୍ତି ଓ ପୁନିମୁଖି ପ୍ରମୁଖ ୪ ବର୍ଷ ପାଇଁ ନୂଆ କାର୍ଯ୍ୟ ତୁଲାଇବେ । ନୂତନ ନିର୍ବାଚନ ସଦସ୍ୟମାନେ ବୈଠକରେ ଆଗାମୀ ଦିନରେ ବାହୁକୁସ୍ତିକୁ ଅଧିକ ଆଦୃତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ।

## ଫାଓ ଲିଗ୍

# ସନରାଇଜ, ମଙ୍ଗଳା କ୍ଲବ ବିଜୟୀ

ଭୁବନେଶ୍ୱର, ୨୬।୭(ସବ୍ୟୁ) : ଫୁଟବଲ ଆସୋସିଏସନ୍ ଅଫ ଓଡିଶାର ଘରୋଇ ପ୍ରତିଯୋଗିତା ଫାଓ ଲିଗରେ ରବିବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ସନରାଇଜ ଏବଂ ମଙ୍ଗଳା କ୍ଲବ ବିଜୟୀ ହୋଇଛନ୍ତି । ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ କିଶୋର କ୍ଲବକୁ ଭେଟିଥିଲା ସନରାଇଜ । ଏହି ମ୍ୟାଚରେ ସନରାଇଜ କ୍ଲବ ୨-୧ ଗୋଲରେ କିଶୋର କ୍ଲବକୁ ପରାଜିତ କରିଥିଲା । ବିଜୟୀ ଦଳର ଅମନ ଖାଲକୋ ଏବଂ ଅର୍ଶଦ ଗୋଲ ସ୍କୋର କରିଥିଲେ । କିଶୋର କ୍ଲବର ଆକାଶ ବେକ୍ ଏକମାତ୍ର ଗୋଲ ଦେଇଥିଲେ । ସେହିଭଳି ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମଙ୍ଗଳା କ୍ଲବ ୩-୨ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ହରାଇଛି । ମଙ୍ଗଳା କ୍ଲବର ଫଜିଲ, ଜଗନ ପୁରସେଟ୍ ଗୋଲ କରିଥିଲେ । ଇଣ୍ଡିପେଣ୍ଡେଣ୍ଟ କ୍ଲବର ଆଶିଷ କୁମାର ପ୍ରଧାନ ଗୋଲ ଦେଇଥିଲେ ।



# ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡିଶା ଦଳର ସଫଳତା

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ମହାରାଷ୍ଟ୍ରର ଔରଙ୍ଗାବାଦ ଠାରେ ୧୮ ରୁ ୨୩ ଜୁଲାଇ ରେ ଅନୁଷ୍ଠିତ ହେଇଯାଇଥିବା ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗୀତାରେ ଓଡିଶାର



ଶକ୍ତିଉତ୍ତୋଳକ ମାନେ ୧ ଟି ରୋପ୍ୟ ଓ ୪ ଟି କାଂସ୍ୟ ପଦକ ହାସଲ କରିଛନ୍ତି । ପଦକ ପାଇଥିବା ଶକ୍ତିଉତ୍ତୋଳକ ମାନେ ହେଲେ କୃଷ୍ଣ ଚନ୍ଦ୍ର ସାହୁ , ମାଷ୍ଟର-୨ , ପୁରୁଷ ୮୩ କିଲୋ ବିଭାଗରେ ରୋପ୍ୟ, ଉମାକାନ୍ତ ବେହେରା ,ମାଷ୍ଟର-୨, ପୁରୁଷ ୭୪ କିଲୋ ବିଭାଗରେ କାଂସ୍ୟ, ମୋହନ ନାଗ ପୁରୁଷ ମାଷ୍ଟର-୧, ୮୩ କିଲୋ ବିଭାଗରେ କାଂସ୍ୟ ପଦକ, ବାବୁଲା ସାମଲ ,ମାଷ୍ଟର-୨ ପୁରୁଷ ୯୩ କିଲୋ ବିଭାଗରେ, କାଂସ୍ୟ ଓ ବି. ଟି. ଭି. ରମନ ମୂର୍ତ୍ତି, ଇକ୍ୱିପ୍ଟ ମାଷ୍ଟର-୨, ୮୩ କିଲୋ ବର୍ଗ ରେ କାଂସ୍ୟ ପଦକ ହାସଲ କରିଛନ୍ତି ।

ବ୍ୟକ୍ତିଗତ ଲିଫ୍ଟରେ ରିତା ଘୋଷ, ମହିଳା ମାଷ୍ଟର-୧ , ୫୭ କିଲୋ ବର୍ଗରେ ବେଞ୍ଚ ପ୍ରେସରେ କାଂସ୍ୟ ପଦକ, ପ୍ରତିମା ରଥ, ମହିଳା ମାଷ୍ଟର-୧ , ବେଞ୍ଚ ପ୍ରେସ ୮୪ କିଲୋରୁ ଅଧିକ ବର୍ଗରେ, କାଂସ୍ୟ , ଗୀତାଞ୍ଜଳି ନାୟକ, ମହିଳା ମାଷ୍ଟର-୨, ୮୪ କିଲୋ ରୁ ଅଧିକ ବେଞ୍ଚ ପ୍ରେସରେ କାଂସ୍ୟ ସହ ଡେଡଲିଫ୍ଟରେ ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି । ମୌସୁମୀ ଟକରି, ମହିଳା ଇକ୍ୱିପ୍ଟ ମାଷ୍ଟର-୧, ୭୬ କିଲୋ ବେଞ୍ଚପ୍ରେସ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି । ରାକେଶ ଶତପଥୀ ଓଡିଶା ଦଳ ର କୋଚ ଭାବେ ଦଳସହ ଯାତ୍ରା କରିଥିଲେ । ଓଡିଶା ଦଳର ଏହି ସଫଳତା ପାଇଁ ପଦକ ବିଜେତା ଙ୍କୁ ଓଡିଶା ଶକ୍ତିଉତ୍ତୋଳନ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ , ଚିତ୍ତ ରଞ୍ଜନ ସ୍ୱାଇଁ ,ଡ. ଗୌରି ମହାନ୍ତି ପ୍ରଦୀପ ପାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଅରାତି ବିଜୟ ସ୍ମାରକୀ ଚେସ୍

# ଇଶାନୀ ବିଜେତା




ଭୁବନେଶ୍ୱର, ୨୬।୭(ସବ୍ୟୁ) : ପଞ୍ଚମ ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍‌ରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଇଶାନୀ ଦାସ ବିଜେତା ହୋଇଛନ୍ତି । ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୪.୫ ପଏଣ୍ଟ ସହ ଇଶାନୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ବ୍ଲୁଜୁମ୍ ସ୍କୁଲର ଆହାନ ଅଭିଜ୍ଞାନ ଦ୍ୱିତୀୟ, କଟକ ସିଡିଏ ଡିଏଭିର ପ୍ରିୟଦର୍ଶନ ରାୟ ତୃତୀୟ, ୟୁନିଟ୍ ୮ ଡିଏଭିର ଆରିଷ ନନ୍ଦ ଗୋସ୍ୱାମୀ ଚତୁର୍ଥ ଏବଂକେନ୍ଦ୍ରୀୟ ବିଦ୍ୟାଳୟ ୧ ର ଆଦର୍ଶ କୁମାର ରାଉତ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ୭, ୯, ୧୧, ୧୩ ଏବଂ ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦ୍ ବ୍ୟତୀତ ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ୫ ବର୍ଷୀୟ ସାନଭି ସ୍ୱାଇଁ ସର୍ବକନିଷ୍ଠ ଖେଳାଳି ଭାବେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ମନୋରଞ୍ଜନ ବିଶ୍ୱାଳ ଏବଂ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ମନୋଜ କୁମାର ବେହୁରା ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

# ଇତିହାସ ରଚିଲେ ଅନାହତ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି) : କାନାଡାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ସ୍କ୍ୱାଶ ଚାମ୍ପିଅନସିପରେ ଭାରତର ଅନାହତ ସିଂ ଚାମ୍ପିଅନ ହୋଇ ଇତିହାସ ରଚିଛନ୍ତି । ଫାଇନାଲରେ ଇଜିପ୍ଟର ରୁକାୟା ସାଲେମଙ୍କୁ ୧୧-୬,୧୧-୭, ୧୧-୯ ସେଟ୍‌ରେ ପରାସ୍ତ କରିଥିଲେ । ଭାରତର ପ୍ରଥମ ମହିଳା ସ୍କ୍ୱାଶ ଭାବେ ଜୁନିୟର ବିଶ୍ୱ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ତାଙ୍କ ପୂର୍ବରୁ କେବଳ ଜ୍ୟୋତ୍ସ୍ନା ଚିନାପ୍ପା ୨୦୦୫ରେ ରନର୍ସଅପ୍ ହୋଇଥିଲେ । ଅନାହତଙ୍କ ବିଜୟ ସହ ଦୀର୍ଘ ୧୫ ବର୍ଷ ଧରି ରହିଥିବା ଇଜିପ୍ଟର ଆଧିପତ୍ୟରେ ପୂର୍ଣ୍ଣଚ୍ଛେଦ ପଡିଛି । ପୂର୍ବରୁ ଅନାହତ ସେମିଫାଇନାଲରେ ଇଜିପ୍ଟର ବାର୍ବ ସିମେହଙ୍କୁ ୩-୧ ସେଟରେ ପରାସ୍ତ କରିଥିଲେ । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ମୋଟ ୬ ଟି ମ୍ୟାଚରୁ ଅନାହତ କେବଳ ଦୁଇଟି ସେଟ୍ ପରାଜିତ ହୋଇଥିଲେ । ସେ ପ୍ରଥମ ରାଉଣ୍ଡରେ ଅଷ୍ଟ୍ରେଲିଆର ଲିଲି ୱିଲସନଙ୍କୁ ୩-୦ରେ ପରାସ୍ତ କରିଥିଲେ । ଏହା ପରେ ସେ ହଂକଂର ପୁଇନିୟ ଚୋଲେ ଏବଂ ମାଲେସିଆର ଡୋଏସ୍ ସାନ୍‌ଲିଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ । କ୍ୱାଟର ଫାଇନାଲରୁ ଫାଇନାଲ ପର୍ଯ୍ୟନ୍ତ ସେ ୩ ଜଣ ଇଜିପ୍ଟ ଖେଳାଳିଙ୍କୁ ସାମ୍ନା କରିଥିଲେ ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ୬୬ତମ ରାଜ୍ୟ ବରିଷ୍ଠ ଚେସ୍ ପ୍ରତିଯୋଗିତା

# ପୁରୀର ଆୟୁଷ୍ମାନ, ଜଗଦୀଶଙ୍କ ସହ ୫ ମିଳିତ ଅଗ୍ରଣୀ

ଭୁବନେଶ୍ୱର, ୨୬।୭(ସବ୍ୟୁ) : ନିଖିଳ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କୀଟ ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ ହଲ୍‌ଠାରେ ଅନୁଷ୍ଠିତ ୬୬ତମ ରାଜ୍ୟ ବରିଷ୍ଠ ରେଟେଡ୍ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନ ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଆୟୁଷ୍ମାନ ମହାନ୍ତି,ଜଗଦୀଶ୍ ବାରିକ ଉଭୟ ପୁରୀ,ରାଜେନ୍ଦ୍ର! ସାହୁ,ସ୍ୱପ୍ନିଳ ପ୍ରିୟଦର୍ଶୀ ଉଭୟ ଖୋର୍ଦ୍ଧା, ଶିଧେଶ କାମିଲା ବାଲେଶ୍ୱର ଓ ଲଳିତ ରଞ୍ଜନ ସାହୁ କଟକ ପୂର୍ଣ୍ଣ ୪ ପଏଣ୍ଟ ସହ ମିଳିତ ଭାବେ ଟେବୁଲ ଶୀର୍ଷରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ପାଞ୍ଚ ଜଣ ଖେଳାଳି ମାତ୍ର ଅଧ ପଏଣ୍ଟ କମ୍ ବ୍ୟବଧାନରେ ମାନସ ରଞ୍ଜନ ପରିଡ଼ା, ସତ୍ୟମ୍ ମିଶ୍ର, ମନୀଷ ମିଶ୍ର, ଓମ୍ ଆଦିତ୍ୟ ଖାଡ଼ଙ୍ଗା,ସମସ୍ତେ ଖୋର୍ଦ୍ଧା ଓ ଅଦ୍ ଭିକ ଆଦିତ୍ୟ ସ୍ୱାଇଁ କଟକ ଚାରି ରାଉଣ୍ଡ ରୁ ସାଢ଼େ ତିନି ପଏଣ୍ଟ ହାସଲ କରି ମିଳିତ ଭାବେ ପରବର୍ତ୍ତୀ ରାଉଣ୍ଡରେ କଡ଼ା ଟକର ଦେଉଛନ୍ତି। କୀଟ ଓ କିସ୍ , ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଆସନ୍ତା ୫ ଦିନ ଧରି ଅନୁଷ୍ଠିତ ଏହି ୯ ରାଉଣ୍ଡ ବିଶିଷ୍ଟ ଚେସ୍ ପ୍ରତିଯୋଗିତାରେ ଆଜି ଦ୍ୱିତୀୟ ଦିନରେ ପ୍ରଥମ ଟେବୁଲରେ ପୁରୀର ଆୟୁଷ୍ମାନ ମହାନ୍ତି, ଖୋର୍ଦ୍ଧାର ଆରିନ୍ ଅନ୍‌ବଶେ ସ୍ୱାଇଁଙ୍କ ପିରକ ଡିଫେନ୍ସ ବିପକ୍ଷରେ ଧଳା ଦାନରେ ଅପଜିଟ୍ ସାଇଡ୍ କାଶଲିଙ୍ଗ କରି ବ୍ଲାକର ରାଜା ପଟେ ଏକ ପନ ସାକ୍ରିଫାଇସ କରି ଜୋରଦାର ଆକ୍ରମଣ କରି



ମାତ୍ର ୨୮ଟି ଚାଲରେ ଖେଳକୁ ନିଜ ସପକ୍ଷରେ ନେଇଥିଲେ। ସେହିପରି ୨ୟ ଟେବୁଲରେ ପୂର୍ବତନ ରାଜ୍ୟ ଚମ୍ପିୟାନ ଗଜପତିର ବଡ଼ ମୁଣ୍ଡି ତପନକୁ ରାଜେନ୍ଦ୍ର କୁମାର ସାହୁ କାଟାଲିଆନ୍ ଓପନିଙ୍ଗରେ ୫୦ଟି ଚାଲରେ ହରାଇ ବାଜି ମାତ କରିଥିବା ବେଳେ ୩ୟ ଟେବୁଲରେ ଜଗଦୀଶ ବାରିକ୍ କଳା ଦାନ ନେଇ ଫ୍ରେଞ୍ଚ୍ ଡିଫେନ୍ସରେ ଖୋର୍ଦ୍ଧାର ସାର୍ଥକ ମହାନ୍ତିଙ୍କୁ ୩୭ଟି ଚାଲରେ ଏକ ରୁକ୍ ଓ କୁଇନ୍ ମାଧ୍ୟମରେ ଜିତିଥିଲେ। ସେହିପରି ୪ର୍ଥ ବୋର୍ଡରେ ରାୟଗଡ଼ାର ଫକୀର ମାଝିଙ୍କୁ ସିଦ୍ଧେଶ କାମାଲିଆ, ବାଲେଶ୍ୱର କୁଇନ୍ ଗାମ୍ବିଟ ଡି କ୍ଲାଇନ୍ ଓପନିଙ୍ଗରେ ମଧ୍ୟ ଭାଗରେ ଚମତ୍କାର ଗୋଟି ଚାଳନା କରି ବିଜୟ ହାସଲ କରିଥିଲେ। ୫ମ ବୋର୍ଡରେ ସ୍ୱପ୍ନିଳ ପ୍ରିୟଦର୍ଶୀ ପେଟ୍ରୋଫ ଡିଫେନ୍ସରେ ୫୧ଟି ଚାଲରେ ସ୍ନେହାଯୁକ୍ତ ବେହେରା ଗଞ୍ଜାମଙ୍କୁ ପରାସ୍ତ କରିଥିଲେ। ସେହିପରି ଲଳିତ ରଞ୍ଜନ ସାହୁ ଏକ କୌଶଳ ପୂର୍ଣ୍ଣ ବାଜିରେ ଖୋର୍ଦ୍ଧାର ଖେତ୍ରବର୍ ମାଝୀଙ୍କୁ ପରାସ୍ତ କରିଥିବା ବେଳେ ଷଷ୍ଠ ଟେବୁଲରେ ପୂର୍ବତନ ରାଜ୍ୟ ଚମ୍ପିୟାନ ମାନସ ପରିଡ଼ା ଓ ସତ୍ୟମ ସର୍ବୋଜିତ ମିଶ୍ର ମଧ୍ୟରେ ରେଟି ସିମେଣ୍ଟିକାଲ ଓପନିଙ୍ଗରେ ଏକ କଡ଼ା ସଂଘର୍ଷ ମୁକାବିଲାରେ ନାଇଟ ଓ ବିଶପ ଖେଳରେ ପ୍ରାୟ ୧୨୦ଟି ଚାଲ ଉଭୟ ଉଭୟଙ୍କୁ ଆକ୍ରମଣ ପ୍ରତି ଆକ୍ରମଣ କଳାପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଉଭୟ ଶାନ୍ତି ଚୁକ୍ତି କରି ଖେଳକୁ ଅମିମାଂଶିତ ରଖି ପଏଣ୍ଟ ଭାଗ କରିଥିଲେ। ଛବିଶ ଜଣ ଖେଳାଳି ତିନି ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ନିଖିଳ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଆରବିଟର ନିହାର ରଞ୍ଜନ ସାମଲ ଓ ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ ଜାତୀୟ ସିନିୟର ଆରବିଟର ଅନିକେତ ଧାନି (ବୌଧ), ବିକ୍ରମ ବିଶ୍ୱାଳ, ମାନସ ରଞ୍ଜନ ପଟ୍ଟନାୟକ, ଗୌରହରି ମହାପାତ୍ର, ଓ ବିସ୍ମିତା ସ୍ୱାଇଁ ,ଲଲାଟ ସାମଲ ପରିଚାଳନା କରୁଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି